

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୧୦ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 DECEMBER 2021

Vol.No. 32 ■ No. 315 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ରଣକ୍ଷେତ୍ର ପାଲଟିଲା ଲୋୟର ପିଏମଜି

## ବିଜେପି ଯୁବ ମୋର୍ଚ୍ଚାର ବିଧାନସଭା ଘେରାଉ, ପୋଲିସ୍ - ଆନ୍ଦୋଳନକାରୀ ଧସ୍ତାଧସ୍ତି



ଭୁବନେଶ୍ୱର, ୦୯/୧୨ (ନି.ପ୍ର): ମମିତା ମେହେର ହତ୍ୟା ଘଟଣାରେ ଆନ୍ଦୋଳନକୁ ଓହ୍ଲାଇଥିବା ବିଜେପି ଯୁବ ମୋର୍ଚ୍ଚା ର ବିଧାନସଭା ଘେରାଉ ଉଦ୍ୟମ ବେଳେ ରଣକ୍ଷେତ୍ର ପାଲଟିଛି ଲୋୟର ପିଏମଜି। ଯୁବ ମୋର୍ଚ୍ଚା କର୍ମୀଙ୍କୁ ଅଟକାଇବାକୁ ପୋଲିସ୍ ର ଲାଠିମାଡ ଏବଂ ଧସ୍ତାଧସ୍ତିରେ ଉଭୟ ଆନ୍ଦୋଳନକାରୀ ଓ ପୋଲିସ୍ ଙ୍କ ସମେତ କିଛି ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆହତ ହୋଇଛନ୍ତି। ପୋଲିସ୍ ଶତାଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରିଛି। ଅପରପକ୍ଷରେ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କ୍ୟାପିଟାଲ ହସ୍ପିଟାଲରେ ଆହତ ପୋଲିସ୍ ଅଧିକାରୀଙ୍କୁ ଭେଟିଛନ୍ତି। ସେ କହିଛନ୍ତି ଏହି ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ପୋଲିସ୍ କର୍ମଚାରୀ ଓ ଅଧିକାରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସିସିଟିଭି ଫୁଟେଜ ଓ ଗଣମାଧ୍ୟମର ଫୁଟେଜ ଆଧାରରେ ଆକ୍ରମଣକାରୀଙ୍କ ବିରୋଧ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଏହି ଘଟଣାରେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଜେପି କର୍ମୀଙ୍କୁ ଭେଟିଛନ୍ତି ବିଜେପି ସଭାପତି ସମୀର ମହାନ୍ତି। ଡିସିପି ଉମାଶଙ୍କର ଦାସ କହିଛନ୍ତି ବିଜେପି କର୍ମୀଙ୍କ ଢେଲାମାଡରେ କିଛି ପୋଲିସ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ଢେଲାମାଡରେ ପୋଲିସ ଗାଡି ଭାଙ୍ଗିଛି। ଏସବୁର ଆକଳନ କରାଯିବ। ସିସିଟିଭି ଆଧାରରେ ଯାଂଚ କରିବ ପୋଲିସ। ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି। ଲୋୟର ପିଏମଜିରୁ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇ ଦିଆଯାଇଛି। ସୁରକ୍ଷା ବଳୟ ଭେଦ କରିବା ପାଇଁ ଆନ୍ଦୋଳନକାରୀମାନେ ଚେଷ୍ଟା କରିଥିଲେ। ପୋଲିସ ତାହା କରିବାକୁ ଦେଇନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ବହୁଚର୍ଚ୍ଚିତ ମମିତା ମେହେର ଅପହରଣ ଓ ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଏବଂ ▶▶ପୃଷ୍ଠା ୭

# ଦିଲ୍ଲୀରେ ପହଞ୍ଚିଲା ବିପିନ ରାୱତଙ୍କ ସହ ୧୩ଜଣଙ୍କ ମରଶରୀର : ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଲେ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୦୯/୧୨: ତାମିଲନାଡୁ କୁନ୍ନୁର ହେଲିକପ୍ଟର କ୍ରାଶରେ ପ୍ରାଣ ହରାଇଥିବା ଦେଶର ପ୍ରଥମ ସିଡିଏସ୍ ବିପିନ ରାୱତଙ୍କ ମରଶରୀର ଆଜି ଦିଲ୍ଲୀରେ ପହଞ୍ଚିଛି। ସୁଲୁର ଏୟାରବେସ୍‌ରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ତାଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀର ପାଲମ ଏୟାବେସ୍‌କୁ ଅଣାଯାଇଛି। ଏହି ବିମାନରେ ହେଲିକପ୍ଟର କ୍ରାଶରେ ପ୍ରାଣ ହରାଇଥିବା ସମସ୍ତ ୧୩ ଜଣଙ୍କ ମରଶରୀର ଆସିଛି। ବିମାନରୁ ପ୍ରଥମେ ଜେନେରାଲ ରାୱତଙ୍କ ପାର୍ଥିବ ଶରୀରକୁ ଗାର୍ଡ ଅଫ ଅନର ଦିଆଯାଇ ବାହାରକୁ ଅଣାଯାଇଥିଲା। ଏହାପରେ ଜଣଙ୍କ ପରେ ଜଣେ ଯବାନଙ୍କ ମରଶରୀରକୁ ବିମାନରୁ କଢ଼ା ଯାଇଥିଲା। ଏଠାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏୟାରବେସରେ ଜେନେରାଲ ରାୱତଙ୍କ ଦୁଇ ଝିଅ ଉପସ୍ଥିତ ରହିଛନ୍ତି। ଅନ୍ୟ ବୀରଙ୍କ ପରିବାର ଲୋକ ମଧ୍ୟ ପାଲମ ଏୟାରବେସ୍‌ରେ ଶେଷଦର୍ଶନ କରିବାକୁ ଅପେକ୍ଷା କରିଛନ୍ତି। ସେହିପରି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ସିଡିଏସ୍ ରାୱତ ଓ ଅନ୍ୟ ସମସ୍ତଙ୍କୁ ଏହିଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ସିଡିଏସ୍ ଓ ତାଙ୍କ ପତ୍ନୀ ମଧୁଲିକାଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀରେ ଥିବା ବାସଭବନକୁ ନିଆଯିବ। କାଲି ସାଧାରଣ ଲୋକ ସିଡିଏସ୍‌ଙ୍କୁ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ଦେଇପାରିବେ। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମଧ୍ୟ ଆସନ୍ତାକାଲି ସେଠାକୁ ଯିବାର କାର୍ଯ୍ୟକ୍ରମ ରହିଛି।

## ମିହିର ଦାସ ଅସୁସ୍ଥ : ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ହସ୍ପିଟାଲରେ ଭର୍ତ୍ତି



ଭୁବନେଶ୍ୱର, ୦୯/୧୨(ନି.ପ୍ର): ଅଭିନେତା ମିହିର ଦାସ ଅସୁସ୍ଥ । ବରିଷ୍ଠ ଅଭିନେତା ମିହିର ଦାସ ଅସୁସ୍ଥ ଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୂର୍ବରୁ ମିହିର ଦାସଙ୍କର କିଡନୀ ଜନିତ ସମସ୍ୟା ରହିଥିଲା । ବର୍ତ୍ତମାନ ସମୟରେ ଅଶ୍ୱିନୀ ହସ୍ପିଟାଲ ଭେଂଟିଲେଟରରେ ଅଛନ୍ତି ମିହିର ଦାସ । ମିହିର ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି ଡାକ୍ତରୀ ଟିମ୍ । ତେବେ ଓଲିଉଡରେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରି କୋଟିକୋଟି ଓଡିଶାବାସୀଙ୍କ ହୃଦୟ ଜିଣିପାରିଛନ୍ତି ମିହିର ଦାସ । ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଖୁବଶୀଘ୍ର ମିହିର ଦାସ ସୁସ୍ଥ ହୋଇ ଫେରିଆସନ୍ତୁ ।

## କୁନ୍ନୁର ହେଲିକପ୍ଟର ଦୁର୍ଘଟଣା: ବିଧାନସଭାରେ ଶୋକପ୍ରସ୍ତାବ ଆଗତ

ଭୁବନେଶ୍ୱର, ୦୯/୧୨(ନି.ପ୍ର): କୁନ୍ନୁର ହେଲିକପ୍ଟର ଦୁର୍ଘଟଣାରେ ବିଧାନସଭାରେ ଶୋକପ୍ରସ୍ତାବ । ସିଡିଏସଙ୍କ ସମେତ ୧୩ ଜଣଙ୍କ ବିୟୋଗରେ ଶୋକପ୍ରସ୍ତାବ । ଶୋକ ପ୍ରସ୍ତାବ ଆଗତ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିରୋଧୀ ଦଳ ମୁଖ୍ୟ ସଚେତକ ନରସିଂହ ମିଶ୍ର ସମର୍ଥନ ଜଣାଇଲେ । ସିଡିଏସ୍ ବିପିନ ରାୱତ ଏବଂ ତାଙ୍କ ପତ୍ନୀ ମଧୁଲିକା ରାୱତଙ୍କ ସମେତ ଅନ୍ୟ ୧୧ ଜଣ ସେନା ଅଧିକାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜଣାଇ ବିଧାନସଭାକୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କଲେ ବାଚସ୍ପତି । ୧୩ ଜଣଙ୍କ ବିୟୋଗରେ ବିଧାନସଭାରେ ଗୋଟିଏ ମିନିଟ ନିରବ ପ୍ରାର୍ଥନା ହୋଇଛି ।

# ଆନ୍ଦୋଳନ ଶେଷ : ୧୧ରୁ ଘରକୁ ଫେରିବେ ଚାଷୀ



ନୂଆଦିଲ୍ଲୀ, ୦୯/୧୨: କେନ୍ଦ୍ରର କୃଷି ଆଇନ ଓ ଏମଏସ୍‌ପି ଭଳି ଦାବି ନେଇ ଦୀର୍ଘ ଗୋଟିଏ ବର୍ଷ ହେଲା ଦିଲ୍ଲୀ ସୀମାରେ ଚାଷୀମାନେ କରୁଥିବା ଆନ୍ଦୋଳନ ଶେଷ ହୋଇଛି। ସରକାର ଲିଖିତ ଭାବେ ଚାଷୀଙ୍କ ସବୁ ଦାବି ମାନିବାକୁ ରାଜି ହୋଇଛନ୍ତି। ସରକାରଙ୍କ କଥାରେ ବିଶ୍ୱାସ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆଜି ଆନ୍ଦୋଳନକୁ ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୧ ତାରିଖରୁ ଚାଷୀମାନେ ଦିଲ୍ଲୀ ସୀମାରୁ ନିଜ ନିଜ ଘରକୁ ଫେରିବେ। ତେବେ ଜାନୁଆରୀ ୧୫ରେ ପୁଣି ଗୋଟିଏ ସମୀକ୍ଷା ବୈଠକ ବସିବ। ସରକାର ଦେଇଥିବା ପ୍ରତିଶ୍ରୁତି ଯଦି ପୂରଣ ନ କରିନ୍ତି, ତା'ହେଲେ ଏହି ବୈଠକ ପରେ ପୁଣି ଆନ୍ଦୋଳନ ପାଇଁ ମୋର୍ଚ୍ଚା ପାଗ ଭିଡ଼ ବୋଲି ଆଜି କହିଛି। ୨୦୨୦ ମସିହା ନଭେମ୍ବର ୨୬ରୁ ଦିଲ୍ଲୀର ସିଙ୍ଘୁ, ଗାଜିପୁର ଓ ଟିକରି ସୀମାରେ ଶତାଧିକ ଚାଷୀ ଆନ୍ଦୋଳନ ଆରମ୍ଭ କରିଥିଲେ। କେନ୍ଦ୍ର ସରକାର ଆଣିଥିବା ୩ଟି ଯାକ କୃଷି ଆଇନ ପ୍ରତ୍ୟାହାର ଦାବିରେ ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଥମେ ସରକାର ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ଆନ୍ଦୋଳନ ଜାରି ରଖିଥିଲେ। ଶେଷରେ ଚଳିତ ବର୍ଷ ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ କ୍ଷମା ମାଗିବା ସହ କୃଷି ଆଇନ ପ୍ରତ୍ୟାହାର କରାଯିବ ବୋଲି କହିଥିଲେ। ଏହାପରେ ଲୋକସଭା ଓ ରାଜ୍ୟସଭାରେ ଆଇନକୁ ପ୍ରତ୍ୟାହାର କରାଯାଇଥିଲା। ତେବେ ଚାଷୀମାନେ ଏମଏସ୍‌ପିର ଗ୍ୟାରେଣ୍ଟି, ଆନ୍ଦୋଳନ ବେଳେ ଚାଷୀଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ଦାବିରେ ଆନ୍ଦୋଳନ ଜାରି ରଖିଥିଲେ। ଦିନକୁ ଦିନ ଚାପ ବଢ଼ିବାରୁ କେନ୍ଦ୍ର ସରକାର ଚାଷୀଙ୍କ ସବୁ ଦାବି ମାନିବେ ବୋଲି ମଙ୍ଗଳବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହା ଉପରେ ମୋର୍ଚ୍ଚା ପକ୍ଷରୁ ଦୁଇ ଦିନ କାଳ ସିଙ୍ଘୁ ସୀମାରେ ବୈଠକ ବସିଥିଲା। ଶେଷରେ ଚାଷୀମାନେ କେନ୍ଦ୍ରର ପ୍ରସ୍ତାବକୁ ଗ୍ରହଣ କରି ଆନ୍ଦୋଳନ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ଚାଷୀ ନେତା ଗୁରୁନାମ ସିଂହ କହିଛନ୍ତି, ▶▶ପୃଷ୍ଠା ୭

# ଓମିକ୍ରନ ଭୟ: ଜାନୁଆରୀ ୩୧ ଯାଏ ବିଦେଶକୁ ଉଡ଼ିବନି ବିମାନ



ନୂଆଦିଲ୍ଲୀ, ୦୯/୧୨: ମହାମାରୀ କରୋନାର ମାରାତ୍ମକ ରୂପ ଓମିକ୍ରନ ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ଡିସେମ୍ବର ୧୫ରୁ ଆରମ୍ଭ ହେବାକୁ ଥିବା ନିୟମିତ ଅନ୍ତର୍ଜାତୀୟ ବିମାନ ସେବା ଉପରେ ଆଜି ରୋକ ଲଗାଇ ଦିଆଯାଇଛି। ଏହି କଟକଣା ଜାନୁଆରୀ ୩୧ ଯାଏ ବଳବତ୍ତର ରହିବ। ଅର୍ଥାତ ଜାନୁଆରୀ ୩୧ ଯାଏ ବିଦେଶକୁ ବିମାନ ଉଡ଼ି ପାରିବ ନାହିଁ। ତେବେ ବାୟୋବବଲ୍ସ ଚୁକ୍ତି ଅନୁସାରେ ବର୍ତ୍ତମାନ ଯେଉଁଭଳି ବିଦେଶକୁ ବିମାନ ଉଡ଼ାଣ କରୁଛି ଓ ସେଠାରୁ ଆସୁଛି, ତାହା ଜାରି ରହିବ। ଜାନୁଆରୀ ୩୧ ଯାଏ ଅନ୍ତର୍ଜାତୀୟ ବିମାନ ଉପରେ ଲାଗୁ ହେଉଥିବା କଟକଣା ସମ୍ପର୍କରେ ଡିଜିସିଏ କହିଛି ଯେ କାର୍ଗୋ ଓ ସ୍ୱତନ୍ତ୍ର ଅନୁମତି ପ୍ରାପ୍ତ ବିମାନ ଉପରେ ଏହି କଟକଣା ଲାଗୁ ହେବନାହିଁ। ସେହିପରି ସ୍ଥିତିକୁ ସମୀକ୍ଷା କରି କିଛି ନିର୍ଦ୍ଦିଷ୍ଟ ରୁଟ୍ ?ରେ ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ଦିଆଯିବ ବୋଲି ଡିଜିସିଏ କହିଛି। ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା ଓମିକ୍ରନ ଭାରିଏଣ୍ଟ ଏବେ ୫୭ରୁ ଅଧିକ ଦେଶକୁ ବ୍ୟାପିଲାଣି। ଭାରତରେ ମଧ୍ୟ ଏହି ଭାରିଏଣ୍ଟ ଠାବ ହୋଇଛି। ଓମିକ୍ରନର ସଂକ୍ରମଣ କ୍ଷମତା ଡେଲ୍ଟା ଠାରୁ ପ୍ରାୟ ୩ଗୁଣ ଅଧିକ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏକାଧିକ ଦେଶ ବିମାନ ଯାତ୍ରାରେ କଟକଣା ଲଗାଉଛନ୍ତି। ଭାରତ ସରକାର ମଧ୍ୟ କଟକଣା ▶▶ପୃଷ୍ଠା ୭

# ସରକାରୀ ଚାକିରି ପାଇଁ ବଙ୍ଗାଳୀ ଶିଖିବା ଜରୁରୀ : ମମତା ବାନାର୍ଜୀ



ଭୁବନେଶ୍ୱର, ୦୯/୧୨(ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି ଯେ ଯେଉଁମାନେ ବଙ୍ଗାଳୀ ଜାଣନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ଚାକିରି ପାଇଁ ଆବେଦନ କରିବା ସମୟରେ ଅଗ୍ରାଧିକାର ଦେବେ। ବଙ୍ଗାଳୀ ନଜାଣି ବ୍ୟକ୍ତିଙ୍କ ଅପେକ୍ଷା ବଙ୍ଗାଳୀ ଜାଣିଥିବା ବ୍ୟକ୍ତିଙ୍କୁ ପଶ୍ଚିମବଙ୍ଗରେ ସରକରୀ ଚାକିରି ପାଇଁ ମନୋନୟନ କ୍ଷେତ୍ରରେ ପ୍ରାଥମିକତା ଓ ଅଗ୍ରାଧିକାର ମିଳିବ। ପଶ୍ଚିମବଙ୍ଗ ବାସିନ୍ଦାଙ୍କ ପାଇଁ ସରକାରୀ ଚାକିରି ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପକୁ ଏକ ଦୃଢ ପଦକ୍ଷେପ ଭାବରେ ବିଚାର କରାଯାଉଛି। ବୁଧବାର ଦିନ ମାଲଦା ଜିଲ୍ଲାରେ ଏକ ପ୍ରଶାସନିକ ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ବାନାର୍ଜୀ କହିଛନ୍ତି ଯେ ପଶ୍ଚିମବଙ୍ଗଳାରେ ରହୁଥିବା ଲୋକଙ୍କୁ ଏପରି ଚାକିରି ପାଇଁ ପ୍ରାଥମିକତା ଦିଆଯିବା ଆବଶ୍ୟକ। 'ମୁଁ ସମସ୍ତ ରାଜ୍ୟ ପାଇଁ ଏହା କହୁଛି, ବଙ୍ଗଳାରେ ନିଯୁକ୍ତି ସୃଷ୍ଟି ହେବା ପାଇଁ ବଙ୍ଗଳାର ବାସିନ୍ଦାଙ୍କୁ ଅଗ୍ରାଧିକାର ମିଳିବା ଉଚିତ୍। ଆପଣ ନିଶ୍ଚୟ ବଙ୍ଗଳା ଭାଷା ଜାଣିବେ ଏବଂ ବଙ୍ଗଳାର ବାସିନ୍ଦା ହେବେ'; ବୋଲି ସେ କହିଛନ୍ତି। ବିହାର କିମ୍ବା ୟୁପିରେ ▶▶ପୃଷ୍ଠା ୭

## ରାଜଧାନୀରେ ସ୍କୁଲକୁ ଛୁଇଁଲା କରୋନା

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ସ୍କୁଲକୁ ଡେଇଁଲା କୋରୋନା। କ୍ୟାପିଟାଲ ହାଇସ୍କୁଲର ଦୁଇ ଜଣ ଛାତ୍ର କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି। ସେପଟେ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ୧୦ରୁ ଅଧିକ ଶିକ୍ଷକ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବୁଧବାର ସ୍କୁଲର ୩୭୨ ଜଣ ଛାତ୍ରଛାତ୍ରୀଙ୍କର କୋଭିଡ୍ ହୋଇଥିଲା। ସେମାନଙ୍କ ଭିତରୁ ନବମ ଶ୍ରେଣୀର ଦୁଇ ଜଣ ଛାତ୍ର କରୋନା ପଜିଟିଭ୍ ହୋଇଥିବା ଚିହ୍ନଟ ▶▶ପୃଷ୍ଠା ୭

# ବାଚସ୍ପତିଙ୍କ ଉପରକୁ ପ୍ଲାକାର୍ଡ ଫିଙ୍ଗିଲେ ବିରୋଧୀ : ଆସନ୍ତାକାଲି ଯାଏଁ ଗୃହ ମୁଲତବୀ



ଭୁବନେଶ୍ୱର, ୦୯/୧୨(ନି.ପ୍ର): ପୁଣି ବିଧାନସଭାରେ ବିରୋଧୀଙ୍କ ହୋହଲ୍ଲା । ବାଚସ୍ପତିଙ୍କ ଉପରକୁ ପ୍ଲାକାର୍ଡ ଫିଙ୍ଗିଲେ ବିରୋଧୀ । ଅପରାହ୍ନରେ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚ ଦାବି ଉପସ୍ଥାପିତ କରୁଥିବାବେଳେ ବିରୋଧୀମାନେ ମନ୍ତ୍ରୀଙ୍କ ଆଗରେ ହୋହଲ୍ଲା କରିଛନ୍ତି । ଖାଲି ସେତିକି ନୁହେଁ ବିଜେପି ବିଧାୟକମାନେ ବିଧାନସଭା ଭିତରେ ଘଣ୍ଟ ବାଡେଇ ହଟ୍ଟଗୋଳ କରିଥିଲାବେଳେ, କଂଗ୍ରେସ ବିଧାୟକ ମଧ୍ୟ ଗୃହ ଭିତରେ ହୋ ହଲ୍ଲା କରିଛନ୍ତି । ବିଧାନସଭାରେ ଆଜି ବିରୋଧୀ କଂଗ୍ରେସ ଓ ବିଜେପି ସଦସ୍ୟମାନେ ଘଣ୍ଟମାଡ କରିଛନ୍ତି । ବିରୋଧୀମାନେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଉପରକୁ ପ୍ଲାକାର୍ଡ ମଧ୍ୟ ଫୋପାଡିଛନ୍ତି । ଏହାପରେ ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

# ହେଲିକପ୍ଟର କ୍ରାଶର ତଦନ୍ତ କରିବେ ଏୟାର ମାର୍ଶଲ ମାନବେନ୍ଦର ସିଂହ

ନୂଆଦିଲ୍ଲୀ, ୦୯/୧୨: ତାମିଲନାଡୁର କୁନ୍ନୁର ଠାରେ ଘଟିଥିବା ଭୟଙ୍କର ହେଲିକପ୍ଟର କ୍ରାଶର ତ୍ରି-ସର୍ଭିସ ସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ବୁଧବାର ମଧ୍ୟାହ୍ନ ସମୟରେ ଭାରତୀୟ ବାୟୁସେନାର ଏମଆଇ ସିରିଜ୍ ହେଲିକପ୍ଟର କ୍ରାଶ କରିବାକୁ ୧୩ ଜଣଙ୍କ ଜୀବନ ଯାଇଛି। ଏହି ହେଲିକପ୍ଟର୍‌ରେ ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ ଓ ତାଙ୍କ ପତ୍ନୀ ମଧୁଲିକା ରହିଥିଲେ। ଉଭୟ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ପୂରା ଦେଶ ସ୍ତବ୍ଧ ହୋଇ ଯାଇଛି। ଘଟଣା ପରେ ହିଁ ବାୟୁସେନା ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। କାଲି ଠାରୁ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ତଦନ୍ତ ଦାୟିତ୍ୱ ଏୟାର ମାର୍ଶଲ ମାନବେନ୍ଦର ସିଂହଙ୍କ ନେତୃତ୍ୱରେ ହେଉଛି ବୋଲି ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଂସଦକୁ ଅବଗତ କରାଇଛନ୍ତି। ଏୟାର ମାର୍ଶଲ ମାନବେନ୍ଦର ସିଂହଙ୍କ ଟିମ କାଲି ହିଁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏୟାର ମାର୍ଶଲ ମାନବେନ୍ଦର ନିଜେ ଜଣେ ଦକ୍ଷ ପାଇଲଟ। ତେଣୁ ସେ ଘଟଣାର ଭଲ ଭାବେ ତଦନ୍ତ କରିପାରିବେ ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରରୁ ଆଜି ବ୍ଲାକ୍ ବକ୍ସ ଠାବ ହୋଇଛି। ଏହି ବ୍ଲାକ ବକ୍ସକୁ ଟେକ୍ନିକାଲ ଟିମ୍ ଯାଞ୍ଚ କରିବ। ଏହାପରେ ପୂରା ଘଟଣା ସାମ୍ନାକୁ ଆସିବ ବୋଲି କୁହାଯାଉଛି। ଖରାପ ପାଗ ନା ବୈଷୟିକ ତ୍ରୁଟିରୁ ଏପରି ଘଟଣା ଘଟିଲା, ସେକଥା ଜାଣିବା ପାଇଁ ପୂରା ଦେଶ ଅପେକ୍ଷା କରିଛି। ବୁଧବାର ଜେନେରାଲ ରାୱତ ଦିଲ୍ଲୀରୁ କୋଏମ୍ବାଟୁରର ସୁଲୁର ଯାଇଥିଲେ। ସେଠାରୁ ଏମଆଇ ୧୭ ଭି୫ ହେଲିକପ୍ଟର ଦ୍ୱାରା ନୀଳଗିରି ହିଲ୍ସରେ ଥିବା ୱେଲିଂଟନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସିଡିଏସ୍‌ଙ୍କ ସହ ତାଙ୍କ ପତ୍ନୀ ମଧୁଲିକା ମଧ୍ୟ ରହିଥିଲେ। ଏମାନଙ୍କ ବ୍ୟତୀତ ୬ ଜଣ କ୍ରୁ ସଦସ୍ୟଙ୍କୁ ମିଶାଇ ମୋଟ ୧୪ ଜଣ ହେଲକପ୍ଟର୍‌ରେ ଉଡ଼ାଣ ଭରିଥିଲେ। ▶▶ପୃଷ୍ଠା ୭

# ସିଗାରେଟ୍ ବିକ୍ରି ଉପରେ ଲାଗିବ ରୋକ

ଅକଲାଣ୍ଡ, ୦୯/୧୨ (ନି.ପ୍ର): ଧୂଆଁ ଓ ରୋଗ ମୁକ୍ତ ଦେଶ ଗଠନ କରିବାକୁ ସିଗାରେଟ୍ ବିକ୍ରି ଉପରେ ରୋକ ଲଗାଇବେ ସରକାର। ଭବିଷ୍ୟତ ପିଢ଼ି ଯେମିତି ସିଗାରେଟ କିଣି ନ ପାରିବେ, ସେଥିପାଇଁ ଗୁରୁବାର ନ୍ୟୁଜିଲ୍ୟାଣ୍ଡ ସରକାର ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଯୋଜନା ଅନୁଯାୟୀ, ୧୪ ବର୍ଷ କିମ୍ବା ତା'ଠାରୁ କମ ବୟସ୍କଙ୍କୁ ୨୦୨୭ ପରଠାରୁ ଜୀବନ କାଳ ମଧ୍ୟରେ ଆଉ ସିଗାରେଟ୍ କିଣିବାକୁ ଅନୁମତି ମିଳିବ ନାହିଁ। ସେହପରି ତମାଖୁ ବିକ୍ରି କରିବାକୁ ଅନୁମତି ପାଇଥିବା ସଂସ୍ଥାକୁ ହ୍ରାସ କରାଯିବ। ଏଥିସହ ବିଭିନ୍ନ ତମାଖୁ ଜାତୀୟ ପଦାର୍ଥର ବ୍ୟବହାର ହେଉଥିବା ନିକୋଟିନର ମାତ୍ରାକୁ ମଧ୍ୟ ସରକାର ସମୟକ୍ରମେ ହ୍ରାସ କରିବେ। ନ୍ୟୁଜିଲ୍ୟାଣ୍ଡର ଆସୋସିଏଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଆୟେଶା ଭେରାଅଲ କହିଛନ୍ତି, "ଆମେ ଚାହୁଁଛୁ ଦେଶର ଯୁବପିଢ଼ି କେବେ ହେଲେ ସିଗାରେଟ ଟାଣନ୍ତୁ ନାହିଁ। ତେଣୁ ଯୁବପିଢ଼ିକୁ ଏଥିରୁ ନିବୃତ୍ତ କରିବା ପାଇଁ ସିଗାରେଟ ଟାଣିବା ଓ ଯେକୌଣସି ତମାଖୁର ସପ୍ଲାଏ କରିବା ଭଳି ଘଟଣାକୁ ଅପରାଧ ଭାବେ ବିବେଚନା କରିବୁ। ବର୍ତ୍ତମାନ ନ୍ୟୁଜିଲ୍ୟାଣ୍ଡରେ ୧୫ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରୁ ୧୧.୬% ଲୋକ ସିଗାରେଟ ଟାଣୁଛନ୍ତି। କିନ୍ତୁ ଦେଶର ମାଓରି ସଂପ୍ରଦାୟର ପ୍ରାପ୍ତବୟସ୍କଙ୍କ ମଧ୍ୟରେ ଏହି ସଂଖ୍ୟା ୨୯% ରହିଛି।" ସରକାର ସିଗାରେଟ କବଳରୁ ଯୁବପିଢ଼ିଙ୍କୁ ରକ୍ଷା କରିବା ପାଇଁ ଆସନ୍ତାବର୍ଷ ଜୁନ ମାସରେ ଏହି ବିଲ୍‌କୁ ▶▶ପୃଷ୍ଠା ୭

# ଡ଼କାୟତି ଯୋଜନା ଫେଲ୍: ମାରଣାସ୍ତ୍ର ବୋଲେରୋ ସହ ୭ ଧରାପଡିଲେ

ବଲାଙ୍ଗିର,୦୯/୧୨ (ନି.ପ୍ର): ପଣ୍ଡ ହେଲା ଡ଼କାୟତି ଯୋଜନା । ଡ଼କାୟତି ପାଇଁ ଯୋଜନା କରିଥିବା ଆନ୍ତଃ ଜିଲ୍ଲାର ୭ ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଟିଟିଲାଗଡ଼ ପୁଲିସ । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଗତକାଲି ରାତି ସାଢ଼େ ୧୦ଟାରେ ଟିଟିଲାଗଡ଼ ପୁଲିସର ଏକ ଟିମ୍ ଟିଟିଲାଗଡ଼ ବ୍ଲକ ସିହିନୀ ପଚାଂୟତ ଅଂଚଳରେ ରାତ୍ରୀକାଳୀନ ପାଟ୍ରୋଲିଂ କରୁଥିଲେ । ତେବେ ସିହିନୀର ବଛାୟୁଝାରୁ ୧ କିମି. ଦୂରସ୍ଥ ଏକ ଧାନ ଖଳାରେ ଗୋଟିଏ ବଲେରୋ ଗାଡ଼ି ସହ ଦୁଇ ଜଣ ଛିଡ଼ା ହୋଇଥିବା ଦେଖି ପୁଲିସ ସନ୍ଦେହ କରି ପଚରା ଉଚୁରା କରୁଥିଲା । ଏହି ସମୟରେ ଖଳାର ଅନ୍ୟପଟେ ବସିଥିବା ଆଉ ଜଣେ ଫେରାର ମାରିବାକୁ ଉଦ୍ୟମ କରିବାରୁ ପୁଲିସ ତା'ସହ ୭ ଜଣକୁ କାବୁ କରିନେଇଥିଲା । କାବୁ କରିବା ପରେ ଥାନାଧିକାରୀ ରଞ୍ଜନ ବରିହା ଓ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥି ଘଟଣାସ୍ଥଳରେ ପହଂଚିଥିଲେ । ତଦନ୍ତ କରିବାରୁ ଜଣାପଡିଥିଲା ଯେ, ୭ ଜଣ ବଙ୍ଗୋମୁଣ୍ଡା ଥାନା ପଛପଟେ ରହିଥିବା ଜଣେ ବ୍ୟବସାୟୀଙ୍କ ଘରେ ଡ଼କାୟତି କରିବାକୁ ଯୋଜନା କରିଥିଲେ । ଆଉ କିଛି ସମୟ ପରେ ଡ଼କାୟତି କରିବାକୁ ଯାଇଥାନ୍ତେ । ସେଥିପାଇଁ ଏମାନେ ଯୋଜନା ମଧ କରିଥିଲେ । ଏହା ଜାଣି ପୁଲିସ ୭ ଜଣଙ୍କୁ ଟିଟିଲାଗଡ଼ ଥାନାକୁ ଆଣି ରାତ୍ରି ସାଢ଼େ ୪ଟାରେ ଗିରଫ ଦର୍ଶାଇଥିଲା । ତେବେ ଗିରଫ ହୋଇଥିବା ଡ଼କାୟତମାନଙ୍କ ଠାରୁ ପୁଲିସ ବିଭିନ୍ନ ମାରଣାସ୍ତ୍ର ସମେତ ଗୋଟିଏ ପିସ୍ତଲ, ୫ଟି ମୋବାଇଲ, ଘଟଣା ଘଟାଇବାକୁ ଥିବା ଘରର ରୋଡ ମ୍ୟାପ ଓ ଓଡି ୦୨ସି ୦୩୩୦ ନମ୍ବର୍ ବିଶିଷ୍ଟ ଏକ ବୋଲେରୋ ଗାଡ଼ି ଜବତ କରିଛି । ଏନେଇ ପୁଲିସ ଥାନା କେସ୍ ନମ୍ବର ୪୨୬ରେ ଭାରତୀୟ ଦଣ୍ଡ ବିଧି ଆଇନର ୩୯୯, ୪୦୨ ଓ ଆର୍ମସ ଆକ୍ଟରେ ମାମଲା ରୁଜୁ କରି ଗିରଫ ୭ ଜଣ ଡ଼କାୟତଙ୍କୁ କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନଙ୍କ ମଧରେ ଟିଟିଲାଗଡ଼ ଥାନା ବାଛାୟୁଝା ଗ୍ରାମର ବୁଧୁ ପରଭୁଏ (୬୦), ସୁକୁନଭଟା ଗ୍ରାମର ହେମନ୍ତ ଚନ୍ଦନ (୪୦), ଶିଲୁଆଁ ଗ୍ରାମର ଦେବ ମାଝୀ (୨୭), ଭାଟିପଡ଼ାର ଗୋବିନ୍ଦ ସିପକା (୨୫), ଟିଟିଲାଗଡ ଠିକାଦାର ପଡ଼ାର ଚିନୁ ଓରଫ ଚିନ୍ମୟ ସାହୁ (୪୩), ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଧିନସ୍ଥ ମାନେଶ୍ୱର ଗ୍ରାମର ରବିନ୍ଦ୍ର ବିଭାର(୩୯) ଓ କନେକପୁର ଗ୍ରାମର ଅଭିମନ୍ୟୁ ସାଣ୍ଡ(୪୧) ପ୍ରମୁଖ ରହିଛନ୍ତି । ଏମାନଙ୍କ ମଧରୁ ହେମନ୍ତ ଚନ୍ଦନଙ୍କ ବିରୋଧରେ ଭବାନୀପାଟଣା, କେସିଙ୍ଗା, କେଗାଁ, ନର୍ଲା, ଗୋଲାମୁଣ୍ଡା ଓ ଖରିଆର ଥାନାରେ ୧୧ଟି ମାମଲା, ଚିନ୍ମୟ ସାହୁଙ୍କ ବିରୁଦ୍ଧରେ ଟିଟିଲାଗଡ଼, ପାଟଣାଗଡ଼, ଲରମ୍ବା, ଅମ୍ବାଦୋଲା ଆଦି ଥାନାରେ ୭ଟି ମାମଲା, ବୁଧୁ ପରାଭୁଏଙ୍କ ବିରୋଧରେ ଟିଟିଲାଗଡ଼, ଭବାନୀପାଟନା, ଏସ ରାମପୁର, ସମ୍ବଲପୁରର ଜମନକିରା ଓ କୁଚିଣ୍ଡା ଥାନାରେ ୧୪ଟି ମାମଲା ଓ ରବିନ୍ଦ୍ର ବିଭାରଙ୍କ ବିରୋଧରେ ବାଉଁଶୁଣୀ ଓ ଜମନକିରା ଥାନାରେ ୨ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି । ବଲାଙ୍ଗିର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଓ ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ର ନାଥ ଶତପଥିଙ୍କ ତତ୍ୱାବଧାନରେ ପୁଲିସ ଏସଆଇ ହେମକାନ୍ତୀ ଛତ୍ରିଆ, ଏଏସଆଇ କାର୍ତ୍ତିକ ପ୍ରଧାନ, ହାବିଲଦାର ଚେତନ ବାଗ ଓ ଅରବିନ୍ଦ ଖମାରୀ, ସିପାହୀ ଏସ. ଭୋଇ ଓ ଏପି ଫୋର୍ସର ପୀତାମ୍ବର ପୁଜାରୀ, ମୀନକେତନ ପାଣ୍ଡେ, ରାଜକୁମାର ମାଝୀ, ରାବା ମୂତା, ନରେଶ କହଁର ପ୍ରମୁଖ ଅଭିଯୁକ୍ତ ମାନଙ୍କୁ ମିଳିତ ଭାବେ କାବୁ କରିଥିଲେ ।

# ପାଣ୍ଡ୍ରିପାଣି ସରପଂଚ ଶିବ ଖେମୁଡୁଙ୍କ ପ୍ରତିମୃତ୍ତି ସ୍ଥାପନ

ମାଲକାନଗିରି,୦୯/୧୨ (ନି.ପ୍ର): ଆଜି ମାଲକାନଗିରି ବ୍ଲକ ସ୍ଥିତ ପାଣ୍ଡ୍ରିପାଣି ଠାରେ ପୂର୍ବତନ ସରପଂଚ ସ୍ୱର୍ଗତ ଶିବ ଖେମୁଡୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇ ଯାଇଛି !ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା,ସମ୍ମାନିତ ଅତିଥିଭାବେ ଉପ-ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଡୁ, ମାଲକାନଗିରି ସରପଂଚ ସଙ୍ଘର ଉପଦେଷ୍ଟା କେଶବଚନ୍ଦ୍ର ନାୟକ,ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ,ବିଜୁ ଜନତା ଦଳ ଯୁବ ସଭାପତି ଆଡାମା ରାବା,ଘନ ଶ୍ୟାମ ମାଡକାମୀ, ଘେନୁମୁଦୁଲି, ଶ୍ରୀମତୀ ଦହନା ଟାଙ୍ଗୁଲୁ, ସରପଂଚ ସଙ୍ଘର ସଂପାଦକ ଦଶରଥ ଡୁରୁକା, ସଂଗଠକ ସୋନୁ ଅନୁଗୁ ପ୍ରମୁଖ ଯୋଗ ଦେଇଥିବା ବେଳେ ସଙ୍ଘର ସଭାପତି ଭୀମେ ବାର୍ସେ ସଭାପତିତ୍ୱ କରିଥିଲେ !ଗତ ୨୪ ତାରିଖରେ ପାଣ୍ଡ୍ରିପାଣି ଠାରେ ବିବାହ ଉତ୍ସବରେ ବରଯାତ୍ରୀଙ୍କ ଉପରେ ଚାଉଳ ଟ୍ରକ ଚଢି ଯିବା ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହାତ ହୋଇଥିଲେ !ପାଣ୍ଡ୍ରିପାଣି ସରପଂଚ ଶିବ ଖେମୁଡୁଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ! ସେ ୨୦୧୭ ରେ ପାଣ୍ଡ୍ରିପାଣି ପଂଚାୟତର ସରପଂଚ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ ତାଙ୍କ କାର୍ଯକାଳ ୨୦୨୧ ଫେବୃଆରୀ ମାସରେ ସମାପ୍ତହୋଇଥାନ୍ତା !ସେ ବିଜେଡିର ଜଣେ ଟାଣୁଆ ନେତା ଭାବେ ଜଣାଶୁଣା ଥିଲେ !ସ୍ୱର୍ଗତ ଶିବ ଖେମୁଡୁ ଜଣେ ପରୋପକାରୀ, ସମାଜ ସେବୀ ତଥା ଜନ ପ୍ରିୟ ସରପଂଚ ଭାବେ ସମଗ୍ର ଅଂଚଳରେ ତାଙ୍କର ପରିଚିତ ଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ ! ମାଲକାନଗିରି ଜିଲ୍ଲାରେ ଅନେକ ନେତାଙ୍କ ବିୟୋଗ ଘଟିଥିଲେ ମଧ୍ୟତାଙ୍କର ଗୋଟିଏ ମଧ୍ୟପ୍ରତିମୂର୍ତ୍ତିଟିଏ ନାହିଁ,ଏଣୁ ସରପଂଚ ସଂଘ ଏ ଯେଉଁ ପୂଜ୍ୟ ପୂଜାର ପରମ୍ପରାରା ସୃଷ୍ଟି କଲେ ନିଶ୍ଚିତ ଧନ୍ୟବାଦର ପାତ୍ରବୋଲି ଅତିଥି ମାନେ କହିଥିଲେ ! ଶେଷରେ ସଂଗଠକ ସୋନି ଅନୁଗୁ ଧନ୍ୟବାଦ ଅର୍ପଣ କରିଥିଲେ !

# ହାତୀ ଦାନ୍ତ ଚୋରା ଚାଲାଣ ବେଳେ ୨ ଜଣଙ୍କୁ ଗିରଫ କଲା ଏସ୍ ଟିଏଫ୍

ବଲାଙ୍ଗୀର ,୦୯/୧୨ (ନି.ପ୍ର): ମଦନପୁର ରାମପୁର ରାସ୍ତା ରେ ଗତକାଲି ସନ୍ଧ୍ୟାରେ ଏସ୍ ଟି ଏଫ୍ ହାତୀ ଦାନ୍ତ ତସ୍କରଙ୍କ ଦ୍ୱାରା ଚାଲାଣ ହେଉଥିବା ଖବର ପାଇ ସେମାନଂକୁ କାବୁ କରିବା ଉଦ୍ୟମ କଲା ବେଳେ ଦୁଇ ଜଣ ପଳାୟନ କରିଥିବା ବେଳେ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସେମାନଙ୍କ ପାଖରୁ ୩୬.୫ ଇଂଚ ଓଜନ୍ ୮.୯୦ କେଜି ହାତୀ ଦାନ୍ତ ଉଦ୍ଧାର କରାଯାଇଛି ବୋଲି ଜିଲ୍ଲା ବନ ଅଧିକାରୀ ନୀତିଶ କୁମାର ଙ୍କ ସୂତ୍ରରୁ ଜଣାପଡିଛି। ପଳାୟନ କରି ଥିବା ମଧରୁ ଜଣଙ୍କୁ ତାର ଗ୍ରାମରୁ ଗିରଫ କରାଯାଇଛି। ଗତ ରାତି ତମାମ କଳାହାଣ୍ଡି ଓ ବଲାଙ୍ଗିର ବିବିନ୍ନ ସ୍ଥାନରେ ଚଢାଉ ଚାଲିଥିଲା। ପ୍ରଥମେ ନିମୁର ସିଂହା ଗ୍ରାମ ର ବିପୁଳ ବାଗ କୁ ଗିରଫ କରାଯାଇ ତା ନିକଟରୁ ହାତୀଦାନ୍ତ ଜବତ କରାଯାଇଥିଲା। ଆଜି ଖୋଜ୍ ଖବର ନେଇ ଜଙ୍ଗଲ ବିଭାଗର କର୍ମଚାରୀମାନେ ଅନ୍ୟତମ ଅଭିଯୁକ୍ତ ସେହି ଗ୍ରାମର ମଧୁ ଭୋଇକୁ ତାର ଗ୍ରାମରୁ ଧରିଲେ।

## ଏ.ଆର.ସି.ଏସଙ୍କୁ ଭେଟିଲେ ସମିତି ସଂପାଦକ

କେନ୍ଦ୍ରାପଡ଼ା,୦୯/୧୨ (ନି.ପ୍ର): ଜିଲ୍ଲାର କୃଷି ସମବାୟ ସମିତିଗୁଡିକୁ ନିୟନ୍ତ୍ରଣ କରୁଥିବା ସହକାରୀ ସମବାୟ ସମିତି ସମୂହର ନିବନ୍ଧକ ଭାବେ ସନ୍ତୋଷ କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସମବାୟ ସମିତି ଗୁଡିକର ସଂପାଦକ ମାନେ ନୂତନ ଏ.ଆର.ସି.ଏସ୍.ଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିବା ଜଣାପଡିଛି। ଏହି ଆଲୋଚନା ସମୟରେ ଜିଲ୍ଲା ସଭାପତି ବୈରାଗୀ ଚରଣ ସାହୁଙ୍କ ସମେତ ହେମନ୍ତ କୁମାର ପାତ୍ର, ଶ୍ରୀହର୍ଷ ମହାନ୍ତି, କାଳନ୍ଦୀ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ସୁବୋଧ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ବଣ୍ଡାଘାଟି ପାଇଁ ବଡ଼ ଆମ୍ବୁଲାନ୍ସ ଗାଡି ଯୋଗାଇ ଦେବାକୁ ଦାବି

ମାଲକାନଗିରି,୦୯/୧୨ (ନି.ପ୍ର): ସମୁଦ୍ର ପତନ ଠାରୁ ୫ ହଜାର ଫୁଟ୍ ଉଚ୍ଚରେ ରହିଛି ମାଲକାନଗିରି ଜିଲ୍ଲାର ବଣ୍ଡାଘାଟି । ଏଠାରେ ଅନେକ ଗାଁକୁ ପକ୍କା ରାସ୍ତା ନାହିଁ । ପୁଣି ପାହାଡ଼ ଚଢ଼ିବାକୁ ପଡୁଛି । ତେଣୁ ରୋଗୀ ଏବଂ ଗର୍ଭବତୀଙ୍କୁ ଅନେକ ସମୟରେ ହୀନସ୍ତା ହେବାକୁ ପଡୁଥିଲା । ଦୁର୍ଗମ ଅଂଚଳରୁ ଭାରରେ ବୋହି ଆଣିବାକୁ ପଡୁଥିଲା । ବାରମ୍ବାର ଏମିତି ଘଟଣା ଘଟିବା ପରେ ତତ୍ପରତା ପ୍ରକାଶ କରିଥିଲେ ରାଜ୍ୟ ସରକାର । ବିନା କୌଣସି ସମସ୍ୟାରେ ଏବଂ ଠିକ୍ ସମୟରେ ରୋଗୀଙ୍କୁ ଡାକ୍ତରଖାନାରେ ପହଂଚାଇବାକୁ ଆରମ୍ଭ କଲେ ବାଇକ୍ ଆମ୍ବୁଲାନ୍ସ ସେବା । ଏହି ସେବା ଆରମ୍ଭ ହେବାପରେ ଖଇରପୁଟ ବ୍ଲକ୍ରେ ଲାଗି ରହିଥିବା ସମସ୍ୟା ସବୁଦିନ ପାଇଁ ଅନ୍ତ ହୋଇଯିବ ବୋଲି ଆଶା କରାଯାଉଥିଲା । ବର୍ତ୍ତମାନ କିନ୍ତୁ ବାସ୍ତବତା ସଂପୂର୍ଣ୍ଣ ଭିନ୍ନ । ରୋଗ ଯନ୍ତ୍ରଣା ଠାରୁ ବଳି ଯାଇଛି ଅଧିକ ଖର୍ଚ୍ଚ । ବଣ୍ଡାଘାଟିର ଦୁଇ ପଚାଂୟତରେ ପ୍ରାୟ ୭ ହଜାର ଲୋକ ବସବାସ କରୁଛନ୍ତି । ପ୍ରତିବର୍ଷ ଚିକିତ୍ସା ଅଭାବରୁ ଅନେକ ଲୋକ ମୃତ୍ୟୁବରଣ କରଛନ୍ତି । ଭାଗ୍ୟରେ ଥିଲେ କିଛି ଜଣ ହିଁ ଡାକ୍ତରଖାନାରେ ପହଂଚୁଛନ୍ତି ଏବଂ ଶଯ୍ୟା ଖଣ୍ଡେ ପାଉଛନ୍ତି । ତେଣୁ ବଣ୍ଡାଘାଟିର ଗର୍ଭବତୀ ଏବଂ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ଶେଷରେ ଏହି ଦାବିକୁ ପୂରଣ ଦିଗରେ ପଦକ୍ଷେପ ନିଆଯାଇଥିଲା । ଓପିଲିପି ପକ୍ଷରୁ ଗୋଟିଏ ବାଇକ୍ ଆମ୍ବୁଲାନ୍ସ ପ୍ରସ୍ତୁତ କରି ପ୍ରଦାନ କରାଯାଇଛି । ଏହି ବାଇକ୍ ଆମ୍ବୁଲାନ୍ସ ଅଣ୍ଡରାହାଲ ପଚାଂୟତରେ ରହିଛି । ଏହି ପଚାଂୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ଆଜି ବି ପକ୍କା ରାସ୍ତା ନାହିଁ । ତେଣୁ ରାସ୍ତା ନଥିବା ଗାଁର ରୋଗୀ ବାଇକ୍ ଆମ୍ବୁଲାନ୍ସ ସେବା ଯୋଗେ ମୁଦୁଲିପଡା ଡାକ୍ତରଖାନା ପର୍ଯ୍ୟନ୍ତ ଯାଉଛନ୍ତି । ବାଇକ୍ ଆମ୍ବୁଲାନ୍ସକୁ ସ୍ୱେଚ୍ଛାସେବୀ ନନ୍ଦ ଶିକ୍ଷା ଚଳାଇଛନ୍ତି । ପ୍ରତିଦିନ ଦୁର୍ଗମ ଗ୍ରାମର ରୋଗୀଙ୍କୁ ଆମ୍ବୁଲାନ୍ସରେ ନେଇ ଡାକ୍ତରଖାନା ପର୍ଯ୍ୟନ୍ତ ପହଂଚାଉଛନ୍ତି । କିନ୍ତୁ, ଏଥିପାଇଁ ରୋଗୀଙ୍କୁ ହିଁ ଦେବାକୁ ପଡୁଛି ତେଲ ବାବଦ ଖର୍ଚ୍ଚ ସରକାର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି । ହେଲେ ବଣ୍ଡାଘାଟି ଭଳି ଦୁର୍ଗମ ଅଂଚଳର ଗରିବ ରୋଗୀ ଏବେ ବି ଡାକ୍ତରଖାନା ପର୍ଯ୍ୟନ୍ତ ଯିବା ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି । ସେହିପରି ବାଇକ୍ ମରାମତି ସହ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ନା ସରକାର କିଛି ସହଯୋଗ କରୁଛନ୍ତି ନା ଜିଲ୍ଲା ପ୍ରଶାସନ ସାହାଯ୍ୟ କରୁଛି । ନିଜେ ନନ୍ଦ ଶିଶା ବାଇକ୍ ମରାମତି ବାବଦ ଖର୍ଚ୍ଚ କରୁଛନ୍ତି । ବଣ୍ଡାଘାଟିରେ ବସବାସ କରୁଥିବା ଜନଜାତି ଅତି ଗରିବ ହୋଇଥିବା ବେଳେ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି । ସେମାନେ ଆମ୍ବୁଲାନ୍ସ ଖର୍ଚ୍ଚ ଦେଇ ଡାକ୍ତରଖାନାକୁ ଯିବା ସମ୍ଭବପର ନୁହେଁ ତଥାପି କିଛି ରୋଗୀ ଟଙ୍କା ଯୋଗାଡ଼ କରି ଗାଡ଼ିରେ ତେଲ ପକାଇ ଡାକ୍ତରଖାନା ଯାଉଛନ୍ତି । ଯେଉଁମାନେ ଟଙ୍କା ଦେବାରେ ଅକ୍ଷମ ଘରେ ରହି ଦେଶୀ ଚିକିତ୍ସାର ସାହାରା ନେବାକୁ ବାଧ ହେଉଛନ୍ତି । ଜନଜାତିଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଆଜି ବି ସେମାନେ ସର୍ବନିମ୍ନ ସୁବିଧା ପାଇବାରୁ ବଂଚିତ । ତେଣୁ ବଣ୍ଡାଘାଟି ପାଇଁ ବଡ଼ ଆମ୍ବୁଲାନ୍ସ ଯୋଗାଇ ଦେବା ସହ କିପରି ମାଗଣାରେ ରୋଗୀ ଡାକ୍ତରଖାନା ଯାଇପାରିବେ ସରକାର ସେନେଇ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

# ବି.ଜାନିଗୁଡା ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ଶାଖା ଗଠିତ

ଜୟପୁର,୦୯/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବି.ଜାନିଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ଶାଖା ଗଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଜୁନିୟର ରେଡ଼କ୍ରସ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରୁ କ୍ରିୟାଶୀଳ କରିବା ନିମନ୍ତେ ବୋରିଗୁମ୍ମା ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବି.ଜାନିଗୁଡା, ସର୍ଗିଗୁଡା, ବାଘଭଦ୍ରା, ମୁଣ୍ଡାଗୁଡା ସହିତ ସରକାରୀ ଉଚ୍ଚ ବିଦ୍ୟାଳୟ ନାରିଗାଁ, ସରକାରୀ( ନୂତନ) ଉଚ୍ଚ ବିଦ୍ୟାଳୟ ବି.ସିଙ୍ଗପୁର ପରିଦର୍ଶନ କରି ବିଦ୍ୟାଳୟର ଜୁନିୟର ରେଡ଼କ୍ରସ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ବି.ଜାନିଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରେଡ଼କ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଭାବେ ଜୁନିୟର ରେଡ଼କ୍ରସ ଶାଖା ଗଠନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ସେବାରୂପୀ ମନ୍ତ୍ରରେ ଉଦବୁଦ୍ଧ ହୋଇ ରେଡ଼କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ଚିନ୍ତାଧାରା, ବିବେକ ଓ ବ୍ୟକ୍ତିତ୍ୱ, ସଂଯମତା ଏବଂ ଏକାଗ୍ରତାର ବିକାଶ ଘଟାଇବା ସହିତ ଚରିତ୍ର ଗଠନର ସୁଯୋଗ ପାଇପାରିବେ ବୋଲି ଉପରୋକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନେ ମତବ୍ୟକ୍ତ କରିଥିଲେ। ଜୁନିୟର ରେଡ଼ କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀ ମାନେ ରେଡ଼କ୍ରସ କାର୍ଯ୍ୟକ୍ରମକୁ ନିଜ ନିଜ ବିଦ୍ୟାଳୟରେ ତ୍ୱରାନ୍ୱିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

ମାଲକାନଗିରି,୦୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନୟନ୍ନ ସଂସ୍ଥା ସଭାଗୃହ ଠାରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୧୬ - ୨୦୩୦ ଆଂଚଳିକ ସ୍ତରରେ କାର୍ଯ୍ୟ କରିବା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ନିରନ୍ତର ବିକାଶର ଉଦ୍ଦେଶ୍ୟ ହେଉଛି ସାମାଜିକ, ଅର୍ଥନୈତିକ ବିକାଶ ସହ ପରିବେଶର ସୁରକ୍ଷା, ଶାନ୍ତି ଜୀବନ ଯାପନ ପାଇଁ ବଳିଷ୍ଠ ଉଦ୍ୟମ କରିବା ଯେପରିକି କେହି ଜଣେ ବିକାଶ ପ୍ରକ୍ରିୟାରୁ ବାଦ୍ ପଡିବେ ନାହିଁ । ଏହି ଲକ୍ଷ୍ୟ ୫ଟି ନୀତି ଉପରେ ଯଥା ଜନସାଧାରଣ, ସମୃଦ୍ଧି, ପୃଥ୍ୱୀ , ଶାନ୍ତି ଓ ସହଭାଗୀତା ଉପରେ ପର୍ଯ୍ୟବେଶିତ। ଏହି କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ବିରସେନ ପ୍ରଧାନ ଉଦଘାଟନ କରି ମିଳିତ ଜାତିସଂଘ ଦ୍ୱାରା ସ୍ୱିରୀକୃତ ୧୭ଟି ବିକାଶ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ତଦନୁଯାୟୀ କାର୍ଯ୍ୟ କରିବା ଏବଂ ନିୟମିତ ଭାବେ ସମୀକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ଯଥା – ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ନିବାରଣ, ଉତମ ସ୍ୱାସ୍ଥ୍ୟ ଓ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ମୂଲ୍ୟରେ ସ୍ୱଚ୍ଛ ଶକ୍ତି, ଶୋଭନୀୟ କାର୍ଯ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି, ଉଦ୍ୟୋଗ, ଅଭିନବିକରଣ ଏବଂ ଭିତିଭୂମି, ଅସମାନତା ହ୍ରାସ, ପୋଷଣୀୟ ନଗରୀ ଓ ଗୋଷ୍ଠୀ ସମୂହ, ନିରନ୍ତର ଉପଯୋଗ ଓ ଉତ୍ପାଦନ, ଜଳବାୟୁ ସଂକ୍ରାନ୍ତିୟ କାର୍ଯ୍ୟାନୁଷ୍ଠାନ, ଜଳ ମଧରେ ଜୀବନ, ଭୂମି ଉପରେ ଜୀବନ, ଶାନ୍ତି, ନ୍ୟାୟ ଓ ବଳିଷ୍ଠ ଅନୁଷ୍ଠାନ, ଲକ୍ଷ୍ୟ ହାସଲ ସକାଶେ ସହଭାଗୀତା, ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦୧୫ ମସିହାରେ ସ୍ୱିରୀକୃତ କରଯାଇଥିଲା । ଉପ- ନିର୍ଦ୍ଦେଶକ , ଯୋଜନା ଓ ପରିସଂଖ୍ୟାନ ହରମୋହନ ବିଶ୍ୱାଳ ସମସ୍ତ ୧୭ ଟି ଲକ୍ଷ୍ୟ ଓ ୧୬୯ ଟି ଟାର୍ଗେଟ ସହିତ ସୂଚକ ଗୁଡିକ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି ନିରନ୍ତର ବିକାଶ ପାଇଁ ବିଭିନ୍ନ କ୍ଷେତ୍ର ଅଧିକାରୀମାନେ ସେମାନଙ୍କର ବିଭାଗର ଯୋଜନା / ପ୍ରୋଗ୍ରାମ ମାଧମରେ ଧାର୍ଯ୍ୟ ସୂଚକ ଲକ୍ଷ୍ୟ ଗୁଡିକୁ ହାସଲ କରିବାକୁ ଚେଷ୍ଟା ଜାରି ରଖିବେ ଏବଂ ଜିଲ୍ଲାସ୍ତରରେ ଗଠିତ ଏସଡିଜି ସେଲ୍ ଏହାର ତଦାରଖ କରିବ । ଏହି କର୍ମଶାଳାରେ ଉପ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

# ୨୦ ଦଫା ଦାବି ନେଇ ମାଧ୍ୟମିକ ଶିକ୍ଷା ପରିଷଦ ଆଂଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଜୟପୁର,୦୯/୧୨ (ନି.ପ୍ର): ଓଡ଼ିଶା ମାଧମିକ ଶିକ୍ଷା ପରିଷଦର ନିଷ୍ପତିକୁ ବିରୋଧ କରି ଧାରଣାକୁ ଓହ୍ଲାଇଛି ଛାତ୍ର - ଶିକ୍ଷକ ଅଭିଭାବକ- ବୁଦ୍ଧୀଜୀବୀ ମିଳିତ ମଂଚ। ବୋର୍ଡ ପକ୍ଷରୁ ନିଆଯାଇଥିବା ପରୀକ୍ଷା ନିଷ୍ପତି, ମୂଲ୍ୟାୟନ ପଦ୍ଧତି, ବିଦ୍ୟାଳୟ ସ୍ୱୀକୃତି ନବିକରଣ ଆଦି ଦାବିରେ ଜୟପୁର ଆଂଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଅବିଭକ୍ତ କୋରାପୁଟ ଜିଲା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡାର ମିଳିତ ମଂଚର ଶିକ୍ଷକ ମାନେ ଉପସ୍ଥିତ ରହି ଧାରଣା ଦେଇଛନ୍ତି । ୨୦ ଦଫା ଦାବି ନେଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନଙ୍କର ଦାବି ଗୁଡିକ ହେଲା ନବମ ଓ ଦଶମ ଶ୍ରେଣୀ ପାଇଁ ବର୍ଷରେ ଦୁଇଟି ବୋର୍ଡ ପରୀକ୍ଷା ନକରି କେବଳ ଦଶମ ଶ୍ରେଣୀ ପାଇଁ ପୂର୍ବଭଳି ଗୋଟିଏ ବୋର୍ଡ ପରୀକ୍ଷା କରାଯାଉ, କରୋନା ପାଇଁ ଯଦି ଚଳିତ ବର୍ଷ ଦୁଇଟି ବୋର୍ଡ ପରୀକ୍ଷା କରାଯାଏ ତାହା ହେଲେ ଏହାକୁ ସେମିଷ୍ଟାର ଅନୁଯାୟୀ କରାଯାଉ, ବିଦ୍ୟାଳୟ ସ୍ୱୀକୃତି ନବୀକରଣ ନାମରେ ପ୍ରତିବର୍ଷ ୪ ହଜାର ଟଙ୍କା ଫି ଆଦାୟ ନକରି ଆନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ସ୍ଥାୟୀ ସ୍ୱୀକୃତି/ ପରବର୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ୱୀକୃତି ପ୍ରଦାନ କରାଯାଉ, କରୋନା ପାଇଁ ଗତ ବର୍ଷ ସ୍କୁଲ ବନ୍ଦ ଥିବା ହେତୁ ୨୦୧୯-୨୦ ବର୍ଷର ନବୀକରଣ ଫିକୁ ସମ୍ପୂର୍ଣ୍ଣ ଛାଡ କରାଯାଉ, ମୂଲ୍ୟାୟନ ପଦ୍ଧତି ଓ ପରୀକ୍ଷା ଢାଂଚାକୁ ବାରମ୍ବାର ପରିବର୍ତନ କରାନଯାଉ, ଛାତ୍ର ଛାତ୍ରୀଙ୍କୁ ଦିଆଯାଉଥିବା ମାଟ୍ରିକ ଓ ଅନ୍ୟାନ୍ୟ ପାସ୍ ସାର୍ଟିଫିକେଟରେ ବ୍ୟବହୃତ କାଗଜର ମାନ ବୃଦ୍ଧି କରାଯାଉ, ସମସ୍ତ ଛାତ୍ର ଛାତ୍ରୀଙ୍କ ଠାରୁ ମାଇଗ୍ରେସନ ଫି ଆଦାୟ ବ୍ୟବସ୍ଥା ବନ୍ଦ କରାଯାଉ ଆଦି ୨୦ ଦଫା ଦାବି ନେଇ ଧାରଣା ଦେଇଛନ୍ତି । କୋରାପୁଟ ଜିଲା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ନେତୃତ୍ୱରେ ଧାରଣା ବିକ୍ଷୋଭ କରାଯାଇଥିବା ବେଳେ ଏଥିରେ ସୁଶାନ୍ତ କୁମାର ଖୁଂଟିଆ, ରାମକ୍ରିଷ୍ଣା ସାବତ, ବିଜୟ କୁମାର ଭଞ୍ଜ, ରାମକୃଷ୍ଣ ସାବତ, ମନୋଜ କୁମାର ମହାପାତ୍ର, ବଂଶିଧର ଭୂୟାଁ, ସ୍ୱର୍ଣ୍ଣଲତା ପରିଡା, ଆର. ଦିବାକର ରାଓଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଏହି ଧାରଣାକୁ ଏଆଇଟିୟୁସିର ସଦସ୍ୟ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ ସମର୍ଥନ ଜଣାଇଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ହସ୍ତଶିଳ୍ପ ପ୍ରଦର୍ଶନୀ

କେନ୍ଦ୍ରାପଡ଼ା,୦୯/୧୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଏକ ହସ୍ତଶିଳ୍ପ ପ୍ରଦର୍ଶନୀ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବହୁସଂଖ୍ୟକ କାରୁକାର୍ଯ୍ୟପୂର୍ଣ୍ଣ ହସ୍ତଶିଳ୍ପ ପ୍ରଦର୍ଶିତ କରାଯାଇଥିଲା। ହାତ ତିଆରି କଣ୍ଢେଇ, ଖେଳଣା, ପେନ୍ ଷ୍ଟାଣ୍ଡ , ୱାଲ୍ ହ୍ୟାଙ୍ଗିଙ୍ଗ୍ , ଫଟୋ ଫ୍ରେମ୍ , ପା ପୋଛ , ପେନ୍ ରେ ତିଆରି ୱାଲ୍ ହ୍ୟାଙ୍ଗିଙ୍ଗ୍ , ପୁଷ୍ପ ଗୁଚ୍ଛ ଓ ଘର ସଜାଇବା ଉପକରଣ ଇତ୍ୟାଦି ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡ଼ଃ ହୀରାମଣି ବେହୁରା ଓ ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ।

# ଖୁବଶୀଘ୍ର ରକ୍ତତୀର୍ଥ ଇରମ ଜାତୀୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବ




ବାସୁଦେବପୁର,୦୯/୧୨ (ନି.ପ୍ର): ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଐତିହାସିକ ସ୍ଥାନ ରକ୍ତତୀର୍ଥ ଇରମ ଭାରତ ବର୍ଷର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି । ଇରକୁ ଖୁବ ଶୀଘ୍ର ଜାତୀୟ ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ଭାରତୀୟ ଜନତା ପାର୍ଟି ର ଭଦ୍ରକ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ ଏହି ଘଟଣା ସମ୍ପର୍କରେ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ଗତ ଅକ୍ଟୋବର ମାସରେ ପ୍ରଦାନ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦାବିପତ୍ରକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି କିଶନ ରେଡି କୁ ପଠାଇବା ସହିତ ଏହି ଘଟଣା ରେ ତୁରନ୍ତ ଦୃଷ୍ଟି ଦେବା ପାଇଁ ନିବେଦନ କରିଥିଲେ । ଏହି ଅବସରରେ ବାସୁଦେବପୁରର ହୋଟେଲ ସ୍ନେହା ରେସିଡେନ୍ସି ସଭା କକ୍ଷରେ ଭାରତୀୟ ଜନତା ପାର୍ଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ ଏହି ଅବସରରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଓ କେନ୍ଦ୍ର ସଂସ୍କୃତି ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ରେଡି ଙ୍କୁ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି । ଅନ୍ୟ ମାନଙ୍କ ମଧରେ ଏହି ସମ୍ମିଳନୀରେ ରକ୍ତତୀର୍ଥ ଇରମ ମଣ୍ଡଳ ସଭାପତି ନିର୍ମଳ ପଣ୍ଡା, ଭାଜପା ଜିଲ୍ଲା କୋଷାଧକ୍ଷ ଜୟ ପ୍ରକାଶ ମଲ୍ଲିକ, ଇରମ ଯୁବ ମୋର୍ଚ୍ଚା ସଭାପତି ବିଭୂତି ପାଣିଗ୍ରାହୀ ଯୋଗ ଦେଇ ଦୁଇ କେନ୍ଦ୍ର ମନ୍ତ୍ରଙ୍କୁ ପ୍ରଶଂସା କରିଥିଲେ । ରକ୍ତତୀର୍ଥ ଇରମ କୁ ଖୁବ ଶୀଘ୍ର ଜାତୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବ ବୋଲି ପଥ ପରିଷ୍କାର ହୋଇଛି । ଏହି ସଭାରେ ବିଜେପି ନେତା ତାଜୁ ଖାଁ, କବିନ୍ଦ୍ର ଶେଖର ଫକୀର ରଂଜନ ଦାସ, ରବୀନ୍ଦ୍ର ବାରିକ,ମନୋଜ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ଅତୀତରେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ରକ୍ତତୀର୍ଥ ଇରକୁ ଜାତୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ପାର୍ଲାମେଣ୍ଟ ରେ ଦାବି ରଖିଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ବ୍ରିଟିଶ ମାନଙ୍କ ବନ୍ଧୁକ ଗୁଳିରେ ୨୯ ଜଣ ରକ୍ତତୀର୍ଥ ଇରମରେ ସହିଦ ହୋଇଥିଲେ ।

# କୁମ୍ଭକାରମାନଙ୍କ କୁରାଳ ପଚଂମୀ ପର୍ବ ଆରମ୍ଭ

ପୁରୀ,୦୯/୧୨ (ନି.ପ୍ର): କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଚଂମୀ ପର୍ବ ଆଜିଠାରୁ ଆରମ୍ଭ ହୋଇଛି । ଏହା ୫ ଦିନ ଧରି ଚାଲିବ । ମାର୍ଗଶୀର ଶୁକ୍ଳ ପଚଂମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ବିଭିନ୍ନ ପୂଜାବିଧି ଅନୁସାରେ ୧୨ ତାରିଖରେ ଉଦଯାପିତ ହେବ । ପୁରୀ ସହରର କୁମ୍ଭାରପଡ଼ା, ଜେନାପୁରୁ, ଟିକରପଡ଼ା, ନୂଆସାହିରେ ଥିବା କୁମ୍ଭକାରମାନେ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରୁଛନ୍ତି । ଚକ, ହାଣ୍ଡିଗଢା ସରଞ୍ଜାମ, ପିଣ୍ଡ, ପିଟଣାକୁ ପୂଜାରେ ବସାଇ ଇଷ୍ଟ ଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ପୂଜା କରୁଛନ୍ତି । ଏଥିପାଇଁ ପୁରୀରେ ୧୦ଟି ପୂଜା ମଣ୍ଡପ ସ୍ଥାପନା କରାଯାଇଛି । ସେଠାରେ ହୋମ, ଯଜ୍ଞ ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । କୁମ୍ଭାର ଶାଳରେ ଚକ୍ର ପୂଜା କରାଯାଉଛି । ଠାକୁରଙ୍କ ପାଖରେ ପାଂଚ ଦିନରେ ପାଂଚ ପ୍ରକାର ଶଙ୍ଖୁଡ଼ି ଭୋଗ କରାଯିବ । ଏହି ସମୟରେ କୁମ୍ଭକାରମାନେ କଂଚା ହାଣ୍ଡି ଓ ଗଜା ମାଟିକୁ ସ୍ୱର୍ଶ କରିବେ ନାହିଁ । କୁମ୍ଭକାରମାନେ ହବିଷ୍ୟାନ୍ନ ପାଳନ କରିବା ସହ ଶ୍ରୀମନ୍ଦିରକୁ କୁଡୁଆ ଯୋଗାଣ ବନ୍ଦ ରଖିଛନ୍ତି । ଶଙ୍ଖୁଡ଼ି ଭୋଗ ମଧରେ ପଚଂମୀରେ ସାଧା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହି ପାଖାଳ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଚକୁଳି ପିଠା ଇଷ୍ଟ ଦେବୀଙ୍କୁ ପୂଜା କରିଥାନ୍ତି । ପୂଜା ଶେଷରେ ଜ୍ୟୋତିଷଙ୍କ ଦ୍ୱାରା ହାଣ୍ଡିଗଢା ଶୁଭ ଅନୁକୂଳ ସମୟ ନିର୍ଦ୍ଧାରଣ କରାଯାଇ ସେହି ଦିନଠାରୁ ହାଣ୍ଡିଗଢା କାର୍ଯ୍ୟ ଆରମ୍ଭ ହେବ ।

କୁରାଳ ପଚଂମୀ ଅବସରରେ ସମସ୍ତ କୁମ୍ଭକାର ଭାଇମାନଙ୍କୁ ଓଡ଼ିଶା କୁରାଳ ମହାସଂଘର ସଭାପତି ସରୋଜ କୁମାର ବେହେରା ଓ କୁମ୍ଭକାର ନିଯୋଗ ସମ୍ପାଦକ ମହେନ୍ଦ୍ର ବିଶୋଇ ଶୁଭେଚ୍ଛା ଜଣାଇଛନ୍ତି ।

# ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ତହସିଲଦାର ଭାଙ୍ଗିଲେ ମାଛ ଖଟି

କେନ୍ଦ୍ରାପଡ଼ା,୦୯/୧୨ (ନି.ପ୍ର): ଡେରାବିଶ ତହସିଲଦାର ଓ ଜିଲ୍ଲା କୃଷି ଶ୍ରମିକ ସଂଘଙ୍କ ମିଳିତ ଉଦ୍ୟମରେ ବର୍ଷାଜଳ ଅବରୋଧ କରିଥିବା ମାଛ ଖଟିକୁ ଭଙ୍ଗା ଯାଇଥିବା ଜଣାପଡିଛି । ଜୱାଦ ବାତ୍ୟା ଓ ପ୍ରବଳ ବର୍ଷା ପ୍ରଭାବରେ ଗୁଆଳସିଂହ ପଚାଂୟତର ପାଟସାମୁଲାଇ ପୋଲଠାରେ ବର୍ଷାଜଳ ଅବରୋଧ କରାଯାଇ ଥିଲା । ମାଛ ଧରାଳି ମାନେ ପାଟନାଳିରେ ପାଣି ଅଟକାଇ ମାଛ ମାରିବା ଫଳରେ ବର୍ଷାଜଳ ନିଷ୍କାସିତ ହୋଇନପାରି ଚାଷଜମିକୁ ବୁଡାଇ ରଖିଥିଲା । ଏନେଇ ଜିଲ୍ଲା କୃଷି ଶ୍ରମିକ ସଂଘ ପକ୍ଷରୁ ଜଳ ନିଷ୍କାସନ କରିବା ପାଇଁ ଜିଲ୍ଲାପଳଙ୍କୁ ଅଭିଯୋଗ କରାଯାଇ ଥିଲା । ଅଭିଯୋଗ ହେବାପରେ ସ୍ଥାନୀୟ ତହସିଲଦାର ଓ ସଂଘର କର୍ମକର୍ତାମାନେ ମିଳିତ ଉଦ ୍ୟମରେ ଏହି ଜଳ ନିଷ୍କାନ ପଥ ଉଚ୍ଛେଦ କରାଯାଇ ଥିବା ଜଣାପଡିଛି ।

# ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କନ୍ଧମାଳ,୦୯/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଷ୍ଟାଡିୟମ୍ ଠାରେ ଓଡିଶା କ୍ରିକେଟ ଆସୋସିଏସନ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ସର୍ବେଶ୍ୱର ମିଶ୍ର, ଉପ ସଭାପତି ଅଶୋକ କୁମାର ବେହେରା, ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଓ ଗୌରୀ ଶଙ୍କର ବେହେରା, ସନ୍ତୋଷ ମିଶ୍ର ଏବଂ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ଗୁଞ୍ଜରଣ ଦେଉଛି ବିପ୍ଳବର ଆହ୍ୱାନ




ସୁବ୍ରତ କୁମାର ମହାନ୍ତି


ମହାମାରୀ କୋଭିଡ୍-୧୯ର ପ୍ରଭାବ ଯୋଗୁଁ ପିଲାଙ୍କ ପାଠ ପଢ଼ାରେ ସବୁଠାରୁ ଅଧିକ କ୍ଷତି ଘଟିଛି । ଏବେ ତୃତୀୟ ଲହରର ଭୟ ଭିତରେ ବିଦ୍ୟାଳୟ ଖୋଲିବା ପାଇଁ ସରକାର ସାହସ ବାନ୍ଧି ପାରୁ ନାହାଁନ୍ତି । କରୋନା ସମୟରେ ଅନଲାଇନକୁ ହିଁ ଏକ ବିକଳ୍ପ କହି ସରକାର ପାଠପଢ଼ାଇଲେ । କିନ୍ତୁ ଏହାଦ୍ୱାରା କେବଳ ଧନିକ ଘରର ପିଲାମାନେ ଉପକୃତ ହେବା ସହିତ ଗରିବ ଘରର ପିଲାମାନେ ପାଠ ଠାରୁ ସମ୍ପୂର୍ଣ୍ଣ ଦୁରେଇ ଗଲେ । ଏ ବାବଦରେ ସରକାରଙ୍କ ନିଜସ୍ୱ ତଥ୍ୟ କହୁଛି ଗତ ୨୦୨୦ ମସିହାରେ ୬.୬ ଲକ୍ଷ ପିଲାଙ୍କ ମଧ୍ୟରୁ ୬.୩ ଲକ୍ଷ ପିଲା ଡ଼ିଜିଟାଲ ଶିକ୍ଷା ପାଇପାରି ନାହାଁନ୍ତି । ସେହିପରି ବାଙ୍ଗାଲୋର ସ୍ଥିତ ଆଜିମପ୍ରେମଜୀ ବିଶ୍ୱ ବିଦ୍ୟାଳୟ ତରଫରୁ ତାଲା ବନ୍ଦ ସମୟରେ ପିଲାଙ୍କ ପାଠପଢ଼ା ସ୍ଥିତି ଉପରେ ଏକ ଗବେଷଣା କରାଯାଇଥିଲା । ଏଥିରୁ ଜଣାପଡ଼ିଲା ଯେ, ହାରାହାରି ୯୨% ପିଲା ଅତିକମ୍‌ରେ ଗୋଟିଏ ବର୍ଷର ଭାଷା ଦକ୍ଷତା (ଲେଖିବା, ପଢ଼ିବା, ବାକ୍ୟଗଠନ ଇତ୍ୟାଦି) ଭୁଲି ଯାଇଛନ୍ତି । ସେହିପରି ହାରାହାରି ୮୨% ପିଲା ଅତିକମ୍‌ରେ ଗୋଟିଏ ବର୍ଷର ଗାଣିତିକ ଦକ୍ଷତା (ନମ୍ବର ଚିହ୍ନିବା, ମିଶାଣ, ଫେଡ଼ାଣ, ଗୁଣନ, ହରଣ) ଆଦି ହରାଇ ବସିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ତାଲାବନ୍ଦ ଯୋଗୁଁ ପିଲାମାନେ ନୁଆ ଶିଖିବା ତ ଦୂରର କଥା ଯାହା ଶିଖିଥିଲେ ତାହା ମଧ୍ୟ ଭୁଲି ଯାଇଛନ୍ତି । ଏଭଳିସ୍ଥିତିରେ ପିଲାଙ୍କ ମନସ୍ତତ୍ୱକୁ ବୁଝି ତାଙ୍କୁ ମାର୍ଗ ଦର୍ଶନ କରିବା ପାଇଁ ଶିକ୍ଷକ ମାନଙ୍କର ମଧ୍ୟ ଆବଶ୍ୟକ କୌଶଳ ଏବଂ ଜ୍ଞାନର ଅଭାବ ରହିଛି । ଏଭଳିସ୍ଥିତିରେ ଛାତ୍ର ଛାତ୍ରୀ ମାନଙ୍କ ଭିତରେ ଧର୍ଯ୍ୟ, ସାହସ ଓ ଶକ୍ତି ଭରିଦେଇ ଶିକ୍ଷଣ ବ୍ୟବଧାନକୁ ମୁକାବିଲା କରିବାର ଦମ୍ଭ ଭରିଦେବା ଉଦେଶ୍ୟରେ ଓଡ଼ିଶା ଶ୍ରମଜୀବି ମ , ମହିଳା ଶ୍ରମଜିବି ମ ଓ ଏହାର ୧୭ ଗୋଟି ଜିଲ୍ଲାର ସଦସ୍ୟ ସଂଗଠନ ବୃନ୍ଦ ଓଡ଼ିଶାର ମାଲକାନାଗିରି ଓ ସୁନ୍ଦରଗଡ଼ରୁ ୨ଟି ରଥ ଚଳିତ ନଭେମ୍ବର ୧୫ ତାରିଖ ଠାରୁ ପରିକ୍ରମା ଆରମ୍ଭ କରିଛନ୍ତି । ଏହାକୁ ଗୁଞ୍ଜରଣ ଯାତ୍ରା ବୋଲି କୁହାଯାଉଛି । ଉକ୍ତ ରଥ ଦୁଇଟି ଓଡ଼ିଶାର ବିଭିନ୍ନ ଜିଲ୍ଲା ପରିକ୍ରମା କରି ଡ଼ିସେମ୍ବର ୧୦ରେ ଭୁବନେଶ୍ୱର ଠାରେ ପହ ିବାର କାର୍ଯ୍ୟକ୍ରମ ରହିଛି । 'ଗୁଞ୍ଜରଣ' କରୋନା କାଳରେ ଶିକ୍ଷାରେ ଘଟିଥିବା ବ୍ୟାପକ କ୍ଷତିର ଭରଣା ପାଇଁ ସରକାରଙ୍କ ଉପରେ ଚାପ ପକାଇବ ଏଥିରେ ସନ୍ଦେହ ନାହିଁ ।


+ ସଦସ୍ୟ, ଜନଜାଗୃତିମ,
ମୟୂରଭଞ୍ଜ
ମୋ- ୯୮୬୧୮୨୪୩୨୨


# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ସକାଳ ଧ୍ୟାନର ଉପଯୋଗିତା



♦ ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ। ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

# ଭୋଜନ ନିୟମ

ଭୋଜନ କରିବା ପୂର୍ବରୁ ପାଞ୍ଚ ଅଙ୍ଗ (ଦୁଇହାତ, ଦୁଇଗୋଡ଼ ସହ ମୁହଁ)କୁ ଭଲଭାବରେ ଧୋଇବା ଉଚିତ । ଓଦା ପାଦରେ ଭୋଜନ କରିବା ଅତ୍ୟନ୍ତ ଶୁଭଙ୍କର ଭାବେ ଗ୍ରହଣ କରାଯାଏ । ସ୍ୱାସ୍ଥ୍ୟ ଭଲ ରହିବା ସହ ଆୟୁ ବଢ଼େ ବୋଲି ବିଜ୍ଞ ବ୍ୟକ୍ତିଙ୍କ ମତ । ପୂର୍ବ କିମ୍ୱା ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ । ଏହି ଦିଗକୁ ମୁହଁ କରି ଖାଇବା ଦ୍ୱାରା ଶରୀରକୁ ପୂର୍ଣ୍ଣ ମାତ୍ରାରେ ଶକ୍ତି ମିଳେ । ଦକ୍ଷିଣ ଦିଗ ଆଡ଼କୁ ମୁହଁ କରି ଖାଇବା ଅନୁଚିତ । ପଶ୍ଚିମ ଦିଗକୁ ମୁହଁ କରି ଖାଇଲେ ରୋଗ ବଢ଼େ ବୋଲି ପ୍ରାଚୀନ ମାନ୍ୟତା ରହିଛି । ବିଛଣା ଉପରେ ବସି ଖାଇବା ସମ୍ପୂର୍ଣ୍ଣ ଅନୁଚିତ । ଖାଇବା ଥାଳିକୁ ହାତରେ ଧରି ଖାଇବା ମଧ୍ୟ ଗ୍ରହଣୀୟ ନୁହେଁ । ଗୋଟିଏ ସ୍ଥାନରେ ବସି ଖାଇବା ଉଚିତ । ଚାଲିବୁଲି ଖାଇଲେ ହଜମ ଠିକ୍ ଭାବରେ ହୁଏନାହିଁ ।

# ଔଷଧୀୟ ବୃକ୍ଷଲତା



ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୃଙ୍ଗରାଜ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ। ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି। ମାତ୍ର ଔଷଧୀୟ ଗୁଣରେ ଭରପୁର। ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ। ଅନେକ ଉପକାର ମିଳିବ। ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ। ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ। ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ। ଏହାଦ୍ୱାରା ସେଗୁଡ଼ିକ ସହଜରେ

# ବ୍ରଣ ଦୂର କରିବ ମହୁ

ସାଧାରରତଃ ବର୍ଷା ଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ବର୍ଷା ଦିନେ ହେଉଥିବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତ୍ୱଚା ବିଷେଶଜ୍ଞଙ୍କ ପରାମର୍ଶ ନେଇ ମଧ୍ୟ ଏଥିରେ ବିଫଳ ହୁଅନ୍ତି । ଯଦି ସଠିକ୍ ସମୟରେ ଘରୋଇ ଉପଚାର କରାଯାଏ, ତେବେ ଏଥିରୁ ମୁକ୍ତି ମିଳିବା ସମ୍ଭବ ହେବ । ଏ ସମୟରେ ବ୍ରଣ ଭଳି ସମସ୍ୟା ତ୍ୱଚାରେ ଉପୁଜିଥାଏ । ଆମ ନିକଟରେ ହିଁ ଏହାର ଉପାୟ ଲୁଚି ରହିଛି । ରୋଷେଇରେ ବ୍ୟବହାର ଆସୁଥିବା ମହୁ ହେଉଛି ବ୍ରଣ ଦୂର କରିବାର ଉତ୍କୃଷ୍ଟ ଉପାୟ । ମହୁ ଭଳି ଏକ ଚମତ୍କାରୀ ଉପାଦାନ ମାଧ୍ୟମରେ ଏହାକୁ ଦୂର କରିବା ସମ୍ଭବପର । ମହୁରେ ଥିବା ଜୀବାଣୁ ପ୍ରତିରୋଧକ ତତ୍ତ୍ୱ ତ୍ୱଚାର ଜୀବାଣୁକୁ ନଷ୍ଟ କରିବାରେ ବେଶ ସହାୟକ ହୋଇଥାଏ । ଏହା ଶରୀର ପାଇଁ ଉପକାରୀ ହେବା ସହ ଶରୀରରେ ରକ୍ତକୁ ବିଶୁଦ୍ଧ କରିଥାଏ । ପ୍ରଦତ୍ତ କିଛି ସରଳ ଉପଚାର ମାଧ୍ୟମରେ ଆପଣ ବ୍ରଣରୁ ମୁକ୍ତି ପାଇପାରିବେ ।




**ମହୁ ଓ ବେକିଂ ସୋଡ଼ା:** ଗୋଟିଏ ଚାମଚ ବେକିଂ ସୋଡ଼ାକୁ ଦୁଇଚାମଚ ମହୁରେ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ ତ୍ୱଚାରେ ଗୋଲାକାର ଭାବେ ମସାଜ କରନ୍ତୁ । ଏହାର ୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ୩ରୁ ୫ ଦିନ ମଧ୍ୟରେ ଥରେ ଏହିପରି କରିଲେ ତ୍ୱଚାରୁ ବ୍ରଣ ଦୂର ହୋଇଯିବ ।

**ମହୁ ଓ ହଳଦୀ:** ମହୁ ଓ ହଳଦୀରେ ପ୍ରଚୁର ପରିମାଣରେ ପ୍ରାକୃତିକ ତତ୍ତ୍ୱ ଭରି ରହିଛି । ଏକ ଚାମଚ ମହୁରେ ଅଳ୍ପ ହଳଦୀ ମିଶି ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହାକୁ ୩୦ ମିନିଟ୍ ପାଇଁ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଥରେ ନିଶ୍ଚୟ ବ୍ୟବହାର କରନ୍ତୁ ।

**ମହୁ ଏବଂ ସେଓର ସିରକା:**

ଗୋଟିଏ ଚାମଚ ପାଣିରେ, ଦୁଇ ଚାମଚ ମହୁ ଏବଂ କିଛି ମାତ୍ରାର ସେଓର ସିରକାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତୁଳା ସହାୟତାରେ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ କିଛି ସମୟ ପାଇଁ ସମାଜ କରନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ପରେ ସେଓର ସିରକାକୁ ଟୋନର ଭଳି ବ୍ୟବହାର କରନ୍ତୁ ।

**ମହୁ ଏବଂ ଗ୍ରୀନ୍ ଟି :** ଏଥିପାଇଁ ଆପଣଙ୍କୁ ଅଳ୍ପ ମାତ୍ରା ମହୁ, ୨ କପ୍ ଉଷୁମ ପାଣି ଏବଂ ଗୋଟିଏ ଗ୍ରୀନ୍‌ଟି ବ୍ୟାଗ୍‌ରେ ଆବଶ୍ୟକ ହେବ । ଏହି ଗରମ ପାଣିରେ ଗ୍ରୀନ୍‌ଟି ବ୍ୟାଗଟିକୁ କିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଅଳ୍ପ ଗ୍ରୀନ୍ ଟି ପାଣିକୁ ଅଲଗା ରଖି ଦିଅନ୍ତୁ ଏବଂ ବଳକା ପାଣିରେ ମହୁକୁ ଗୋଳାଇ ଲେପ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଅଳ୍ପ ରଖିଥିବା ଗ୍ରୀନ୍ ଟି ପାଣିକୁ ତ୍ୱଚାରେ ପୋଛି ଦିଅନ୍ତୁ । ଏହାପରେ ପ୍ରସ୍ତୁତ ପେଷ୍ଟକୁ ମୁହଁରେ ୨୦ ମିନିଟ ପାଇଁ ରଖି ପରେ ଧୋଇ ଦିଅନ୍ତୁ ।






**ମହୁ ଓ ଲେମ୍ବୁ:** ଏକ ଚାମଚ ମହୁ, ଅଳ୍ପ ଚିନି, ଅଧ ଚାମଚ ଲେମ୍ବୁ ରସ ଏବଂ ଲେମ୍ବୁ ଜେଷ୍ଟ(ଲେମ୍ବୁର ଚୋପାକୁ ଶୁଖାଇ ଗୁଣ୍ଡ ପ୍ରସ୍ତୁତ କରାଯାଇଥାଏ)କୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

# ଟି-ଲେନ୍ଥ ଡ୍ରେସ୍

ଟି-ଲେନ୍ଥ ଡ୍ରେସ୍ ଆଣ୍ଠୁ ତଳକୁ ଏବଂ ଆଙ୍କେଲ ଉପରକୁ ରହିଥାଏ । ନା ଅଧିକ ଖୋଲା ନା ଅଧିକ ଢାଙ୍କି ରଖିଥାଏ । ତେଣୁ ଏବେ ଏହି ଷ୍ଟାଇଲ୍ ଟ୍ରେଣ୍ଡରେ । ବର୍ଷାଦିନ ପାଇଁ ଟି-ଲେନ୍ଥ ଡ୍ରେସ୍ ପରଫେକ୍ଟ । ଆଙ୍କେଲ ଉପରକୁ ରହୁଥିବାରୁ ବର୍ଷାରେ ଆପଣଙ୍କ ଡ୍ରେସ୍ ଖରାପ ହେବାର ସମ୍ଭାବନା କମ୍ । ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟ ଏହି ଷ୍ଟାଇଲ୍ ଖୁବ୍ ପସନ୍ଦ । ତେବେ ଟି-ଲେନ୍ଥ ଡ୍ରେସ୍‌କୁ ଆପଣ କିପରି ଷ୍ଟାଇଲ୍ ଷ୍ଟେଟମେଣ୍ଟରେର ସାମିଲ କରିବେ ଜାଣନ୍ତୁ କିଛି ଟିପ୍ସ ।



**ଫ୍ଲୋରାଲ କଟନ୍:**

ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ୍ ସୁନ୍ଦର ଲାଗିଥାଏ । ଏହି ପ୍ରିଣ୍ଟର ଟି-ଲେନ୍ଥ ଡ୍ରେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ । ତେବେ ଏହା ଯଦି କଟନ୍ ହୋଇଥିବ ଆହୁରି ଭଲ । କାରଣ ଆପଣ ଏହାକୁ ଡେଲି ରୁଟିନ୍‌ରେ ମଧ୍ୟ ସାମିଲ୍ କରିପାରିବେ ।

**ବଲି ଫିଟିଙ୍ଗ୍:**

ଯଦି ଆପଣ ସ୍ଲିମ୍ ଟ୍ରିମ୍ ଅଛନ୍ତି ତା' ହେଲେ ବଡି ଫିଟିଙ୍ଗ୍ ଟି-ଲେନ୍ଥ ଡ୍ରେସ୍ ନିଅନ୍ତୁ । ଆଉଟିଙ୍ଗ୍ ଏବଂ ପାର୍ଟି ପାଇଁ ବଡି ଫିଟିଙ୍ଗ୍ ଡ୍ରେସ୍ ଭଲ ମାନିଥାଏ । ସିମରି, ବବଲଗମ୍ ପିଙ୍କ୍, ରୟାଲ୍ ବ୍ଲୁ, ଆଇଭୋରି ରେଡ୍ ରଙ୍ଗର ଡ୍ରେସ୍ କ୍ୟାରି କରନ୍ତୁ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ।

**ଅଫ୍ ସୋଲ୍ଡର:**

ଅଫ୍-ସୋଲ୍ଡର ଟପ୍ ଝିଅମାନଙ୍କର ଖୁବ୍ ପସନ୍ଦ । ହେଲେ ଏଥର ଟପ୍ ବଦଳରେ ଟି-ଲେନ୍ଥ ଅଫ୍ ସୋଲ୍ଡର ଡ୍ରେସ୍ ନିଅନ୍ତୁ । ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ପିନ୍ଧି ଯାଇପାରିବେ । ସିଲ୍କ, କଟନ୍, କାନଭାସ୍, ଭେଲଭେଟ୍ ଫ୍ୟାବ୍ରିକ୍ ନିଅନ୍ତୁ ।

**ଫର୍ ଡ୍ରେସ୍:**

ପୁରୁଣା ଡିଜାଇନର୍ ଡ୍ରେସ୍ ପିନ୍ଧି ବିରକ୍ତ ହୋଇଗଲେଣି କି ? ଫର୍ ଡ୍ରେସ୍ ସାମିଲ କରନ୍ତୁ ୱାର୍ଡରୋବ୍‌ରେ । ଟି-ଲେନ୍ଥ ଫର୍ ଡ୍ରେସ୍ ଫ୍ୟାଶନେବଲ ଲୁକ୍ ଦେଇଥାଏ । ଥିମ୍ ପାର୍ଟି ପାଇଁ ଏହି ଡିଜାଇନର୍ ଡ୍ରେସ୍ ବେଷ୍ଟ୍ ହୋଇଥାଏ । ଯଦି ଆପଣ ଏହି ଡ୍ରେସ୍‌ରେ ଆରାମ ଅନୁଭବ କରନ୍ତି, ତା'ହେଲେ ସବୁ ସମୟରେ କ୍ୟାରି କରିପାରିବେ ।

**ଷ୍ଟାଇପଡ୍ ଟୁ-ପିସ୍:**

ଷ୍ଟାଇପଡ୍ ପାଟର୍ନ ଡିଜାଇନ୍ ସବୁବେଳେ ହିଟ୍ । ଷ୍ଟାଇପଡ୍ ଟୁ-ପିସ୍ ଟି ଲେନ୍ଥ ଡ୍ରେସ୍‌କୁ ବର୍ଷାଦିନିଆ ଫଙ୍କି ଫୁଟ୍‌ୱିୟର ସହିତ ମ୍ୟାଚ୍ କରି ପିନ୍ଧିପାରିବେ । ବର୍ଷାଦିନେ ଏହି ଡିଜାଇନର୍ ଡ୍ରେସ୍‌କୁ ଆରାମରେ କ୍ୟାରି କରିପାରିବେ । କୁଲ୍ ଲୁକ୍ ଦେଇଥାଏ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୃଢ଼ ହେଲା ପୁରୁଣା ବନ୍ଧୁତା...

ଭାରତ-ରୁଷିଆ ମଧ୍ୟରେ ବନ୍ଧୁତା କେବଳ ନିବିଡ଼ ନୁହେଁ, ତାହା ଓଣ୍ଟଅନ୍ୟମାନଙ୍କ ପାଇଁ ଅନୁକରଣୟ ମଧ୍ୟ । ଦେଶ ସ୍ୱାଧୀନତା ଲାଭ ପରଠାରୁ ଆଜି ପର୍ଯ୍ୟନ୍ତ ଏହା ବହୁଧା ପରୀକ୍ଷିତ ଏବଂ ରୁଷିଆ (ପୂର୍ବରୁ ସୋଭିଏତ ସଂଘ) ସଦାବେଳେ ବିପଦ ସମୟରେ ଭାରତ ନିକଟରେ ଠିଆ ହୋଇଆସିଛି । ସେହି ଧାରାକୁ ବଜାୟ ରଖୁ ଡିସେମ୍ବର ୬ ତାରିଖ ଦିନ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି କ୍ଲାଦିମିର ପୁଟିନଙ୍କ ମଧ୍ୟରେ ହୋଇଥିବା ସଫଳ ଆଲୋଚନା ଏବଂ ସ୍ୱାକ୍ଷରିତ । ହଜାର ହଜାର କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତିନାମା ଏବେ ବିଶ୍ୱବ୍ୟାପୀ । ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ପ୍ରତିରକ୍ଷା କ୍ଷେତ୍ରର । ଆଧୁନିକୀକରଣ ସକାଶେ ସରକାର ଏବେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ତଦନୁସାରେ ବିଦେଶରୁ ଅତ୍ୟାଧୁନିକ ବିମାନଠାରୁ ଆରମ୍ଭ କରି ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି । ଅନୁରୂପ ଭାବେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ରାଷ୍ଟ୍ରଙ୍କ ସହ ପ୍ରତିରକ୍ଷା ସାମଗ୍ରୀର ମିଳିତ ଉତ୍ପାଦନ ନିମନ୍ତେ ଚୁକ୍ତିନାମାମାନ ସ୍ୱାକ୍ଷରିତ ହେଉଛି । ରାଷ୍ଟ୍ରପତି ପୁଟିନଙ୍କ ଆଗମନ ପୂର୍ବରୁ ଭାରତକୁ ରୁଷିଆର ଏସ-୪୦୦ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ବ୍ୟବସ୍ଥା ଯୋଗାଣ ଘୋଷଣା କରାଯାଇଥିବା ବେଳେ ନୂଆଦିଲ୍ଲୀରେ ଉଭୟ ନେତାଙ୍କ ଉପସ୍ଥିତିରେ ୨୮ଟି ରାଜିନାମା ସ୍ୱାକ୍ଷରିତ ହୋଇଛି । ସେଥିମଧ୍ୟରେ ୧୦ବର୍ଷ ପାଇଁ ଉଭୟ ଦେଶ ମଧ୍ୟରେ ସାମରିକ-ପ୍ରଯୁକ୍ତି ସହଭାଗୀତା ବିଶେଷ ବହନ କରେ । ସେହିଭଳି ଅତ୍ୟାଧୁନିକ ସ୍ୱୟଂକ୍ରିୟ ଏକେ-୨୦୩ ରାଇଫଲର ଭାରତରେ ମିଳିତ ଉତ୍ପାଦନ କେବଳ ଭାରତର ସଶସ୍ତ୍ର ସେନାଙ୍କୁ ସଶକ୍ତ କରିବନାହିଁ ଅପରପକ୍ଷେ ଦୁଇ ଦେଶର ଯୁଗ୍ମ ସାମରିକ ସହଯୋଗରେ ମଧ୍ୟ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ମୋଦି-ପୁଟିନ୍ ୨+୨ ଆଲୋଚନା ଦୁଇବର୍ଷ ପରେ ଅନୁଷ୍ଠିତ ହୋଇଥିଲେ ସୁଦ୍ଧା ସେଥିରୁ ଉଦ୍ଦିଷ୍ଟ ସୁଫଳ ମିଳିଛି । ଭାରତକୁ ରୁଷିଆର ଏସ-୪୦୦ ବିମାନ ପ୍ରତିରକ୍ଷା କ୍ଷେପଣାସ୍ତ୍ର ବ୍ୟବସ୍ଥା ଯୋଗାଣକୁ ନେଇ ଆମେରିକା ତା'ର ତୀବ୍ର ଅସନ୍ତୋଷ ପ୍ରକଟ କରିଥିବାବେଳେ ଚୀନ୍ ଏବଂ ପାକିସ୍ତାନ ପକ୍ଷରୁ ଭାରତ ପ୍ରତି ଆଉ କୌଣସି ପ୍ରକାର ବିମାନ ଅବା କ୍ଷେପଣାସ୍ତ୍ର ଆକ୍ରମଣ ଭୟ ନରହିବା ପ୍ରାୟ ସୁନିଶ୍ଚିତ ହୋଇଛି । ଦୀର୍ଘଦିନ ଧରି ଏହି କ୍ଷେପଣାସ୍ତ ଆହରଣ ନିମନ୍ତେ ଭାରତ କଥାବାର୍ତ୍ତା କରିଆସୁଥିଲା । ଭାରତର ପ୍ରତିରକ୍ଷା ବ୍ୟବସ୍ଥା ରୁଷିଆର ଯୁଦ୍ଧାସ୍ତ୍ର, ଟ୍ୟାଙ୍କ ଠାରୁ ଲଢୁଆ ଯୁଦ୍ଧ ବିମାନ ପର୍ଯ୍ୟନ୍ତ ଦୀର୍ଘ ବର୍ଷ ଧରି ନିର୍ଭରଶୀଳ ରହି ଆସିଛି ଏବଂ ତାହାରି ବଳରେ ଏକାଧିକ ଯୁଦ୍ଧରେ ମଧ୍ୟ ବିଜୟୀ ହୋଇଛି । ସମୟର ପରିବର୍ତ୍ତନ ସହ ଭାରତ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କରୁ ମଧ୍ୟ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର କ୍ରୟ କରିବାକୁ କୁଣ୍ଠା କରିନାହିଁ । କିନ୍ତୁ ରୁଷିଆ ସହ ପ୍ରତିରକ୍ଷା ସମ୍ପର୍କ ଅତୁଟ ରହିଛି । ଏହାର ମଧ୍ୟ ଏକ ଐତିହାସିକ ଦିଗ ରହିଛି । ତାହାର ଚେର ୧୯୫୦ ଦଶକର ଯେତେବେଳେ କୋଶିଗିନ୍, କ୍ରେଜନେଭ, ଗୋର୍ବାଚୋଭ ଏବଂ ଅନ୍ୟ ରୁଷ ନେତାମାନେ ଭାରତକୁ ଅସମୟରେ ଅକୁଣ୍ଠ ସାମରିକ ସହାୟତା ଯୋଗାଇଥିଲେ । ତାହା ମିଗ୍ ୨୧ ଠାରୁ ସୁଖୋଇ ଅବା ଆଇଏଲ ୭୬ ପର୍ଯ୍ୟନ୍ତ ଏବଂ ବୁଡ଼ାଜାହାଜ ଠାରୁ ନେଇ ଏକେ-୪୭ ଏବଂ ଏକେ-୫୬ ଆସ ରାଇଫଲ ଯାଏ । ଏପରିକି ୧୯୭୧ ମସିହାର ଭାରତ- ପାକ୍ ଯୁଦ୍ଧବେଳେ ଭାରତ ପାଇଁ ରୁଷିଆ ତା'ର ଅସ୍ତ୍ରଭଣ୍ଡାର ଖୋଲି ଦେଇଥିଲା । ଏହି ଅଦ୍ୟାବଧ ବଜାୟ ରହିବା ଉଭୟ ଦେଶଙ୍କ ବନ୍ଧୁତା ପୁଣି ଥରେ ବର୍ତ୍ତମାନ ପିଢ଼ିଙ୍କ ନିକଟରେ ପ୍ରମାଣସିଦ୍ଧ କରିଛି । ଏକବିଂଶ ଶତାବ୍ଦୀରେ ଯୁଦ୍ଧର ପରିଭାଷା ବଦଳିଛି । ସୀମାରେ ଯୁଦ୍ଧ ଲଢ଼ାଯାଉ ଅବା ନଯାଉ ଆମକୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ସମକକ୍ଷ ହୋଇ ଅସ୍ତ୍ରଭଣ୍ଡାରକୁ ପ୍ରସ୍ତୁତ ରଖୁବାକୁ ପଡ଼ିବ। ଉତ୍ତର ପଶ୍ଚିମ ସୀମାନ୍ତରେ ଚୀନ୍ ଏବଂ ପାକିସ୍ତାନ ଭଳି ଦୁଇ ଅବିଶ୍ୱସ୍ତ ପ୍ରତିବେଶୀଙ୍କ ଠାରୁ ବାରମ୍ବାର । ପ୍ରତାରଣାର ଶିକାର ହେବାପରେ ଭାରତ ଏବେ ନିଜକୁ ସାମରିକ ଭାବେ ସଜାଗ ଓ ସମକକ୍ଷ ରହିବା ଏକାନ୍ତ ଜରୁରି । ତେଣୁ ପୁଟିନଙ୍କ ଭାରତ ଗସ୍ତ ପୁଣି ଥରେ ଦୁଇ ରାଷ୍ଟ୍ରଙ୍କ ଏହି ସମ୍ପର୍କକୁ ଆଉ ପାଦେ ଆଗକୁ ନେଇଯାଇଛି । ଏହା ବ୍ୟତୀତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଓ ଆର୍ଥିକ ସମ୍ପର୍କ ବୃଦ୍ଧି ଉପରେ ମଧ୍ୟ ଭାରତ ଏବଂ ରୁଷିଆ ଘନିଷ୍ଠତାର ସହ କାର୍ଯ୍ୟ କରିବେ ବୋଲି ସହମତ ହୋଇଛନ୍ତି । ତାହା ମଧ୍ୟ ଉଭୟ ରାଷ୍ଟ୍ରଙ୍କୁ ଆର୍ଥିକ ଦୃଷ୍ଟିରୁ ଉପକୃତ କରାଇବ ।

# ମାନବିକ ଅଧିକାର ଦିବସର ଗୁରୁତ୍ୱ



**ଜୟଶ୍ରୀ ପଟ୍ଟନାୟକ**



ଦୁଇ ଗୋଟି ବିଶ୍ୱଯୁଦ୍ଧର ବିଭୀଷିକାରେ ସାରା ବିଶ୍ୱଆତଙ୍କିତ ହେଲାପରେ ମାନବ ସମାଜ ଯେତେବେଳେ ଖୋଜୁଥିଲା ଶାନ୍ତି ଓ ସୁରକ୍ଷା ସେତେବେଳେ ଜନ୍ମ ନେଇଥିଲା ମିଳିତ ଜାତିସଂଘ ଭଳି ଏକ ଆନ୍ତର୍ଜାତିକ ସଙ୍ଗଠନ । ୧୯୪୮ ଡିସେମ୍ବର ୧୦ ମିଳିତ ଜାତିସଂଘର ମହାସଭା ଦ୍ୱାରା ମାନବାଧିକାର ସମ୍ବଳିତ ସାର୍ବଜନୀନ ଘୋଷଣାନାମା ମାନବ ଅଧିକାରର ସୁରକ୍ଷା ନିମନ୍ତେ ଫ୍ରାନ୍ସର ରାଜଧାନୀ ପ୍ୟାରିସଠାରେ ଜାରି କରାଯାଇଥିଲା । ସେଥିପାଇଁ ବିଶ୍ୱରେ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ମାନବାଧିକାର ଦିବସ ପାଳନ କରାଯାଉଅଛି । ଜାତିସଂଘର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକୁ ବିଶ୍ୱର ବହୁ ଦେଶ ଗ୍ରହଣ କରିଥିଲେ । ଜାତିସଂଘର ଐତିହାସିକ ଉଦ୍‌ଘୋଷଣାର ପ୍ରଥମ ଅନୁଚ୍ଛେଦ ଅନୁସାରେ ସମସ୍ତ ମନୁଷ୍ୟ ଦୁନିଆରେ ମୁକ୍ତ ଭାବରେ ଜନ୍ମ ଏବଂ ମର୍ଯ୍ୟାଦା ତଥା ଅଧିକାର ଦୃଷ୍ଟିରୁ ସମସ୍ତେ ସମାନ । ମାନବିକ ଅଧିକାର ସୁରକ୍ଷିତ ହୋଇପାରିଲେ ସାମାଜିକ ନ୍ୟାୟ ପ୍ରତିଷ୍ଠାର ମାର୍ଗ ସୁଗମ ହୋଇପାରିବ । ବସୁଧୈବ କୁଟୁମ୍ବକମ୍ ଓ ସର୍ବେ ଭବନ୍ତୁ ସୁଖୀନଃ ଭଳି ବିଶ୍ୱ ମାନବବାଦୀ ଚେତନା ଭାରତର ପବିତ୍ର ମାଟିରେ ଉଦ୍ରେକ ହୋଇ ସମଗ୍ର ବିଶ୍ୱକୁ ଉଦ୍ଭାସିତ କରିପାରିବ ।

ସମାଜରେ ସ୍ୱାଧୀନ ଭାବେ ବଂଚି ରହିବା ଅଧିକାର ସମସ୍ତଙ୍କର ଅଛି । କିନ୍ତୁ ମଣିଷ ମଣିଷକୁ ଘୃଣା କରୁଛି, ଛୁଆଁ ଅଛୁଆଁ ଭେଦଭାବ ରହିଛି, ବର୍ଣ୍ଣବୈଷମ୍ୟ ନୀତି ରହିଛି । ଯଦି ସବୁ ମଣିଷଙ୍କ ରକ୍ତ ଏକ ତେବେ କାହିଁକି ଏ ଭେଦଭାବ ମୁଣ୍ଡ ଟେକୁଛି, ସାମ୍ପ୍ରଦାୟିକତା ଦେଶ ଦେଶ ଭିତରେ ବଢୁଛି ତାହାର ନିରାକରଣ ପାଇଁ, ମଣିଷ ମଣିଷ ଭିତରେ କିପରି ସଦ୍ଭାବନା ରହିବ ଏହି ଜନସଚେତନତା ନେଇ ଏହି ଦିବସଟିର ସୃଷ୍ଟି । ହିଂସା, କପଟ, ଦ୍ୱେଷ, ଦେଶ ଦେଶ ଭିତରେ ସଂଘର୍ଷ ଯୁଦ୍ଧ ଅବଶମ୍ଭାବୀ କରେ ଫଳରେ ଶାନ୍ତି କ୍ଷୁର୍ଣ୍ଣ ହୁଏ, ଅର୍ଥନୈତିକ, ସାମାଜିକ ସମସ୍ୟା ଦେଖାଯାଏ । ତେଣୁ ପ୍ରତ୍ୟେକ ମଣିଷ କିପରି ମର୍ଯ୍ୟାଦା ପୂର୍ଣ୍ଣ ଜୀବନ ଜୀଇଁବ, ପୃଥିବୀର ଶାନ୍ତି ଓ ଜନମଙ୍ଗଳ ସ୍ୱରୂପ ମାନବ ଜୀବନର ଚରିତାର୍ଥ ହେବ ସେ ନିମିତ୍ତ ଏକ ବଳିଷ୍ଠ ପଦକ୍ଷେପ । ମାନବାଧିକାର ଗୁଡିକ ସାର୍ବଜନୀନ, ସାର୍ବଭୌମତ୍ୱର ଉର୍ଦ୍ଧ୍ୱରେ । ଯାହା ପ୍ରତ୍ୟେକ ମଣିଷକୁ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନରେ ସାହାଯ୍ୟ କରେ । ସାଧାରଣ ମଣିଷର ସ୍ୱାଧୀନତା, ବ୍ୟକ୍ତିଗତ ମର୍ଯ୍ୟାଦା ଓ ଅଧିକାର ଉପରେ ଅତୀତରେ ପ୍ରାଚୀନ ଗ୍ରୀସ ଓ ରୋମରେ ଗୁରୁତ୍ୱ ଦିଆଯାଉଥିଲା । ଇଂଲଣ୍ଡ ସମ୍ରାଟ ସାର ଜନଙ୍କ ଦ୍ୱାରା ୧୨୧୫ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ତ ମାଗ୍ନାକାର୍ଟା ଅନୁସାରେ ଇଂଲଣ୍ଡ ସାମନ୍ତ ମାନଙ୍କର ବିଶେଷ ଅଧିକାରର ସୁରକ୍ଷା ଦିଗରେ ବ୍ୟବସ୍ଥା କରାଯାଇଥିଲା । ସେହିପରି ଇଂଲଣ୍ଡର ଗୌରବମୟ ବିପ୍ଳବ, ଆମେରିକା ମୁକ୍ତି ସଂଗ୍ରାମ ୧୭୭୬ ଏବଂ ଫରାସୀ ବିପ୍ଳବ ୧୭୮୯ ପ୍ରଭୃତି ମାନବିକ ଅଧିକାର ସମ୍ପର୍କରେ ସଚେତନ ହେବାପାଇଁ ବିଶ୍ୱବାସୀଙ୍କ ନିମନ୍ତେ ସୁଯୋଗ ସୃଷ୍ଟି କରିଥିଲା । ଭାରତ ପକ୍ଷରୁ ମାନବୀୟ ଅଧିକାର ଘୋଷଣାନାମାକୁ ସମ୍ମାନ ପ୍ରଦର୍ଶିତ କରାଯାଇଥିଲା । ୧୯୯୩ ସେପଟେମ୍ବର ୨୭ ଦିନ ଭାରତର ଅଗଣିତ ଜନସାଧାରଣଙ୍କ ମାନବିକ ଅଧିକାରକୁ ସୁରକ୍ଷା ଦେବା ପାଇଁ ଜାତୀୟ ମାନବାଧିକାର ଆୟୋଗ ପ୍ରତିଷ୍ଠାର ଘୋଷଣା କରାଯାଇଥିଲା । ଏହି ଆୟୋଗ ଆମ ଦେଶର ମାନବିକ ଉଲଂଘନ ମାମଲାର ବିଚାର କରିଥାଏ । ଆମ ରାଜ୍ୟ ଓଡିଶାରେ ମାନବିକ ଅଧିକାର ଆୟୋଗ ୨୦୦୦ ଜାନୁଆରୀ ୨୭ ରେ ଗଠନ କରାଯାଇଥିଲା ଏବଂ ଏହା ୨୦୦୩, ଜୁଲାଇ ୧୧ରୁ କାର୍ଯ୍ୟକ୍ଷମ ହେଉଛି । ନାରୀ ନିର୍ଯ୍ୟାତନା ରୋକିବା ପାଇଁ ଯେମିତି ମହିଳା କମିଶନ ରହିଛି ସେହିପାରି ମାନବିକ ସୁରକ୍ଷା ଲାଗି ମାନବିକ ଅଧିକାର କମିଶନ ଗଠନ କରାଯାଇଛି ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି, ମହିଳା, ସମାଜର ଅନ୍ୟ ପଛୁଆବର୍ଗର ଲୋକମାନେ ମାନବିକ ଅଧିକାର ସଂକ୍ରାନ୍ତରେ ତ୍ୱରିତ ନ୍ୟାୟ ପାଇବାରେ ସକ୍ଷମ ହେଉଛନ୍ତି । ଦାରିଦ୍ର୍ୟ, ସାମ୍ପ୍ରଦାୟିକତା, ହିଂସାଭାବ ମାନବିକ ଅଧିକାରର ପ୍ରତିବନ୍ଧକ ଅଟେ ।

ମଣିଷ ଜୀବନ ଦୂର୍ଲଭ ଅଟେ । ଶତ ଜନ୍ମର ପୁଣ୍ୟ ଫଳରେ ମଣିଷ ଜନ୍ମ ଲାଭ ହୁଏ ତେଣୁ ନରଜନ୍ମକୁ ସାର୍ଥକ କରିବାପାଇଁ ମାନବୋଚିତ ପୁଣ୍ୟକାମ କରି ସମାଜକୁ ସୁଧାରିବା ଦିଗରେ ସହାୟକ ହେଲେ ଦେଶ ଜାତିର ପ୍ରଗତି ହୋଇପାରିବ । ନେପୋଲିଅନଙ୍କ- ମତରେ ନିର୍ମଳ ଓ ଦୃଢ଼ମନା ବ୍ୟକ୍ତି ହିଁ କଠିନତମ କାର୍ଯ୍ୟକୁ ବି ସହଜରେ ହାସିଲ କରିପାରିବେ । ଧନଠାରୁ ମୁକ୍ତ ରହିଲେ ଜ୍ଞାନ ଓ ଚରିତ୍ର ଶୁଦ୍ଧ ରହିବ । ଯାହାକୁ କି ନିଆଁ ଜାଳିପାରିବନି କି କୌଣସି ବାହ୍ୟ ଶକ୍ତି ଆଘାତ କରିପାରିବନି କଳହ ବି ଉପୁଜିବନି । ତଥାପି ନିଯୁକ୍ତି କ୍ଷେତ୍ରରେ, ପଦୋନ୍ନତି କ୍ଷେତ୍ରରେ ଅସମାନତା ଫଳରେ ବହୁ ମେଧାବୀ ମାନଙ୍କର ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି । ଯାହାଦ୍ୱାରା ସମାଜରେ ବେରୋଜଗାରୀ ସମସ୍ୟା ବଢୁଛି । ପଛୁଆବର୍ଗଙ୍କୁ ଚାକିରୀ ଓ ପଦୋନ୍ନତି ଦୁଇଟି କ୍ଷେତ୍ରରେ ସଂରକ୍ଷଣ ଦେବା ଫଳରେ ଅନ୍ୟ ସାଧାରଣବର୍ଗର ମେଧାବୀମାନେ ବଳି ପଡୁଛନ୍ତି ଫଳରେ ସାମ୍ବିଧାନିକ ମୌଳିକତା କ୍ଷୁର୍ଣ୍ଣ ହେଉଛି । ଦେଶ ପ୍ରଗତି ଦିଗରେ ଅଗ୍ରସର ହେବାପାଇଁ ଯେଉଁ ଜ୍ଞାନୀ ମାନଙ୍କର ସହାୟକ ଲୋଡୁଛି ସେମାନେ ଉଚିତ ସଂଖ୍ୟାରେ ମିଳି ପାରୁନାହାନ୍ତି । ସଂରକ୍ଷଣ ବଦଳରେ ଚାକିରୀ, ପଦୋନ୍ନତିରେ ଦକ୍ଷତା ପରୀକ୍ଷା କରିଲେ ହୁଏତ ଏ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇପାରିବ । କାହାର ମାନବିକ ଅଧିକାର ଉଲଂଘନ ହୋଇପାରିବ ନାହିଁ । ଉଦାହରଣ ସ୍ୱରୂପ ଡାକ୍ତରୀ, ଇଂଜିନିଅରିଂ ପରୀକ୍ଷାରେ ଯେଉଠି ସାଧାରଣବର୍ଗର ପିଲାଟିଏ ଅଧିକ ନମ୍ବର ରଖି ସରକାରୀ କଲେଜରେ ପାଠ ପଢ଼ିବାରୁ ବଂଚିତ ହେଉଛି ତା ଠାରୁ ଅଳ୍ପ ମାର୍କ ରଖି ବି ସଂରକ୍ଷଣ ଫଳରେ ଅନ୍ୟ ବର୍ଗର ପିଲାଟିଏ ପାଠ ପଢ଼ିବାକୁ ଯୋଗ୍ୟ ହୋଇପାରୁଛି । ଫଳରେ ସାଧାରଣ ପିଲାଟିଏ ତା ନ୍ୟାର୍ଯ୍ୟଦାବିରୁ ବଂଚିତ ହେଉଛି । ଏହା କେତେଦୂର ସମୀଚୀନ କଥା ? ଏହାଦ୍ୱାରା ଯୋଗ୍ୟତାର ସମାନତା ରହୁନାହିଁ । ସମାଜର ଅଧିକ ସଂଖ୍ୟକ ମେଧାବୀ ପିଲାଙ୍କର ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି । ଶିକ୍ଷିତ ବେରୋଜଗାରୀ ବଢୁଛି । ଚାକିରୀ, ପଦୋନ୍ନତି ଦୁଇଟି କ୍ଷେତ୍ରରେ ସଂରକ୍ଷଣ ଲାଗୁ ହେବାଦ୍ୱାରା ସାଧାରଣବର୍ଗର ମାନବିକ ଅଧିକାର ସଂପୂର୍ଣ୍ଣ ରୂପେ କ୍ଷୁର୍ଣ୍ଣ ହେଉଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ସଭ୍ୟ ସମାଜ ଓ ଆତଙ୍କର ଅତିବାଦ



**ଗୋପାଳ ମହାପାତ୍ର**

ସଂସ୍କୃତି ଏବଂ ଶିକ୍ଷାରୁ ପ୍ରାପ୍ତ ସଂସ୍କାର ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ନିର୍ମାଣ ସହ ଧର୍ମ ତଥା କର୍ମକୁ ମଧ୍ୟ ପରିଭାଷିତ କରିଥାଏ ଏବଂ ସମାଜର ଚରିତ୍ର ନିର୍ମାଣରେ ସହାୟକ ହୋଇଥାଏ। ହିନ୍ଦୁ ସଂସ୍କୃତି ସହ ଜଡ଼ିତ ଶିକ୍ଷା ପ୍ରଣାଳୀ ବାସ୍ତବିକ ସଂସ୍କାର ଶିଖାଇଥାଏ ଏବଂ ଆର୍ଯ୍ୟାବର୍ତ୍ତର ଲୋକଙ୍କୁ ଚରିତ୍ରବାନ ହେବାର ଶିକ୍ଷା ଦେଇଥାଏ। ଏଥି ସହିତ ଉଦାରତା, ତ୍ୟାଗ ଏବଂ ରାଷ୍ଟ୍ରପତି ସମର୍ପଣ ଭାବ ପାଇଁ ପ୍ରେରିତ କରିଥାଏ। ଏ ପ୍ରସଙ୍ଗରେ ସାଧୁ ଏବଂ ବିଛାର ପ୍ରକୃତି ପ୍ରଦତ୍ତ ବ୍ୟବହାରର ଏକ ଲୋକକଥା ଅତ୍ୟନ୍ତ ପ୍ରାସଙ୍ଗିକ। କଥା ଅନୁସାରେ ଜଣେ ସାଧୁ ତାଙ୍କ ଶିଷ୍ୟମାନଙ୍କ ସହ ନଦୀରେ ସ୍ନାନ କରୁଥିଲେ। ସେତେବେଳେ ଜଳଧାରରେ ଏକ ବିଛା ଭାଷି ଆସୁଥିଲା। ସାଧୁଜଣକ ବିଛାର ପ୍ରାଣ ବଞ୍ଚାଇବା ପାଇଁ ତାକୁ ହାତରେ ଧରିନେଲେ କିନ୍ତୁ ସ୍ୱଭାବ ବଶତଃ ବିଛାଟି ସାଧୁଙ୍କ ତାର ବିଷାକ୍ତ ଡଙ୍କରେ ଆଘାତ କଲା। ଡଙ୍କର ଆଘାତ କାରଣରୁ ସାଧୁ ଜଣକ ବିଛାଟିକୁ ଛାଡିଦେଲେ ଓ ବିଛାଟି ପୁଣି ଭାସି ଯାଉଥିଲା। ସାଧୁଜଣକ ପୁନର୍ବାର ବିଛାକୁ ବଞ୍ଚାଇବା ପାଇଁ ଚେଷ୍ଟା କଲେ ଓ ବିଛା ପୁଣି ଡଙ୍କ ମାରିଲା। ଏଭଳି ୩ରୁ ୪ଥର ସାଧୁ ଜଣକ ବିଛାକୁ ବଞ୍ଚାଇବାର ଉଦ୍ୟମ କଲେ ଓ ବିଛା ମଧ୍ୟ ଡଙ୍କ ମାରିଲା। ହେଲେ ଶେଷରେ ସାଧୁ ବିଛାଟିକୁ ପାଣିରୁ ଆଣି ବାହାରେ ଛାଡିଦେଲେ। ଏସବୁ କଥା ଦେଖି ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇ ସାଧୁଙ୍କୁ ପଚାରିଲେ ଯେ, ଗୁରୁଜୀ, ବିଛାଟି ଆପଣଙ୍କୁ ବାରମ୍ବାର ଡଙ୍କ ମାରୁଥିଲା । କିନ୍ତୁ ଆପଣ ତାକୁ କାହିଁକି ବଞ୍ଚାଇବା ପାଇଁ ଉଦ୍ୟମ କରୁଥିଲେ? ସାଧୁ ଉତ୍ତରରେ କହିଲେ ବିଛାର ପ୍ରକୃତିଗତ ସ୍ୱଭାବ ହେଉଛି ଡଙ୍କ ମାରିବା ତେଣୁ ସେ ତାର ସ୍ୱଭାବ ଛାଡିବ କିପରି? ଶିଷ୍ୟମାନେ ପୁନର୍ବାର ପ୍ରଶ୍ନ କଲେ ଯେ, ଆପଣ ତ ବିଛାକୁ ଛାଡି ଦେଇଥାନ୍ତେ ଆପଣ ବାରମ୍ବାର ତାକୁ ବଞ୍ଚାଇବା ପାଇଁ ଉଦ୍ୟମ କଲେ କାହିଁକି? ସାଧୁ ଜଣକ ସ୍ମିତ ହାସ୍ୟ ହସି କହିଲେ ବିଛା ପରି ଜୀବ ତାର ସ୍ୱଭାବ ଛାଡିପାରିଲା ନାହିଁ ତେବେ ମୁଁ ଜଣେ ସାଧୁ ହୋଇ ମୋର ସ୍ୱଭାବ ଛାଡିବି କେମିତି? ବିପରୀତ ଆଚରଣରେ ପ୍ରାଣୀମାନେ ମଧ୍ୟ ସମନ୍ୱୟ ରକ୍ଷା କରିଚଳିଥାନ୍ତି। ଏ ପ୍ରସଙ୍ଗରେ ଭାରତୀୟ ସାହିତ୍ୟରେ ଅନେକ ଉଦାହରଣ ରହିଛି। ଭାରତୀୟ ସାହିତ୍ୟ ସିଧା ଭାବରେ କହିବାକୁ ଗଲେ ହିନ୍ଦୁ ସଂସ୍କୃତି ସହ ଜଡ଼ିତ ସାହିତ୍ୟକୁ ଛାଡିଦେଲେ ଅନ୍ୟ କୌଣସି ଧର୍ମର ସାହିତ୍ୟରେ ଏଭଳି ଉଦାହରଣ ନାହିଁ।

ଆଫଗାନିସ୍ତାନରେ ତାଲିବାନମାନେ ଯେଉଳି ଶାସନ ଗାଦିକୁ ଅକ୍ତିଆର କଲେ ଏବଂ ଯେଉଳି ନାରକୀୟ କାଣ୍ଡ ଘଟାଇଲେ ତାକୁ ସଂସ୍କାରିତ କାର୍ଯ୍ୟ ବୋଲି କୁହାଯାଇପାରିବ କି? କଠୋରପନ୍ଥୀ ମାନେ ଇସଲାମ ଉପଧର୍ମାବଲମ୍ବୀଙ୍କ ସମେତ ସବୁ ଧର୍ମର ମହିଳାମାନଙ୍କୁ ନିର୍ଯାତନା ଦେଉଥିବା ବେଳେ ସାରା ବିଶ୍ୱର ଇସଲାମ ସମାଜ ପୁରାପୁରି ମୌନ ରହିଥିଲା। ଆମ ଦେଶର କିଛି ବୁଦ୍ଧିଜୀବୀ ତାଲିବାନ ସପକ୍ଷରେ ମତ ଦେଉଛନ୍ତି କିନ୍ତୁ ସେଠାରେ ନାବାଳିକାଙ୍କୁ ଯୌନ ଶୋଷଣ ଓ ହଜାର ହଜାର ପୁରୁଷଙ୍କୁ ହତ୍ୟା କରାଯାଉଥିବା ଉପରେ ଚୁପ୍ ରହୁଛନ୍ତି। ଆଫଗାନିସ୍ତାନରେ ତାଲିବାନ ଶାସନ ପରଠାରୁ ଯାହା ଚାଲିଥିଲା ତାକୁ ଆତଙ୍କବାଦ ବୋଲି କୁହାଯିବ ନିଶ୍ଚୟ। ଆତଙ୍କବାଦ କିଛି ନୂଆ ଘଟଣା ନୁହେଁ। ସଭ୍ୟତାର ବିକାଶକ୍ରମର ପ୍ରାରମ୍ଭରୁ ଏଭଳି ଘଟଣା ସବୁ ଦେଖିବାକୁ ମିଳୁଛି। କିନ୍ତୁ ଯେତେବେଳେ ଉଇଗର ମୁସଲିମ୍ ଆତଙ୍କବାଦ ଗ୍ରସ୍ତ ବେଶ ଚୀନ ତାଲିବାନମାନଙ୍କୁ ସମର୍ଥନ କରେ ସେତେବେଳେ ଏ ବାବଦରେ ଅଧିକ ଭାବେ ଚିନ୍ତା କରାଯିବା କଥା ସ୍ୱତଃ ଉଠିଥାଏ। ଆତଙ୍କବାଦରେ ଘୋର ବିରୋଧୀ ଦେଶ ରୁଷିଆ ମଧ୍ୟ ତାଲିବାନ ସରକାର ସହ ବନ୍ଧୁତାର ହାତ ବଢାଇବାର ଉଦ୍ୟମ କରୁଛି। ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମହବୁବା ମୁଫତି କାଶ୍ମୀର ସହ ଆଫଗାନିସ୍ତାନର ତୁଳନା କରିଦେଲେ କିନ୍ତୁ କାଶ୍ମୀରର ବିସ୍ଥାପିତ ପଣ୍ଡିତମାନଙ୍କ କଥା ତାଙ୍କ ଦୃଷ୍ଟିକୁ ଆସିଲାନାହିଁ। ମୁନବର ରାଣାଙ୍କ ଭଳି ସାହିତ୍ୟିକ ଧାର୍ମିକ ପୂର୍ବାଗ୍ରହ ଗ୍ରସିତ ହୋଇ ତାଲିବାନକୁ ସମର୍ଥନ କଲେ ଓ ଭାରତ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ଏସବୁରୁ ଏମାନଙ୍କ ଭାରତ ବିରୋଧୀ ମାନସିକତା ସ୍ପଷ୍ଟ।

ଏସବୁ ଘଟଣାକୁ ଦେଖି ଆମେ କ'ଣ ଭାବିବା ଯେ ଭାରତୀୟ ସନାତନ ଉଦାରତାର କିଛି ମୂଲ୍ୟ ନାହିଁ? ଆଫଗାନିସ୍ତାନରେ ତାଲିବାନୀମାନେ ଗୋଟିଏ ପରେ ଗୋଟିଏ ସହର କବ୍‌ଜା କରିଚାଲିଥିବା ବେଳେ ଆମେରିକା ଦ୍ୱାରା ପ୍ରଶିକ୍ଷଣ ପ୍ରାପ୍ତ ତଥା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଆଫଗାନ ସେନା ସେମାନଙ୍କ ଆଗରେ ନିଜକୁ ସମର୍ପଣ କରିଦେଇଥିଲେ। ଏଥିରୁ ସ୍ପଷ୍ଟ ଯେ, ଧାର୍ମିକ ଚରମପନ୍ଥର ପ୍ରକୃତିଜନ୍ୟ ମାନସିକତା ଆଗରେ ଆଫଗାନ ସେନା ନିଜକୁ ସମର୍ପି ଦେଇଥିଲେ। କୋଉଠିମଧ୍ୟ ସଂଘର୍ଷ ଘଟିନଥିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ସୁନ୍ନି ମୁସଲମାନଙ୍କ ରକ୍ତରେ କଠୋରତାର ଜହର ଭରି ରହିଥିଲା। କଥିତ ଏହି ଘଟଣା ପାଇଁ ଅନେକେ ଆମେରିକାକୁ ଦୋଷୀ ବୋଲି କହିଥିଲେ। କିନ୍ତୁ ଚିନ୍ତା କରିବାର କଥା ହେଉଛି ଆମେରିକାର ଯାହାବି ଉଦ୍ଦେଶ୍ୟ ଥାଉନା କାହିଁକି ଆଫଗାନରେ ଏକ ଲୋକତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ପାଇଁ ଆମେରିକା ପ୍ରୟାସ କରିଥିଲା। ଆଫଗାନିସ୍ତାନର ବିକାଶ ପାଇଁ ମଧ୍ୟ ଆମେରିକା ଉଦ୍ୟମ କରିଥିଲା। ଭାରତ ମଧ୍ୟ ଏଥିରେ ଭାଗିଦାରୀ ଥିଲା। କିଁ ଯାହାଙ୍କ କାନ୍ଧରେ ଏହି ବ୍ୟବସ୍ଥାର ମୁଖ୍ୟ ଦାୟିତ୍ୱ ଥିଲା ସିଏ ଦେଶ ଛାଡି ପଳାୟନ କଲେ। ଏପରିସ୍ଥଳେ ଆମେରିକା କ'ଣ ବା କରିପାରିଥାନ୍ତା?

ଅସରଫ ଗନି ଦେଶ ଛାଡି ଚାଲିଯିବା ପରେ ଏକଥା ସ୍ପଷ୍ଟ ହୋଇଗଲା ଯେ, ସେ କେବଳ ଶାସନରେ ରହି ଆର୍ଥିକ ଦୋହନ କରିବାକୁ ଚାହୁଁଥିଲେ। ଯେତେବେଳେ ଦେଶ ସଙ୍କଟରେ ପଡିଥାଏ ସେତେବେଳେ ଶାସନ ମୁଖ୍ୟଙ୍କ ମାନସିକତା ନଜରକୁ ଆସିଥାଏ। ଏଭଳି ଲୋକଙ୍କ କାର୍ଯ୍ୟଶୈଳୀ କାରଣରୁ ଶାସକ ବଦନାମ ହୋଇଥାନ୍ତି ଓ ଚରମପନ୍ଥୀ ମାନଙ୍କର ବିକୃତ ମାନସିକତା ଓ କ୍ରୂରତାକୁ ପ୍ରୋତ୍ସାହନ ମିଳିଥାନ୍ତା। ଇସଲାମ ଧର୍ମରେ ଯେ ସହିଷ୍ଣୁ ବା ଉଦାରବାଦୀ ଲୋକ ନାହାଁନ୍ତି ତା ନୁହେଁ କିନ୍ତୁ ସମଗ୍ର ଇସଲାମ ସମୁଦାୟ ଠାରୁ ଏଭଳି କାରଣ ପାଇଁ ଅନ୍ୟ ଧର୍ମର ଲୋକେ ଦୂରେଇ ଯାଇଥାନ୍ତି। ଆଫଗାନିସ୍ତାନର ଅବସ୍ଥାକୁ ଦେଖି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଥିଲେ ଯେ, ଯେତେବେଳେ ତାଲିବାନୀଙ୍କ ବିରୁଦ୍ଧରେ ଆଫଗାନ ସେନା ଲଢିବାକୁ ପ୍ରସ୍ତୁତ ନୁହଁନ୍ତି ସେତେବେଳେ ଆମେରିକାର ସେନା ଯୁଦ୍ଧକରିବ କାହିଁକି? ଆଧୁନିକ ଯୁଗରେ ଯେତେବେଳେ ବିଜ୍ଞାନ ତଥା ବୈଷୟିକ ଜ୍ଞାନ କୌଶଳ ସବୁ ଧର୍ମ ବାବଦରେ ସମାଜକୁ ସଚେତନ କରାଇବାରେ ଲାଗିଛି ସେତେବେଳେ ଇସଲାମିକ୍ ସଂକୀର୍ଣ୍ଣତା କମ୍ ହେବା ପରିବର୍ତ୍ତେ ବଢିବାରେ ଲାଗିଛି। ଏକ ଆତଙ୍କବାଦୀ ସଂଗଠନ ଯେତେବେଳେ ଧର୍ମ ଆଧାରରେ ଗୋଟିଏ ଦେଶକୁ କବ୍‌ଜା କରିନେଲା ସେତେବେଳେ ଏକଥା ମଧ୍ୟ କହିହେବ ନାହିଁ ଯେ ଧର୍ମ ଏବଂ ଆତଙ୍କ ମଧ୍ୟରେ ସମ୍ପର୍କ ନାହିଁ। ଏଭଳି ଆତଙ୍କବାଦୀ ସଂଗଠନମାନେ ଆଫଗାନରୁ ଶିକ୍ଷାଲାଭ କରି ଅନ୍ୟଦେଶକୁ କବ୍‌ଜା କରିବାକୁ ଚାହିଁବେ ନିଶ୍ଚୟ। ସବୁଠାରୁ ବଡ଼ କଥା ହେଉଛି ଆତଙ୍କବାଦୀଙ୍କ ନିକଟରେ ଘାତବ ଅସ୍ତ୍ରଶସ୍ତ୍ରର ଉପଲବ୍ଧତା। ଘାତକ ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପହଞ୍ଚିଯାଉ ଥିବାରୁ ସେମାନେ ଉତ୍ପାତ କରୁଛନ୍ତି। ସାମାଜିକ ଗଣମାଧ୍ୟମ ଏଭଳି ଘଟଣା ସବୁକୁ ପ୍ରୋତ୍ସାହିତ କରି ଏକପ୍ରକାର ମାନବତା ବିରୋଧୀ ଭୂମିକାରେ ରହିଛି। ଏବେ ଏଭଳି ସମୟ ଆସିଛି ଯେଉଁ ସମୟରେ ବ୍ୟକ୍ତିର ଧୈର୍ଯ୍ୟ, ସଂଯମ ଏବଂ ବିବେକ ଖୁବଶୀଘ୍ର ଭାଙ୍ଗିଯାଉଛି। ଏସବୁ କାରଣରୁ ବୋଧହୁଏ ବିଶ୍ୱରେ ଏମିତି କୌଣସି ଦେଶ ଅଛି ଯେଉଁଠି ହିଂସା, ଅଶାନ୍ତି, ଉପଦ୍ରବ ଏବଂ ରକ୍ତପାତ ନାହିଁ। ଆତଙ୍କବାଦୀ ମାନଙ୍କୁ ଯେଉଳି କିଛି ଦେଶ ପ୍ରୋତ୍ସାହନ ଯୋଗାଉଛନ୍ତି ସେଥିରୁ ସ୍ପଷ୍ଟ ଯେ, ଆଗାମୀ ଦିନରେ ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ମଧ୍ୟ ପହଞ୍ଚିଯିବ ଓ ମହାବିନାଶର ଚରମ ଲୀଳା ବିଶ୍ୱ ଦେଖିବ।


♥ ରାମଚନ୍ଦ୍ରପୁର, ରଣପୁର

(ମୋ)୯୪୩୮୪୮୫୦୯୪







## ହେ ପ୍ରଭୁ ବାରେ ଶାନ୍ତ ହୁଅ

**ପ୍ରଦୀପ୍ତ ଆଚାର୍ଯ୍ୟ**

ଚାରିଆଡେ ହାହାକାର,
ଶୁଭୁଛି ଚିତ୍କାର ଖାଲି,
ପ୍ରଭୁ ରକ୍ଷାକର, ପ୍ରଭୁ ରକ୍ଷାକର,
କିନ୍ତୁ ହେ ଈଶ୍ୱର,
କଣ ପାଇଁ, କେଉଁଥିପାଇଁ,
ତୁମର ଏ ମୌନାବତାର ?
ତୁମ ହସ୍ତେ ଗଢା ଏ ସୁନ୍ଦର ସୃଷ୍ଟି,
ସତେ କଣ ହୋଇଯିବ ନାରଖାର ?
ଏ ମୂଢ ମନୁଷ୍ୟକୁ ବାରେ କ୍ଷମା କର।
ନାହିଁ ତାର ଆଉ ସେହି ଦମ୍ଭ ଅହଂକାର।
ତୁମେ ତ ଜାଣିଛ,
ଏ ମନୁଷ୍ୟ,କେତେ ସ୍ୱାର୍ଥପର,
ସମ୍ପଦରେ ଥିବା ବେଳେ,
କାହାରିକୁ କରେନା ଖାତର।
ବିପଦରେ ପଡି ଯେବେ,ହୁଏ ଅଣାୟତ,
ନିଜର ପ୍ରଚେଷ୍ଟା ଯଦି,ଶକ୍ତି ବର୍ହିଭୁତ,
ସେତିକି ବେଳକୁ ସିଏ,ଯୋଡି ଦୁଇହସ୍ତ,
ଆକୁଳେ ଡାକଇ ପ୍ରଭୁ,ମୋତେ ରକ୍ଷାକର।
ହେ ଜଗଦୀଶ୍ୱର,ହେ ଚକ୍ରଧର,
ଧର୍ମ ନାମେ ରାଜନୀତି,ଧର୍ମ ନାମେ ଭ୍ରଷ୍ଟାଚାର,
ସେଇଥିପାଇଁ କଣ ତୁମ
କଲ୍‌କୀ ଅବତାର ?
ହେ ପ୍ରଭୁ ବାରେ ଶାନ୍ତ ହୁଅ,
ପେଶିଥିବା କରୋନା ଚକ୍ରକୁ,
ତୁମ ଆୟତକୁ ନିଅ।
କ୍ଷମା ଥରେ କରିଦେଇ, ସଦ୍‌ବୁଦ୍ଧି ଦିଅ
ହେ ପ୍ରଭୁ ବାରେ ଶାନ୍ତ ହୁଅ,


♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦।




## ମହାଲକ୍ଷ୍ମୀ ବନ୍ଦନା

**ପୁଷ୍ପାଞ୍ଜଳି ପଣ୍ଡା**

ଜୟ ମହାଲକ୍ଷ୍ମୀ ଜୟ ପଦ୍ମାଳୟା
ଜୟ ମା ଚ ଳା ତ୍ରୈଲୋକ୍ୟ ପାଳିନୀ
ଜୟ ମା ଇନ୍ଦିରା କ୍ଷିରାବ୍ଧି ତନୟା
ସତ ଶାନ୍ତି ଦୟା କ୍ଷମା ପ୍ରଦାୟିନୀ ।।
ସାଗର ଦୁଲଣୀ ଐଶ୍ୱର୍ଯ୍ୟ ଦାୟିନୀ
ସର୍ବ ସୁଖ ଦାତ୍ରୀ ଜଗତ୍ପ୍ରତିଦାତ୍ରୀ
ଅଭୟ ଦାୟିନୀ ବିଷ୍ଣୁ ପାଟରାଣୀ
ସକଳ ସମ୍ପଦ ଶୌର୍ଯ୍ୟ ବୀର୍ଯ୍ୟ ଦାତ୍ରୀ ।।
ନିତ୍ୟପୁଷ୍ଟା ମାଗୋ ମାତା ହିରଣ୍ମୟୀ
କମଳା କଲ୍ୟାଣୀ ନିତ୍ୟା ନାରାୟଣୀ
ଭାଗ୍ୟଶ୍ରୀ ଭାର୍ଗଭୀମାତା ଅମିତାୟୀ
ସମ୍ପଦା ସାନନ୍ଦା ମାଗୋ ସନାତନୀ ।।
ଜୟ ସୁମଙ୍ଗଳା ମାତା ସୁରେଶ୍ୱରୀ
ବିଷ୍ଣୁଶକ୍ତି ବିଷ୍ଣୁମାୟା ଯଶସ୍ୱିନୀ
ମହାବିଦ୍ୟା ମଣିମାଳା ଲୋକେଶ୍ୱରୀ
ଅଦିତୀ ଅକ୍ଷରା ବ୍ରହ୍ମ ସ୍ୱରୂପିଣୀ।।
ଦାରିଦ୍ର୍ୟ ଭଞ୍ଜନୀ ମା ସାଗରସୁତା
ଆଦ୍ୟାଶକ୍ତି ମାହେଶ୍ୱରୀ ଜୟ ଜୟ
ଶଙ୍ଖ ଚକ୍ର ଗଦା ପଦ୍ମ ସୁଶୋଭିତା
ତୁମ୍ଭ ପଦେ ସଦା ରହୁ ମୋର ଲୟ।।


♥ଷ୍ଟାଟିଷ୍ଟିକାଲ୍ ଅଫିସର, ଯାଜପୁର


## ଅଫେରା ସମୟ...

**ଝରଣା ବାରିକ**

ତୁ ରହିଯିବୁ ନାହିଁ
କାଳେ ତୋ ସାଥେ
ଦୁଃଖ ମୋର ଯିବ ରହି
ତୁ ଚାଲି ଯିବୁ ନାହିଁ ଦୂରେ
ସୁଖ ମୋର ତୋ ସାଥେ
ଯିବୁ କାଳେ ନେଇ।

ତୁ ଫେରିବୁନି ଆଉ ଥରେ
ତୋ ସାଥେ ଯଦି ଫେରି ଆସିବ
ଅଭୁଲା ଅତୀତମାନ
ତୁ ଦୌଡି ଯାଆନା
ଧିରେ ଧିରେ ଯିବୁ
କାଳେ ଦୂରେଇ ଯିବ
ଅଙ୍ଗେ ଅଙ୍ଗେ ଲିଭୋଉଥିବା
ଏଇ ବ ର୍ତମାନ।

ତୁ କ'ଣ ଓଲଟି ପାରିବୁ
ଫେରାଇ ପାରିବୁ ମୋର ସେଇ
ଶୈଶବକୁ,
କୁନି କୁନି ପାଦରେ ନୂପୁର ବାନ୍ଧି
ନାଚି ଖେଳି
ବିତେଇ ଥିବା ସେଇ ଧୂଳି ଖେଳକୁ।

ତୁ କ'ଣ ଦେଇ ପାରିବୁ
ହଜି ଯାଇଥିବା
ମୋ ଜେଜେ, ଜେଜେ ମାଆଙ୍କ
ଗପ ପେଡ଼ିକୁ, ମାଡ଼ ଗାଳିକୁ
ବୋଉର କାନ ମୋଡାକୁ
ବାପାଙ୍କ ନାଲି ଆଖି ଦେଖି
ଚମକି ପଡ଼ି, ଛାତିରେ ଛେପ ପକାଇ
ତଳ ମୁହଁ ପୋତି ଠିଆ ହୋଇ ଥିବା
ସେଇ ବାଲ୍ୟ ଅବସ୍ଥକୁ।

ତୁ କ'ଣ ଫେରେଇ ପାରିବୁ
ବର୍ଷାରେ ଭିଜୁଥିବା ସ୍କୁଲ ବେଳକୁ
ଶୀତରେ ସକାଳୁ
ବିଛଣା ଛାଡ଼ିବାକୁ ଇଛା ନଥାଇ ବି
ବାଧ୍ୟ ହୋଇ ଉଠି ଟିଉସନ
ଯିବା ବେଳକୁ।

ନାହିଁରେ ତୁ ପାରିବୁନି ?
ତୁ ତ ଅଫେରା
ତୋ ବାଟ ତ କେବଳ ଆଗକୁ
ତୋ ରାସ୍ତାରେ ତୁ ଅବିଚଳିତ
ଅସ୍ଥିର
ତୁ ଖାଲି ଚାଲି ଯାଉ ସିନା
ଖାଲି ଦେଇ ଯାଉ ଅତୀତ।
ଚାଲୁ ଚାଲୁ ପାଲଟି ଯାଉ ବ ର୍ତମାନ
ଆଉ ତତେ ଅପେକ୍ଷା କରି
ଚାହିଁ ରହିଲେ
ଜଳ ଜଳ କରି ଦିଶୁଥାଏ ଅନ୍ଧାର ଅନ୍ଧାର
ଆଉ ଚାରି ଭିତରେ
ପ୍ରତ୍ୟେକ ମଣିଷ ଖୋଜି ବୁଲେ
ନିଜ ନିଜର ଭବିଷ୍ୟକୁ।

ସତରେ ତୁ ମହାନ୍ ନାଁ ହୃଦୟ ହୀନ ?
ବୁଝି ହୁଏ ନାହିଁ,
ଥରେ କହି ପାରିବୁ କି ?
ତୋ ମୁହଁ ଖୋଲି।


♥ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨


## ମୋ ଗାଆଁ

**ଅରୂପ କୁମାର ବିଶ୍ୱାଳ**



ହେ ସହର ତୁହିଁ ମୋ ଗାଆଁ ଭିତରେ
କାହିଁକିରେ
ଗଲୁ ପଶି,
ମୋ ଗାଆଁର ଏଇ ନିରୀହ ଜନତା
ତୋ ମାୟାରେ ଗଲେ ଫଶି।
ଭାରି ଭଲ ଥିଲା ମୋ ଗାଆଁର ଦୃଶ୍ୟ
କରିଦେଲୁ ତାକୁ ଅଳିଆ,
ମାଟି, ବାୟୁ, ବୃକ୍ଷ, ନଈର ପାଣିକୁ
କରିଦେଲୁ କିଆଁ ଗୋଳିଆ।
ହିଂସା, ରାଗ, ରୋଷ ନଥିଲା କା ମନେ
ଲାଗୁଥିଲେ ସର୍ବେ ନିଜର,
କିଏ ଦାଦା ଖୁଡି କିଏ ଆଈ ବୁଢ଼ୀ
ଲାଗୁଥିଲା ଏକ ରକ୍ତର।
ପରବ ପର୍ବାଣୀ ମେଳା ମହୋତ୍ସବ
ମିଶି ହେଉଥିଲା ପାଳନ,
ରୋଗ ବଇରାଗ ଅକାଳ ପଡିଲେ
ଖୋଜି ପାଉଥିଲେ ନିଦାନ।
ବାଡି ବଗିଚାରେ ଧାନ କ୍ଷେତ ପରେ
ହସୁଥିଲା ସୁନା ଫସଲ,
ଆହାକି ସୁଆଦ ପିଠାପଣା ହୁଏ
ସତେକି ସରଗ କୈବଲ୍ୟ।
ଭାଗବତ ଟୁଙ୍ଗୀ ସପନ ହେଲାଣି
ପାଣିଚିଆ ସବୁ ସମ୍ପର୍କ,
ରାଜନୀତି ପଶାପାଲିରେ ପଡିକି
ନାହିଁ ଶାନ୍ତି ଏଠି କ୍ଷଣିକ।
ଘଡିକରେ ଘୋଡା ଛୁଟୁଛି ଏଇଠି
ଚାଲିଅଛି ମହାଭାରତ,
ଭାଇ ଭାଇ ମଧ୍ୟେ ରକ୍ତନଦୀ ହୁଏ
ଲୁହେ ଭିଜେ ମାଆ ପଣତ।
ନାଳିପାଣି ବନ୍ୟା ଛୁଟୁଛି ଗାଆଁରେ
ଅବାଟରେ କେତେ ଯୁବକ,
ଗାଆଁ ଜମିବାଡ଼ି ପଡିଆ ପଡିଛି
ବିପଦରେ ଗାଆଁ ମୂଳକ।
ଫେରିଯା ସହର କରୁଛି ବିନତି
ଫେରାଇ ଦେଏ ମୋ ଗାଆଁକୁ,
ଜଳାନାହିଁ ଆଉ ମିଥ୍ୟା ଅହଙ୍କାରେ
ମୋର ପ୍ରିୟ ଗ୍ରାମବାସୀଙ୍କୁ।


♥ ସହକାରୀ ଶିକ୍ଷକ
ଏନ୍.ଏ.ସି.ସରକାରୀ ବାଳିକା ଉଚ୍ଚ
ବିଦ୍ୟାଳୟ,ପାରାଦୀପ,
ଜଗତସିଂହପୁର

# ଚର୍ଚ୍ଚାରେ ମ୍ୟୁଜିକ୍ ଭିଡିଓ 'ମୋ ଭଲପାଇବା କୋଉଠୁ ପାଇବୁ'



'ମୋ ଭଲପାଇବା କୋଉଠୁ ପାଇବୁ' ଗୀତଦୃଶ୍ୟଟିର ନିର୍ଦ୍ଦେଶନା ଦେବା ସହ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହେଇଛନ୍ତି ଗୋଲ୍ଡି ଦାସ । ଏଇ ମ୍ୟୁଜିକ୍ ଭିଡିଓଟି ଏବେ ବେଶ୍ ଚର୍ଚ୍ଚାରେ ରହିଛି । ଏହା ବ୍ୟତୀତ 'ତୋ ପାଇଁ ମୋ ପ୍ରେମ' ଓ 'ଭୁଲିଗଲୁ ତୁ ମନରେ ଦୁଃଖ ନାହିଁ'; ଏ ଦୁଇଟି ଗୀତଦୃଶ୍ୟ ମଧ୍ୟ ଖୁବଶୀଘ୍ର ଦର୍ଶକଙ୍କୁ ଗୋଲ୍ଡି-ତନୁଶ୍ରୀ ଯୋଡ଼ି ଉପହାର ଦେବାକୁ ଯାଉଛନ୍ତି । ସୋହୋ ମ୍ୟୁଜିକ୍ ତରଫରୁ ଲଗାତାର ଏଭଳି ଆଖିଦୃଶିଆ ଭିଡିଓ ପ୍ରସ୍ତୁତ ହେଉଛି । ତନୁଶ୍ରୀ ଶୈଳେନ୍ଦ୍ରଙ୍କ ସହ 'ମୋ ଘର ବାଟ ଦେଇ', 'ରାଜି ଥରେ ହେଇ ଯା' ଓ 'ନୀହାରିକା' ଆଦିରେ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ୱେବ୍‌ସିରିଜ୍ 'ଗଡ଼ବଡ଼ ନୁହେଁ କିଛି'ରେ ମଧ୍ୟ ଏ ଦୁହିଁଙ୍କୁ ଦେଖିବାକୁ ମିଳିଥିଲା । ଗୋଲ୍ଡି ଦାସ କଞ୍ଚାଲଙ୍କ ପ୍ଲାଟ୍‌ଫର୍ମରେ 'ମା ସମଲେଶ୍ୱରୀ', 'ଲଭ୍‌ଲୀ ଲଭ୍‌ଲୀ', ଓ ଭୁବନେଶ୍ୱର ନାଇଟ୍'ରେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ତେଲୁଗୁ ଚଳଚ୍ଚିତ୍ର 'ଟ୍ରୁ ଲଭ୍'ର ନାୟକ-ନାୟିକା ଭାବେ ଗୋଲ୍ଡି ଓ ତନୁଶ୍ରୀ ମନୋନୀତ ହେଇଛନ୍ତି । ଏହାର ସୁଟିଂ ଜାନୁଆରି ମାସରୁ ଆରମ୍ଭ ହେବ । ଗୋଲ୍ଡିଙ୍କ ନିର୍ଦ୍ଦେଶନାରେ 'କଲ୍ୟାଣ ବାବା' ଓ 'ନଶା' ଆଦି ୱେବ୍‌ସିରିଜ୍ ନିର୍ମାଣ ହେଇଛି । ସାବିତ୍ରୀ ମ୍ୟୁଜିକ୍‌ରେ ସେ ନିର୍ଦ୍ଦେଶନା ଦେଇଥିବା 'ପାଗଳ ଭଅଁର' ମଧ୍ୟ ଲକ୍ଷାଧିକ ଦର୍ଶକଙ୍କୁ ମନୋରଂଜନ ଦେଇଛି । କେବଳ ନିର୍ଦ୍ଦେଶନା ନୁହେଁ ଅଭିନୟରେ ମଧ୍ୟ ଗୋଲ୍ଡି ପୋଖତ ବୋଲି ଜଣାପଡ଼ିଛି । 'ସୁଭଦ୍ରା' ଧାରାବାହିକରେ ସେ କରିଥିବା ଦୁଃଶାସନ ଚରିତ୍ର ମଧ୍ୟ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହେଇଛି । ବାରିପଦା ପୁଅ ଗୋଲ୍ଡି ଏବଂ ବାଲେଶ୍ୱର ଝିଅ ତନୁଶ୍ରୀଙ୍କ ଯୋଡ଼ି ଏବେ ଦର୍ଶକଙ୍କୁ ଭରପୂର ମନୋରଂଜନ ଦେଉଛି ।

# ୧୦୦ କୋଟିରେ ଫଟୋ ପାଇଁ ଡିଲ୍

ରାଜସ୍ଥାନର ବିଳାସପୂର୍ଣ୍ଣ ସିକ୍ସ ସେନ୍ସ ହୋଟେଲରେ କ୍ୟାଟ୍ରିନା କୈଫ ଓ ଭିକି କୌଶଲଙ୍କ ବିବାହ ଆୟୋଜିତ ହୋଇଛି । ମାତ୍ର ୧୨୦ ଜଣ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି ଏବଂ ଅତିଥିମାନଙ୍କ ପାଇଁ ବି କେତେକ ସର୍ତ୍ତ ରଖାଯାଇଛି ଯେ ସେମାନେ ଫଟୋ ଉଠାଇପାରିବେ ନାହିଁ କି ବାହାଘର ବିଷୟରେ ବାହାରେ ଚର୍ଚ୍ଚା କରିବେ ନାହିଁ ଇତ୍ୟାଦି । କିନ୍ତୁ ଫଟୋଉଠା ଉପରେ ପ୍ରତିବନ୍ଧ ଲାଗିଥିଲେ ମଧ୍ୟ ଦୀପାବଳିରେ ହୋଇଥିବା ସେମାନଙ୍କ ନିର୍ବନ୍ଧଠାରୁ ଆରମ୍ଭ କରି ବର୍ତ୍ତମାନର ସଂଗୀତ ଓ ମେହେନ୍ଦି ଆଦି ସବୁ କାର୍ଯ୍ୟକ୍ରମର ଭଳିକି ଭଳି ଫଟୋ ସୋସିଆଲ ମିଡ଼ିଆରେ ଓ ବିଭିନ୍ନ ୱେବ୍‌ସାଇଟରେ ଦେଖିବାକୁ ମିଳୁଛି ।

ତେବେ ବିବାହ ସମାରୋହକୁ ପ୍ରାଇଭେଟ୍ ରଖାଯିବାର କାରଣ କ'ଣ ତାହା ଏବେ ପଦାକୁ ଆସିଛି । ସୂଚନା ଅନୁସାରେ ଏକ ଓଟିଟି କମ୍ପାନି ବିବାହ ଫଟୋ ପାଇଁ ବଡ଼ ଅଫର ଦେଇଛି । ୧୦୦ କୋଟି ଟଙ୍କାର ଅଫର । ସେଥିପାଇଁ କ୍ୟାଟ୍ରିନା ଓ ଭିକ୍କି ଫଟୋ ଯେପରି ଲିକ୍ ନ ହୁଏ ସେଥିପାଇଁ ଖାସ୍ ବ୍ୟବସ୍ଥା କରିଛନ୍ତି । ଖବର ଅନୁସାରେ ଯେଉଁ ଓଟିଟି କମ୍ପାନି ଅଫର ଦେଇଛି ସେ ଦୁହିଁଙ୍କ ବିବାହର ଭିଡିଓଗୁଡ଼ିକୁ ଓଟିଟି ପ୍ଲାଟଫର୍ମରେ ଛାଡ଼ିବାକୁ ଯୋଜନା କରିଛି । ତେବେ କ୍ୟାଟ୍ରିନା ଓ ଭିକ୍କିଙ୍କ ଦ୍ୱାରା ସେମାନଙ୍କ ବିବାହ ସମ୍ବନ୍ଧରେ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ ।





ଏ ପ୍ରକାର ଟ୍ରେଣ୍ଡ୍ ନୂଆ ନୁହେଁ । ଆଗରୁ କେତେକ ଷ୍ଟାର ସେଲିବ୍ରିଟି ବି ଏହାକୁ ଆପଣେଇଛନ୍ତି । କେତେକ ବାହାର ଦେଶରେ ବି ଏହି ଧାରା ବହୁ ଆଗରୁ ଚାଲିଆସୁଛି । କେତେକ ସେଲିବ୍ରିଟି ନିଜ ବିବାହର ଏକ୍ସକ୍ଲୁସିଭ୍ ଫଟୋ ଓ ଭିଡିଓଗୁଡ଼ିକର ରାଇଟ୍‌କୁ କୌଣସି କମ୍ପାନିକୁ ମୋଟା ମୂଲ୍ୟ ବିନିମୟରେ ବିକ୍ରି କରିଦେଇଥାନ୍ତି ।

# ଈଶିତାଙ୍କ ପସନ୍ଦ ଐଶ୍ୱର୍ଯ୍ୟା



ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ 'ବୁକ୍ ଥ୍ରୀ ୱିମେନ' ଏବେ ଏକ ଚଳଚ୍ଚିତ୍ରରେ ରୂପାନ୍ତରିତ ହେବାକୁ ଯାଉଛି । ଏଥିରେ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟବଚ୍ଚନ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେବେ । ମଣିରତ୍ନମ୍ ?ଙ୍କ ନିର୍ଦ୍ଦେଶିତ 'ପନ୍ନିୟିନ୍ ସେଲଭେନ୍'ରେ କାର୍ତ୍ତୀ, ଜୟମ୍ ରବି, ବିକ୍ରମ, ଶୋଭିତା ଧୂଳିପାଲା, ପ୍ରଭୁ, ଶରତ କୁମାର, ଜୟରାମ, ପ୍ରକାଶ ରାଜ, ତ୍ରିଶା, ଐଶ୍ୱର୍ଯ୍ୟା ଲକ୍ଷ୍ମୀ, ଜୟଚିତ୍ର, ରହମାନ୍, ବିକ୍ରମ ପ୍ରଭୁ, ଅଶ୍ୱିନୀ କାକାମାନୁ, ବିଜୟ ୟେଶୁଦାସ, ଲାଲ୍, ନାସିର, କିଶୋର, ନିହାଲଗାଲ ରବି, ରିୟାଜ୍ ଖାନ୍, ମୋହନ ରମଣ, ଅର୍ଜୁନ ଚିଦାମ୍ବରମ୍, ବାବୁ ଆଣ୍ଟୋନି, ବିନୋଦିନୀ, ବାଲାଜୀ ଶକ୍ତିଭେଲ, ପାର୍ଥୀବନ୍ ପ୍ରମୁଖ ଦକ୍ଷିଣୀ ସିନେଜଗତର ନାମୀଦାମୀ ତାରକା ଅଛନ୍ତି । ଏଥିରେ ତ ପ୍ରମୁଖ ଭୂମିକାରେ ଅଛନ୍ତି ଐଶ୍ୱର୍ଯ୍ୟା ପୁଣି ସେ ଏବେ ପୁଣି ଇଣ୍ଡୋ-ଆମେରିକାନ୍ ଫିଲ୍ମରେ ଅଫର୍ ପାଇଛନ୍ତି ।

ରବୀନ୍ଦ୍ରନାଥଙ୍କ ରଚିତ 'ଥ୍ରୀ ୱିମେନ୍'ର କାହାଣୀକୁ ନେଇ ନିର୍ମାଣ ହେବାକୁ ଯାଉଥିବା ଫିଲ୍ମରେ ଐଶ୍ୱର୍ଯ୍ୟା ପ୍ରମୁଖ ଚରିତ୍ରରେ ଉଭା ହେବେ । ଏହାର ମଙ୍ଗ ଧରିଛନ୍ତି ଥିଏଟର ଲେଖକ-ନିର୍ଦ୍ଦେଶକ ଈଶିତା ଗାଙ୍ଗୁଲୀ । ଈଶିତା କହିଛନ୍ତି ଏଇ ଚଳଚ୍ଚିତ୍ରରେ ଐଶ୍ ହିଁ ମୁଖ୍ୟ ନାୟିକା ସାଜିବେ । ଶୁଣାଯାଉଛି ଏହାର ଶୀର୍ଷକ 'କାଦମ୍ବରୀ ଦେବୀ' ରହିପାରେ । କାଦମ୍ବରୀ ହେଉଛନ୍ତି ରବୀନ୍ଦ୍ରନାଥଙ୍କ ଭାଉଜ । କାହାଣୀ ଶୁଣିବା ପରେ ଐଶ୍ୱର୍ଯ୍ୟା ଯେତିକି ଉତ୍ସାହିତ ହେଇଛନ୍ତି ନିର୍ଦ୍ଦେଶିକା ଈଶିତା ମଧ୍ୟ ଐଶଙ୍କୁ ସେତିକି କୃତଜ୍ଞତା ଜଣାଇଛନ୍ତି । ଯଦିଓ ନିର୍ଦ୍ଦେଶିକା ଈଶିତା ଏହାକୁ ହିନ୍ଦୀ ଭାଷାରେ ନିର୍ମାଣ କରିବାକୁ ପ୍ରସ୍ତୁତ ହେଉଛନ୍ତି, କିନ୍ତୁ ଐଶ୍ୱର୍ଯ୍ୟା ତାଙ୍କୁ ହିନ୍ଦୀ ସହିତ ଏହାକୁ ଇଂରାଜୀ ଭାଷାରେ ମଧ୍ୟ ଡବ୍ କରିବାକୁ ପରାମର୍ଶ ଦେଇଛନ୍ତି । ଐଶଙ୍କ ପରାମର୍ଶରେ ଈଶିତା ଏହାକୁ ଇଣ୍ଡୋ-ଆମେରିକାନ୍ ଫିଲ୍ମରେ ରୂପାନ୍ତରଣ କରିବାକୁ ଯାଉଛନ୍ତି । ସବୁଠୁ ବଡ଼କଥା ହେଉଛି ଏଇ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ଏ.ଆର୍. ରେହମନ୍ । ଏହାର ସୁଟିଂ ହାଇଦ୍ରାବାଦ, ଥାଇଲାଣ୍ଡ, ମଧ୍ୟପ୍ରଦେଶ, ପୁଡୁଚେରି ଓ ପୋଲୋଚି ଆଦି ଦର୍ଶନୀୟ ସ୍ଥାନରେ ହେବ ।

# ଚଳଚ୍ଚିତ୍ର 'ପୃଥ୍ୱୀରାଜ'ରେ ପୃଥ୍ୱୀରାଜଙ୍କ ପ୍ରେମିକା ସାଜିଲେ ମାନୁଷୀ

ଯଶରାଜ ଫିଲ୍ମସ୍ ନିବେଦିତ ଏବଂ ଅକ୍ଷୟ କୁମାର ଓ ମାନୁଷୀ ଚିଲ୍ଲାର ଅଭିନୀତ ଚଳଚ୍ଚିତ୍ର 'ପୃଥ୍ୱୀରାଜ' ୨୦୨୨ ସାଧାରଣତନ୍ତ୍ର ଦିବସ ଅବସରରେ ମୁକ୍ତିଲାଭ କରିବ । ଏଥିରେ ସଞ୍ଜୟ ଦତ୍ତ ଓ ସୋନୁ ସୁଦଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ । ମାନୁଷୀ ଐତିହାସିକ କାହାଣୀ ଆଧାରିତ ଚଳଚ୍ଚିତ୍ର 'ପୃଥ୍ୱୀରାଜ'ରେ ପୃଥ୍ୱୀରାଜଙ୍କ ପ୍ରେମିକା 'ସଂଯୁକ୍ତା' ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି । ଏହା ବ୍ୟତୀତ ଅଜୟ ଦେବଗନଙ୍କ ସହ ମାନୁଷୀ ମଧ୍ୟ ଏକ ବିଗ୍ ବଜେଟ୍ ସିନେମାରେ ଆସୁଛନ୍ତି ଯାହାର ଶୀର୍ଷକ ଏଯାଏ ଘୋଷଣା ହୋଇନାହିଁ । ୨୯୧୭ ମସିହାର 'ବିଶ୍ୱ ସୁନ୍ଦରୀ' ମାନୁଷୀ ଜଣେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଫିଲ୍ମଫେୟାର୍ ପୁରସ୍କାର ମଧ୍ୟ ପାଇଛନ୍ତି । ନିକଟରେ ମାନୁଷୀଙ୍କୁ ଆଉ ଏକ ଚଳଚ୍ଚିତ୍ରରେ ମଧ୍ୟ ସୁଯୋଗ ମିଳିଛି ଯାହାର ଶୀର୍ଷକ ରହିଛି 'ଦି ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି' । ଏକ ନାମକରା ଗଣମାଧ୍ୟମ ମାନୁଷୀଙ୍କ- 'ଭାରତର ଶ୍ରେଷ୍ଠ ଆକାଂକ୍ଷିତ ମହିଳା' ଏବଂ ପେଟା ତରଫରୁ ଭାରତର 'ସବୁଠୁ ଆକର୍ଷଣୀୟା ଶାକାହାରୀ ବ୍ୟକ୍ତିତ୍ୱ' ଭାବେ ପୁରସ୍କୃତ କରାଯାଇଛି ।



# ମା' ହେବା ପରେ ଛୁଆର ପ୍ରଥମ ଝଲକ ଦେଖାଇଲେ ପ୍ରୀତି

ବଲିଉଡର ଡିମ୍ପଲ ଗାର୍ଲ ତଥା ଅଭିନେତ୍ରୀ ପ୍ରୀତି ଜିଣ୍ଟା ନିକଟରେ ଯମଜ ସନ୍ତାନର ମା' ହୋଇଛନ୍ତି । ସରୋଗେସି ଜରିଆରେ ସେ ମା' ହୋଇଥିବା ନେଇ ସୋଶାଲ ମିଡିଆରେ ସୂଚନା ଦେଇଥିଲେ । ଏବେ ପ୍ରୀତି ନିଜ ଛୁଆଙ୍କ ପ୍ରଥମ ଝଲକ ଦେଖାଇଛନ୍ତି । ସେ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି ଫଟୋ । ଫଟୋରେ ପ୍ରୀତି ଯମଜ ସନ୍ତାନ ଭିତରୁ ଜଣକୁ କୋଳରେ ଧରିଛନ୍ତି । ତେବେ ଏହି ଫଟୋରେ ତାଙ୍କ ଛୁଆର ମୁହଁ ସ୍ପଷ୍ଟ ଭାବେ ଦେଖାଯାଉ ନାହିଁ । ସେ ନିଜ ଛୁଆ ବ୍ୟାକ୍ ଲୁକ୍ ଶେୟାର କରିଛନ୍ତି । ଏହି ଫଟୋକୁ ଶେୟାର କରି ପ୍ରୀତି ଲେଖିଛନ୍ତି, 'ବର୍ପ କପଡା, ଡାଏପର ଏବଂ ଶିଶୁ । ମୋତେ ଏସବୁ ବହୁତ ପସନ୍ଦ ଆସୁଛି । ଆଇ ଏମ ଲଭ୍ ଇଟ୍ ଅଲ୍ ଟିଙ୍ଗ ।' ଫଟୋରେ ପ୍ରୀତି ଜିଣ୍ଟା ପିଲାଟିକୁ କୋଳରେ ଧରି ପୋଜ୍ କରୁଛନ୍ତି । ପ୍ରୀତିଙ୍କ କାନ୍ଧରେ ଏକ ବର୍ପ କପଡା ରଖିଥିବା ନଜର ଆସିଛି । ଏହି ଫଟୋରେ ଦିଆ ମିର୍ଜା, ପତ୍ରଲେଖା, ପ୍ରିୟଙ୍କା ଚୋପ୍ରା, ଡିନୋ ମୋରିଆ ପ୍ରତିକ୍ରିୟା ଦେଇଛନ୍ତି । କିଏ ହାର୍ଟ ଇମୋଜି ଦେଇଛି ତ ଆଉ କିଏ ଲଭ୍ ଇମୋଜି ପଠାଇଛି । ପ୍ରୀତି ୪୬ ବର୍ଷ ବୟସରେ ସରୋଗେସି ଜାରିଆରେ ଯାଆଁଳା ଛୁଆର ମା' ହୋଇଛନ୍ତି । ତାଙ୍କର ଜଣେ ପୁଅ ଓ ଝିଅ ଅଛନ୍ତି । ସେ ପୁଅର ନାଁ ଜୟ ଏବଂ ଝିଅର ନାଁ ଜିଆ ରଖିଛନ୍ତି । ଗତମାସରେ ସେ ମା' ହୋଉଥିବା ନେଇ ସୂଚନା ଦେଇଥିଲେ । ୨୦୧୬ରେ ନିଜ ଆମେରିକୀୟ ବୟଫ୍ରେଣ୍ଡ ଜେନ୍ ଗୁଡ୍‌ଇନଫ୍‌ଙ୍କୁ ବିବାହା କରିଥିଲେ ପ୍ରୀତି । ସେ ସୋଶାଲ ମିଡିଆରେ ବେଶ୍ ଆକ୍ଟିଭ ରୁହନ୍ତି । ପ୍ରାୟତଃ ନିଜ ସ୍ୱାମୀ ଓ ପିଲାଙ୍କ ସହ ସେ ଫଟୋ ଶେୟାର କରନ୍ତି । ଦୀର୍ଘ ଦିନ ଧରି ପ୍ରୀତି ବଲିଉଡ ଠାରୁ ଦୂରେଇ ରହିଛନ୍ତି । ଏବେ ସେ କମ୍‌ବ୍ୟାକ୍ କରିବା ପାଇଁ ଯାଉଛନ୍ତି । କୁହାଯାଉଛି ଯେ ସେ ଖୁବଶୀଘ୍ର ଫିଲ୍ମ ନିର୍ମାତା ଦାନିଶ ରେଞ୍ଜୁଙ୍କ ଅନ୍‌ଟାଇଟଲ ଫିଲ୍ମରେ କାମ କରିବେ । ଏହି ଫିଲ୍ମଟି କଶ୍ମୀର ଉପରେ ଆଧାରିତ ।





# ମହାସୁରର ସଂହାର କରିବେ ରାମଚରଣ ଓ ଜୁନିଅର ଏନ୍‌ଟିଆର

ମହାସୁରର ସଂହାର କରିବେ ସାଉଥସୁପର ଷ୍ଟାର ରାମଚରଣ ଓ ଜୁନିଅର ଏନ୍‌ଟିଆର । ଏଦୁହେଁ ମିଶି ଲଢ଼ିବେ, ଶତ୍ରୁକୁ ଦେବେ ମାତ୍ । ବ୍ରିଟିଶ ସେନାକୁ ଚଟାଇବେ ଧୂଳି । ଜଣେ ରାମ ସାଜି ଶତ୍ରୁର ବିନାଶ କରିବେ ତ ଆଉ ଜଣେ ଭୀମ ସାଜି ଦେଖାଇବେ ଶକ୍ତି । ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ରିଲିଜ ହୋଇଥିବା ବହୁପ୍ରତିକ୍ଷିତ ଫିଲ୍ମ 'ଆରଆରଆର'ର ଟ୍ରେଲରରେ । ନିର୍ଦ୍ଦେଶକ ଏସ୍.ଏସ୍ ରାଜାମ ମୌଲି ଫିଲ୍ମ 'ଜଜଜ' ଘୋଷଣା କରିବା ଦିନଠାରୁ ପ୍ରଶଂସକମାନେ ଉତ୍ସାହର ସହିତ ଏହି ଫିଲ୍ମକୁ ଅପେକ୍ଷା କରିଛନ୍ତି । ରିଲିଜ୍ ତାରିଖ ଘୋଷଣା କରିବା ପରେ ନିର୍ମାତାମାନେ ଗୋଟିଏ ପରେ ଗୋଟିଏ ଫିଲ୍ମର ଚରିତ୍ରକୁ ନେଇ ପୋଷ୍ଟର ରିଲିଜ୍ କରିଥିଲେ । ଏବେ ଏହି ଫିଲ୍ମର ଟ୍ରେଲର ରିଲିଜ ହୋଇଛି । ଫିଲ୍ମ 'ଜଜଜ' ର ଟ୍ରେଲରରେ, ରାମଚରଣଙ୍କ ସହିତ ଜୁନିଆର ଏନ୍‌ଟିଆର୍ ବେଶ୍ ଦମ୍‌ଦାର ଲୁକ୍‌ରେ ନଜର ଆସିଛନ୍ତି । ଉଭୟର ଜବରଦସ୍ତ ଆକ୍ସନ ମଧ୍ୟ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ ଭାରି ଡାଏଲଗ୍ ମଧ୍ୟ ଶୁଣିବାକୁ ମିଳିଛି, ଯାହା ଦର୍ଶକଙ୍କୁ ଫିଲ୍ମ ଦେଖିବାକୁ ବାଧ କରିଦେଇଛି । ଟ୍ରେଲରରେ ରାମଚରଣ ଓ ଜୁନିଆର ଏନ୍‌ଟିଆରଙ୍କ ବନ୍ଧୁତା ସ୍ପଷ୍ଟ ଭାବେ ବାରି ହୋଇପଡିଛି । ଦୁହେଁ ନିଜ ବନ୍ଧୁତ୍ୱ ପାଇଁ ଜୀବନ ଦେବାକୁ ମଧ୍ୟ ପଛାଉ ନାହାନ୍ତି । ଅନ୍ୟପଟେ ଆଲିଆ ଭଟ୍ଟ ଓ ଅଜୟ ଦେବଗାନଙ୍କ ଝଲକ ମଧ୍ୟ ଟ୍ରେଲରରେ ନଜର ଆସିଛି । ଭାରତୀୟ ବିପ୍ଳବୀ ଆଲୁରି ସୀତାରାମ ରାଜୁ ଏବଂ କୋମାରାମ ଭୀମଙ୍କ କାଳ୍ପନିକ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ । ଯେଉଁମାନେ ଯଥାକ୍ରମେ ବ୍ରିଟିଶ ରାଜ ଏବଂ ହାଇଦ୍ରାବାଦର ନିଜାମ ବିରୁଦ୍ଧରେ ଲଢ଼େଇ କରିଥିଲେ । ଫିଲ୍ମରେ ଇମୋସନାଲ ସିନ୍‌ର ସହ ଆକ୍ସନ ଏବଂ ଡ୍ରାମା ମଧ୍ୟ ଭରପୁର ରହିଛି । ଏହା ଏକ ବିଗ୍ ବଜେଟ୍ ଫିଲ୍ମ । ଟ୍ରେଲର ପୂର୍ବରୁ ଫିଲ୍ମର ଦୁଇଟି ଗୀତ ମଧ୍ୟ ରିଲିଜ ହୋଇସାରିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି । ଆସନ୍ତା ବର୍ଷ ଜାନୁଆରୀ ୭ ତାରିଖରେ ଏହି ଫିଲ୍ମଟି ବହୁ ଭାଷା ଯେପରିକି ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ, ମାଲୟାଲମରେ ବଡ ପରଦାରେ ରିଲିଜ ହେବ ।



# 'ଦ-ବ୍ୟାଙ୍ଗ୍' ମଞ୍ଚ କାର୍ଯ୍ୟକ୍ରମରେ ଜେକ୍‌ଲିନ୍‌ଙ୍କ ସ୍ଥାନ ନେବେ ଡେଜି !

ବିଗତ ବର୍ଷମାନଙ୍କରେ ଦେଶବିଦେଶରେ ଅନେକ ଲୋକପ୍ରିତା ଅର୍ଜନ କରିଥିବା ସଲମାନ ଖାନଙ୍କ 'ଦ-ବ୍ୟାଙ୍ଗ୍' ଟୁର୍ ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ମଞ୍ଚକୁ ଫେରିଛି । ଡିସେମ୍ବର ୧ ତାରିଖରେ ସଲମାନ ଘୋଷଣା କରିଥିଲେ ଯେ ଡିସେମ୍ବର ୧୦ରେ ଏହି କାର୍ଯ୍ୟକ୍ରମର ନୂଆ ସଂସ୍କରଣ ଦୁବାଇଠାରେ ଅନୁଷ୍ଠିତ ହେବ । ସଲମାନ ଖାନ ଏହାର ଉପସ୍ଥାପକ ରହିଥିବା ବେଳେ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍, ଶିଳ୍ପା ସେଟ୍ଟୀ, ପ୍ରଭୁ ଦେବା, ଆୟୁଷ ଶର୍ମା, ଗୁରୁ ରନ୍ଧ୍ୱା ପ୍ରମୁଖ ଏଥିରେ ନୃତ୍ୟଗୀତ ପରିବେଷଣ କରିବେ । ତେବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଜେକ୍‌ଲିନ୍ ଦୁବାଇ ବାହାରିଥିବା ବେଳେ ରବିବାର ରାତିରେ ତାଙ୍କୁ ମୁମ୍ବାଇ ବିମାନବନ୍ଦରରେ ରୋକାଯାଇଥିଲା । ମନି ଲଣ୍ଡରିଂ ମାମଲାରେ ଜେକଲିନ୍‌ଙ୍କ ସଂପୃକ୍ତି ନେଇ ଅଭିଯୋଗ ହୋଇଥିବାରୁ ତାଙ୍କୁ ତଦନ୍ତ ସରିବା ଯାଏଁ ବିଦେଶ ଯିବାକୁ ବାରଣ କରାଯାଇଛି । ଶେଷ ମୁହୂର୍ତ୍ତରେ ଏଭଳି ସମସ୍ୟା ଉପୁଜିବାରୁ ଜେକ୍‌ଲିନ୍‌ଙ୍କ ସ୍ଥାନ କିଏ ନେବ ତାହା ଏବେ ସଲମାନଙ୍କୁ ଚିନ୍ତାରେ ପକାଇଛି । ତେବେ ଶୁଣିବାକୁ ମିଳୁଛି ଯେ ଅଭିନେତ୍ରୀ ଡେଜି ଶାହ ଜେକ୍‌ଲିନ୍‌ଙ୍କ ସ୍ଥାନ ନେବେ । ପୂର୍ବ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବାର ତାଙ୍କର ଅଭିଜ୍ଞତା ରହିଛି । ଆଉ ମଧ୍ୟ 'ଜୟ ହୋ' ଓ 'ରେସ୍ ୩' ଚଳଚ୍ଚିତ୍ରରେ ସେ ସଲମାନ ଖାନଙ୍କ ସହ ଅଭିନୟ କରିଛନ୍ତି । ତେଣୁ ଡେଜି ଜେକ୍‌ଲିନ୍‌ଙ୍କର ଜଣେ ଉତ୍କୃଷ୍ଟ ବିକଳ୍ପ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି । ଅତୀତରେ 'ଦ-ବ୍ୟାଙ୍ଗ୍' ମଞ୍ଚ କାର୍ଯ୍ୟକ୍ରମରେ ବଲିଉଡ୍‌ର ଅନେକ ଆଗଧାଡ଼ିର କଳାକାର ସାମିଲ ହୋଇ ଲଣ୍ଡନ୍, ନ୍ୟୁଜିଲାଣ୍ଡ୍, ଦୁବାଇ ସମେତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଚମକ ପ୍ରଦର୍ଶନ କରିଆସିଛନ୍ତି ।



# ଯାତ୍ରା ଟାଇଗର ଦୈତାରି ପଣ୍ଡାଙ୍କ ସଫଳ ନାଟକ

ଓଡ଼ିଶାର ଯାତ୍ରା ଜଗତରେ ଝଡ଼ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ଦୁର୍ଦ୍ଦାନ୍ତ ଖଳ ନାୟକ ହେଲେ ଦୈତାରି ପଣ୍ଡା । ଶ୍ରୀ ପଣ୍ଡା ଙ୍କ ଅଭିନୟ ଜୀବନ ରେ ସଫଳ ନାଟକ ମଧ୍ୟରେ ରହିଛି ଜୀଅନ୍ତା ଶବ,ବଡ ଘର ବଡ଼ ଗୁମର କଥା,କୁନି ମିଶ୍ର କଟକ ଯାଇଛି, କନିଆଁ ହଜିଛି ତମ ଗାଁ ରେ,ସାଧୁ ସାବଧାନ, ଈଶ୍ୱରଙ୍କ ଶବ ମୁଁ ଦେଖିଛି, ବାଘ କାନ୍ଦୁଛି, ବଇନା ଦେଇଛି ବାହା ହବାକୁ,ବାଇଶି ପହଚେ ଖେଳିବ ମୀନ,ଜହ୍ନ ରାତିର ଝଡ଼,ଅରଣା ମଇଁଷି ରହିଛି ଅନାଇ,କଉଡ଼ି ଖେଳ,କଥା ରହିଗଲା ମଗୁଶିରକୁ,ନର ରାକ୍ଷସ,କଂସେଇ ଖାନା,ଚନ୍ଦନ ଟୋପକୁ ନାଲି ଅଳତା, ସିନ୍ଦୂର କହିବ ସ୍ୱାମୀ କାହାର,ଦୁଃଖ ଦେଇଗଲା ଦରଦୀ ବନ୍ଧୁ,ଏମିତି କାହାଣୀ କେବେ ଶୁଣିନି, ବନ୍ଦୀ ଆମେ ଗାନ୍ଧୀ ଛକରେ ପ୍ରଭୃତି । ନାଟ୍ୟକାର ଡକ୍ଟର ରମେଶ ପାଣିଗ୍ରାହୀ, ଅନନ୍ତ ଓଝା, ଇଂ କିଶୋର ମହାପାତ୍ର, ହର ବାରିକ,ହୃଷିକେଶ ଷଡଙ୍ଗୀ,ନିର୍ଦ୍ଦେଶକ ସୀତାକାନ୍ତ ମହାନ୍ତି,ବିନୋଦ ରାଉତ,ମୀନକେତନ ଦାସ ଙ୍କୁ ଶ୍ରୀ ପଣ୍ଡା ଅଧିକ ପସନ୍ଦ କରନ୍ତି । ନାୟକ,ଖଳ ନାୟକ,ଚରିତ୍ର ଭୂମିକାରେ ଶ୍ରୀ ପଣ୍ଡା ଅଲ ରାଉଣ୍ଡର ଭାବରେ ଖୁବ ସୁନ୍ଦର ଓ ମନ ଛୁଆଁ ଅଭିନୟ କରି କୋଟି କୋଟି ଦର୍ଶକ ବନ୍ଧୁ ଙ୍କ ମନ ଜିଣି ପାରିଛନ୍ତି । ଅନେକ ଓଡ଼ିଆ ଚଳଚ୍ଚିତ୍ର ଓ ସିରିଏଲ ରେ ମଧ୍ୟ ସୁନ୍ଦର ଅଭିନୟ କରିଛନ୍ତି ଶ୍ରୀ ପଣ୍ଡା । ମଞ୍ଚ ମଞ୍ଜରୀ ଯାତ୍ରା ସଂସ୍ଥା ରେ ବର୍ତ୍ତମାନ ଶ୍ରୀ ପଣ୍ଡା ଅଭିନୟ ଜାରି ରଖିଛନ୍ତି । ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତ ର ଚଲାପଥ କୁସୁମିତ ହେଉ ।

**ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି**
ସଂପାଦକ - ରଙ୍ଗରାଗ
ବରଣ୍ଟିଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧



# ଦେଶବ୍ୟାପୀ ଦିବ୍ୟ କାଶୀ-ଭବ୍ୟ କାଶୀ କାର୍ଯ୍ୟକ୍ରମର ସିଧାପ୍ରସାରଣ

**■୧୩ରେ ଦେଶର ସମସ୍ତ ଜ୍ୟୋର୍ତିଲିଙ୍ଗଙ୍କ ନିକଟରେ ଭବ୍ୟ କାର୍ଯ୍ୟକ୍ରମ**
**■ଓଡିଶାରେ ସବୁ ଶିବାଳୟମାନଙ୍କରେ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି**

ଭୁବନେଶ୍ୱର,୦୯/୧୨ (ନି.ପ୍ର): ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏକ ପ୍ରାଚୀନ ଧାର୍ମିକ ସହର କାଶୀ ବିଶ୍ୱନାଥ ଧାମର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ବିକାଶର ଅଦ୍ଭୁତ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୧୩ ଡିସେମ୍ବରରେ ଲୋକାର୍ପଣ ହେବ। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ପ୍ରସନ୍ନତା ଏବଂ ଗୌରବର ବିଷୟ ବୋଲି " ଦିବ୍ୟ କାଶୀ-ଭବ୍ୟ କାଶୀ" ସହ ସଂଯୋଜକ ନୟନ କିଶୋର ମହାନ୍ତି କହିଛନ୍ତି। ସାରା ଦେଶରୁ ଧର୍ମାଚାର୍ଯ୍ୟ, ସାଧୁସନ୍ଥ, ଜ୍ଞାନିଗୁଣି, ପ୍ରବୁଦ୍ଧଜନ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତଥା ଉତରପ୍ରଦେଶ ସରକାରଙ୍କ ମନ୍ତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତମାନେ ଏହି କାର୍ଯ୍ୟରେ ସିଧାସଳଖ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ଭାରତୀୟ ସଂସ୍କୃତିର ଅନନ୍ୟ ପରିଚୟ, ସାମାଜିକ ସମରସତା, ଅଖଣ୍ଡତା ଏବଂ ଏକତାର ପ୍ରତୀକ ହେବ। ଏହି କାଳଜୟୀ କାର୍ଯ୍ୟକ୍ରମକୁ ଐତିହାସିକ ଏବଂ ଅଭୂତପୂର୍ବ କରିବା ପାଇଁ ଭାରତୀୟ ଜନତାପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ପାର୍ଟି ସ୍ତରରେ ଅନେକ କାର୍ଯ୍ୟକ୍ରମ ରଚନା କରିଛନ୍ତି। ଏହି କାର୍ଯ୍ୟକ୍ରମ ଗୁଡିକ ଏକ ମାସ ପାଇଁ ସାରା ଦେଶରେ ଆୟୋଜିତ ହେବ ଯାହା ୧୩ ଡିସେମ୍ବରରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ବା ୧୪ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ଚାଲିବ। ଦଳର ସମସ୍ତ ଜନ-ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଭାଗ ନେବେ। ୧୩ ଡିସେମ୍ବର ୨୦୨୧ରେ ଦେଶର ସମସ୍ତ ଜ୍ୟୋର୍ତିଲିଙ୍ଗଙ୍କ ନିକଟରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ହେବ। ଦେଶର ପ୍ରାୟ ୫୧,୦୦୦ ସ୍ଥାନରେ ବଡ ପରଦା ଲଗା ଯିବ, ଯେଉଁଥିରେ " ଦିବ୍ୟ କାଶୀ-ଭବ୍ୟ କାଶୀ" କାର୍ଯ୍ୟକ୍ରମ ସିଧା ପ୍ରସାରଣ ହେବ। ଏହା ବ୍ୟତୀତ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରମୁଖ ମଠ – ମନ୍ଦିର ଏବଂ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ବଡ ପରଦା ଲଗାଯିବ। ଦେଶର ସମସ୍ତ ମଣ୍ଡଳରେ ଶିବାଳୟ ତଥା ପ୍ରମୁଖ ମଠ ମନ୍ଦିର ମାନଙ୍କରେ ବ୍ୟବସ୍ଥିତ ରୂପରେ ପରଦା ଲଗାଇ ୧୩ ଡିସେମ୍ବରର ଅଭୁତପର୍ବ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ, ଯେଉଁଥିରେ ପାର୍ଟି କାର୍ଯ୍ୟକର୍ତା, ଶ୍ରଦ୍ଧାଳୁ, ପ୍ରବୁଦ୍ଧଜନ, ଭକ୍ତ, ଜ୍ଞାନୀ ବ୍ୟକ୍ତି, ପୁରୋହିତ, ମହନ୍ତ ଏବଂ ସାଧୁସନ୍ଥମାନେ ଅଂଶଗ୍ରହଣ କରିବେ। ଉତରପ୍ରଦେଶ (ୟୁପି)ର ସମସ୍ତ ଗ୍ରାମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣର ମଧ ବ୍ୟବସ୍ଥା କରାଯିବ। ପାର୍ଟି ସ୍ତରରେ ଏହି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଦଳର ରାଷ୍ଟ୍ରୀୟ ମହାମନ୍ତ୍ରୀ ତରୁଣ ଙ୍କ ନେତୃତ୍ୱରେ କେନ୍ଦ୍ରୀୟ ସମନ୍ୱୟ ସମିତି ଦ୍ୱାରା ଏକ ପ୍ରଭାବୀ ଯୋଜନା କରାଯାଇଛି। ସମସ୍ତ ଜିଲ୍ଲା କେନ୍ଦ୍ରରେ ପାର୍ଟିର କାର୍ଯ୍ୟକର୍ତାମାନଙ୍କ ଦ୍ୱାରା ମଠ ମନ୍ଦିର ଆଶ୍ରମ ତଥା ଧାର୍ମିକ ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୯ ଡିସେମ୍ବରରେ ପ୍ରଭାତ ପରିକ୍ରମା ୧୦,୧୧ ଓ ୧୨ ଡିସେମ୍ବରରେ ସ୍ୱଚ୍ଛତା ଅଭିଯାନ ମଠ, ମନ୍ଦିର, ଆଶ୍ରମ, ଧାର୍ମିକ ସ୍ଥଳରେ କରାଯିବ। କାଶୀରେ ମଧ ସ୍ୱଚ୍ଛତା ଅଭିଯାନ ୫ ଡିସେମ୍ବରରୁ ଆରମ୍ଭ ହୋଇ ୧୨ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। କାଶୀ ବିଶ୍ୱନାଥ ଧାମର ଲୋକାର୍ପଣ ଅବସରରେ ପ୍ରଦେଶର ସମସ୍ତ ନାଗରିକ ନିଜ ନିଜ ଘରେ ଦୀପ ଜାଳି ଭଗବାନ ଶିବଙ୍କୁ ଆରାଧନା କରିବେ। କାଶୀରେ ଏହାକୁ ଭବ୍ୟରୂପେ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧୪ ଡିସେମ୍ବରରେ ଭାରତୀୟ ଜନତା ପାର୍ଟି ଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କର ସମ୍ମିଳନୀ ଆୟୋଜନ କରାଯିବ। ସମସ୍ତ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ମାନଙ୍କର ୩ଦିନ ଧରି (୧୩,୧.୧୫ ଡିସେମ୍ବର) ଧାର୍ମିକ, ସାଂସ୍କୃତିକ ପ୍ରବାସ ହେବ। ୧୭ ଡିସେମ୍ବର କେନ୍ଦ୍ରୀୟ ସହରୀ ବିକାଶ ମନ୍ତ୍ରଣାଳୟ ଏବଂ ଉତରପ୍ରଦେଶ ସରକାରର ସହରୀ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସମସ୍ତ ପୌରପାଳିକା ମାନଙ୍କର ସମ୍ମିଳନୀ କାଶୀରେ କରାଯିବ। ୨୩ ଡିସେମ୍ବର ରେ କାଶୀରେ ଜୈବିକ କୃଷିର ପ୍ରଚାର ପ୍ରସାର ପାଇଁ ଏକ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଦେଶର କୃଷି ବୈଜ୍ଞାନିକ, ଉନ୍ନତ କୃଷକ ମାନଙ୍କ ସହିତ କୃଷି ବିଶେଷଜ୍ଞମାନେ ଭାଗନେବେ। ଦିବ୍ୟ କାଶୀ-ଭବ୍ୟ କାଶୀ" ସମ୍ବନ୍ଧରେ ସରକାରୀ ପୁସ୍ତିକା ମଧ ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଓଡିଶାରେ ମଧ ସମସ୍ତ ମଣ୍ଡଳରେ ଶିବାଳୟମାନଙ୍କରେ ୧୩ ଡିସେମ୍ବରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପ୍ରସ୍ତୁତି ଚାଲିଛି। ସମସ୍ତ ଜିଲ୍ଲା କେନ୍ଦ୍ରରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି " ଦିବ୍ୟ କାଶୀ-ଭବ୍ୟ କାଶୀ" ସହ ସଂଯୋଜକ ନୟନ କିଶୋର ନାୟକ କହିଛନ୍ତି। ଓଡିଶାରେ ମଧ ବିଭିନ୍ନ ସାମାଜିକ ଗଣମାଧମ, ଦୂରଦର୍ଶନ ଦ୍ୱାରା ଏକ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଭାଗନେଇ ଦର୍ଶନର ସୁଯୋଗ ପାଇବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ " ଦିବ୍ୟ କାଶୀ-ଭବ୍ୟ କାଶୀ"ସଂଯୋଜକ ଶାରଦା ପ୍ରସାଦ ଶତପଥୀ ଓ ରାଜ୍ୟ ଗଣମାଧମ ସଂଯୋଜକ ଦିଲୀପ୍ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଛେଦକୁ ବିରୋଧ କରି ଉଠାଦୋକାନୀମାନଙ୍କ ବିଶାଳ ସମାବେଶ

ଭୁବନେଶ୍ୱର,୦୯/୧୨ (ନି.ପ୍ର): ଉଠାଦୋକାନୀ ମାନଙ୍କୁ ଥଇଥାନ ପରିବର୍ତେ ସେମାନଙ୍କୁ ଉଚ୍ଛେଦ କରିବା ଦାବିରେ ସାରା ଭାରତରେ ଉଠାଦୋକାନୀ ମାନଙ୍କର ବିକ୍ଷୋଭ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱରରେ ଉଚ୍ଛେଦକୁ ବିରୋଧ କିର ଉଠାଦୋକାନୀମାନଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜମହଲ ଛକରୁ ମାଷ୍ଟର କ୍ୟାଂଟିନ ପର୍ଯ୍ୟନ୍ତ ୨୦୦ ଉଠାଦୋକାନୀଙ୍କ ପ୍ରତିନିଧି ଏକ ଶୋଭାଯାତ୍ରାରେ ଆସି ପିଏମ୍‌ଜିଠାରେ ପହଂଚିଥିଲେ ଏବଂ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ପ୍ରକାଶଥାଉ, ରାଜ୍ୟ ସରକାର, ବିଏମ୍‌ସି ଓ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟର ମିଳିତ ଉଦ୍ୟମରେ ୨୦୦୬ ମସିହାରେ ଭୁବନେଶ୍ୱରରେ ପ୍ରଥମ କରି ପାଖାପାଖି ୬୦ଟି ସଂଘର ୧୫୦୦ ଉର୍ଦ୍ଧ୍ୱ ଉଠାଦୋକାନୀ ମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବା ସହ ସାରା ବିଶ୍ୱରେ ବିଏମ୍‌ସି ଏକ ପରିଚୟ ସୃଷ୍ଟି କରିଥିଲା ଏବଂ ଭୁବନେଶ୍ୱର ଭେଣ୍ଡିଂଜୋନ ଭାରତ ସରକାରଙ୍କର ଏକ ମଡ଼େଲ ଭାବରେ ଗ୍ରହଣ କରି ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ଭୁବନେଶ୍ୱର ଭେଣ୍ଡିଂଜୋନ ଦେଖିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବଡ଼ ଦୁଃଖର ବିଷୟ ଏହା ମଧ୍ୟରେ ଦୀର୍ଘବର୍ଷ ବିତିଯାଇଥିଲେ ମଧ ଆଉ ନୂତନ ଭଣ୍ଡିଂଜୋନ ତିଆରି କରାଯାଇ ନାହିଁ କି ଉଠାଦୋକାନୀମାନଙ୍କୁ ଥଇଥାନ କରାଯାଇ ନାହିଁ। ତେଣୁ ଉଠାଦୋକାନୀଙ୍କୁ ଉଚ୍ଛେଦ ନକରି ଥାଇଥାନ କରିବା ପାଇଁ ସଂଘ ତରଫରୁ ଉଠାଦୋକାନୀ ୱେଲଫେୟାର ବୋର୍ଡ଼ ଗଠନ କରିବା, ଉଠାଦୋକାନୀ ଆଇନକୁ ସମସ୍ତ ମୁନିସିପାଲିଟି, ଏନ୍.ଏ.ସି. କର୍ପୋରେସନରେ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ଏନ୍.ଏ.ସି., ମୁନିସିପାଲିଟି କର୍ପୋରେସନରେ ଟାଉନ ଭେଣ୍ଡିଂଜୋନ ଗଠନ କରିବା, ଆଇନ୍ ଅନୁଯାୟୀ ପ୍ରଥମେ ଥଇଥାନ ପୂର୍ବରୁ ଉଚ୍ଛେଦ ବନ୍ଦ କରିବା, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା, ବିଏମ୍‌ସିର ମନୋମୁଖୀ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା, ଉଚ୍ଛେଦ ହୋଇଥିବା ଉଠାଦୋକାନୀ ମାନଙ୍କୁ ତୁରନ୍ତ ଥଇଥାନ କରିବା, ଫନି ଓ କରୋନାରୁ ବଂଚିତ ଉଠାଦୋକାନୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିବା, ସ୍ମାର୍ଟସିଟି ଅ ଳରେ ଆଇନ୍‌କୁ ଖିଲାପ କରି ଉଠାଦୋକାନୀ ମାନଙ୍କୁ ବଳପୂର୍ବକ ଉଚ୍ଛେଦକୁ ବନ୍ଦ କରିବା ଆଦି ୯ ଦଫା ସମ୍ବଳିତ ଦାବିପତ୍ର ମାନ୍ୟବର ଆଇନ୍ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁଙ୍କ ସେମତ ଦିଲ୍ଲୀର ସୁବାସ ଭଟ୍ଟନାଗର ଏବଂ ଉପାସନା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ, ସୁଦର୍ଶନ ପୃଷ୍ଟି, ନିରଞ୍ଜନ ପାଣ୍ଡେ, ସୂର୍ଯ୍ୟମଣି ସାହୁ, ଅନୁ ମିଶ୍ର, ବସନ୍ତ ବାବୁ, ବାନାମ୍ବର ପଟ୍ଟନାୟକ, କାଳନ୍ଦୀ ବାବୁ, କାର୍ଟକେଶ୍ୱର ନାୟକ, ଏମ୍‌ଡ଼ି ଗୁଲଜର ପ୍ରମୁଖ ଉପସ୍ଥିତ ଥିଲେ।

# ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ କଂଗ୍ରେସର ରାଜଭବନ ଘେରାଉ ୧୫ରେ

ଭୁବନେଶ୍ୱର,୦୯/୧୨ (ନି.ପ୍ର): "ଜୱାଦ" ଜନିତ ଅଦିନିଆ ବର୍ଷା ଓଡ଼ିଶାର ଚାଷୀଭାଇ ମାନଙ୍କର ବର୍ଷକର ଆହାର ଛଡ଼ାଇ ନେଇଛି। ଏଭଳି ବିପ୍ରାତ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି। ଦାବି ପୂରଣ ନହେଲେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଆଗାମୀ ୧୫ ଡିସେମ୍ବର ବୁଧବାର ଦିନ ରାଜ ଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଂଗ୍ରେସ ପକ୍ଷରୁ ମୁଖପାତ୍ର ଅମିୟ ପାଣ୍ଡବ ଚେତାବନୀ ଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ ବରିଷ୍ଠ ମୁଖପାତ୍ର ଅମିୟ ପାଣ୍ଡବ କହିଛନ୍ତି ଯେ, ଏଭଳି ସଂଗୀନ ପରିସ୍ଥିତିରେ ସରକାର ଅବିଳମ୍ବେ ଚାଷୀମାନଙ୍କ ଉପରୁ କୃଷି ଋଣ ଛାଡ଼ କରନ୍ତୁ। ଇନ୍‌ପୁଟ ସହାୟତାକୁ ତିନିଗୁଣା ବୃଦ୍ଧି କରାଯାଉ। ସରକାରଙ୍କ ତରଫରୁ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଯେଉଁ କୃଷି ଇନ୍‌ପୁଟ ସହାୟତାର ପ୍ରଚଳିତ ବ୍ୟବସ୍ଥା ରହିଛି, ତାହାକୁ ତୁରନ୍ତ ପରିବର୍ତନ କରାଯାଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଂଶୋଧିତ ବୃଦ୍ଧି ସହାୟତା ପ୍ରଦାନ କରାଯାଉ। ଗଜା ମରୁଡ଼ି, ଅମଳ ପୂର୍ବରୁ ଫସଲ ନଷ୍ଟ ଏବଂ ବୀମା ଅଧିକୃତ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆଗୁଆ ବୀମାରାଶି ପ୍ରଦାନ, "ଜୱାଦ" ଲଘୁଚାପ ଆଶଙ୍କାରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଯେଉଁ ଚାଷୀମାନେ ତରବରିଆ ଭାବେ ସେମାନଙ୍କର ଫସଲ ଅମଳ କରି ରଖିଛନ୍ତି ତା'ର ମାନ ଖରାଫ ହେବା ପୂର୍ବରୁ ସରକାର ତୁରନ୍ତ ମଣ୍ଡି ମାଧ୍ୟମରେ ଧାନ କିଣିବା। ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଗୁଣ୍ଠ ପ୍ରତି ସର୍ବନିମ୍ନ ୩ ହଜାର ଟଙ୍କା କ୍ଷତିପୂରଣ ରାଶି ସରକାର ପ୍ରଦାନ କରିବା, ଚଳିତ ରବି ଋତୁ ପାଇଁ ସରକାର ମାଗଣାରେ ଚାଷୀଙ୍କୁ ଉତ୍କୃଷ୍ଟ ମାନର ବିହନ, ସାର, କିଟନାଶକ ଔଷଧ ଯୋଗାଇ ଦେବା ଓ କ୍ଷତିଗ୍ରସ୍ତ ଭାଗଚାଷୀ ମାନଙ୍କୁ ସରକାର ଉପଯୁକ୍ତ କ୍ଷତିପୂରଣ ଓ ସହାୟତାର ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ମୁଖପାତ୍ର ଶ୍ରୀ ଗୁରୁ ସରକାରଙ୍କ ଠାରେ ଦୃଢ଼ ଦାବି କରିଛନ୍ତି।

# ଚାଷୀ ଅସନ୍ତୋଷରୁ ବର୍ତିବା ପାଇଁ ଅରୁଆ-ଉଷୁନାକୁ ପ୍ରସଙ୍ଗ କରୁଛି ବିଜେଡି : ପ୍ରଦୀପ ପୁରୋହିତ

ଭୁବନେଶ୍ୱର ,୦୯/୧୨ (ନି.ପ୍ର): ବହୁଚର୍ଚ୍ଚିତ। ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ତଥା ମୁଖ୍ୟ ଷଡଯନ୍ତ୍ରକାରୀ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛନ୍ତି । ଏହାକୁ ନେଇ ରାଜ୍ୟବ୍ୟାପୀ ଜନଅସନ୍ତୋଷ ପ୍ରତିଫଳିତ ହୋଇଛି । ସେହିପରି ରାଜ୍ୟରେ ଚାଷୀକୁଳର ଅସନ୍ତୋଷ ବୃଦ୍ଧି ପାଇଚାଲିଛି । ନିଜ ଦୋଷକୁ ଲୁଚାଇବା ପାଇଁ ଶାସକ ବିଜେଡି ତରଫରୁ ଭିନ୍ନ ଭିନ୍ନ ଅପପ୍ରୟାସ କରାଯାଉଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ବାତ୍ୟାଜନିତ ଅଦିନିଆ ବର୍ଷା କାରଣରୁ ଭୟଙ୍କତ ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟ ସରକାର କ୍ଷତିପୁରଣ ଦେବା ପାଇଁ ନା କୌଣସି ଘୋଷଣା କରିଛନ୍ତି ନା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ନଭେମ୍ବର ୧ ତାରିଖରୁ ରାଜ୍ୟରେ ସମସ୍ତ ଧାନ ମଣ୍ଡି ଖୋଲା ଯିବାର ପ୍ରାବଧାନ ଥିବା ସତ୍ତ୍ୱେ ବର୍ତମାନ ସୁଦ୍ଧା ୮୦ ପ୍ରତିଶତ ଧାନ ମଣ୍ଡି ଖୋଲି ନାହିଁ। ଟୋକନ ଲାପ୍ସ ହେବାକୁ ବସିଲାଣି । ମଣ୍ଡି ନ ଖୋଲିବାରୁ ମିଲର୍ସମାନେ ଚାଷୀମାନଙ୍କୁ ଶୋଷଣ କରି ଧାନ କ୍ୱିଂଟାଲ ପ୍ରତି ୧୦୦୦-୧୨୦୦ ଟଙ୍କାରେ କିଣୁଛନ୍ତି । ଅରୁଆ-ଉଷୁନା କଥା କହି ଚାଷୀଙ୍କଠାରୁ ୧୦-୧୨ କେଜି କଟନୀ ଛଟନୀ କରାଯାଉଛି । ଚାଷୀ ଅସନ୍ତୋଷରୁ ବର୍ତିବା ପାଇଁ ଅରୁଆ-ଉଷୁନାକୁ ପ୍ରସଙ୍ଗ କରି ମିଲର୍ସମାନଙ୍କ ଦଲାଲୀ ପାଇଁ ଶାସକ ବିଜେଡି ନେତାମାନେ ଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଭେଟିଛନ୍ତି ବୋଲି ଶ୍ରୀ ପୁରୋହିତ କହିଛନ୍ତି । ଆବଶ୍ୟକୀୟ ଭିତିଭୂମି ଯୋଗାଇ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନକୁ କିଣିବା ପାଇଁ ରାଜ୍ୟ ସରକାର ବିହୀତ ପଦକ୍ଷେପ ଗ୍ରହଣ କରନ୍ତୁ । ଚାଷୀମାନେ ଅଭାବୀ ବିକ୍ରୀର ଶିକାର, କଟନୀ-ଛଟନୀର ଶିକାର, ମିଲରଙ୍କ ଶିକାର ହେବାରୁ ରୋକିବାକୁ ଠୋସ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସେହିପରି ଚାଷୀମାନେ ସେମାନଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନକୁ ଯେପରି ଧାର୍ଯ୍ୟ ଏମଏସପି ମୁଲ୍ୟ କ୍ୱିଂଟାଲ ପ୍ରତି ୧୯୪୦ ଟଙ୍କାରେ ବିକ୍ରି କରିପାରିବେ, ତାର ତଦାରଖ କରିବା ସହିତ ସୁନିଶ୍ଚିତ କରିବା ମଧ ରାଜ୍ୟ ସରକାରଙ୍କ ଦାୟିତ୍ୱ । କେନ୍ଦ୍ରରେ ମୋଦି ସରକାର ରାଜ୍ୟର ଚାଷୀକୁଳ ପ୍ରତି ଯଥେଷ୍ଟ ସମ୍ବେଦନ ଅଛନ୍ତି । ନିଜ ମୁଣ୍ଡ ଉପରୁ ଦୋଷ ଖସାଇଦେଇ ରାଜ୍ୟ ସରକାର ପୁଣି ଥରେ କେନ୍ଦ୍ରକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଶ୍ରୀ ପୁରୋହିତ କହିଛନ୍ତି।

# ଏବିଭିପି ଭୁବନେଶ୍ୱର ମହାନଗରର ନୂତନ କାର୍ଯ୍ୟକାରିଣୀ ଘୋଷଣା

ଭୁବନେଶ୍ୱର ,୦୯/୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମହାନଗର ସମ୍ମିଳନୀରେ ମହାନଗରର ପୁରୁଣା କାର୍ଯ୍ୟକାରିଣୀ ଭଙ୍ଗ କରାଯାଇ ଚଳିତ ଶିକ୍ଷାବର୍ଷ ପାଇଁ ୨୦୨୧-୨୨ ନିମନ୍ତେ କାର୍ଯ୍ୟକାରିଣୀ ଘୋଷଣା କରିବା ପାଇଁ ନିର୍ବାଚନ ଅଧିକାରୀ ଭାବେ ବିଭାଗ ସହ ପ୍ରମୁଖ ଅଧାପକ ନଳିନୀକାନ୍ତ ରାଉତରାୟ ଉପସ୍ଥିତ ରହି ନୂତନ କାର୍ଯ୍ୟକାରିଣୀ ଘୋଷଣା କରିଥିଲେ। ମହାନଗର ସଭାପତି ଭାବେ ଅଧାପକ ସଞ୍ଜୟ ମହାନ୍ତି, ମହାନଗର ସମ୍ପାଦକ ରୂପେ ଛାତ୍ର ନେତା ପ୍ରିୟ ରଞ୍ଜନ ରାଉତ,ସହ ସମ୍ପାଦକ ରଜିତି ନାୟକ, ପ୍ରଭାସ କୁମାର ଜେନା,ଅମିତ୍ କୁମାର ଚୌଧୁରୀ, ମହାନଗର ଛାତ୍ରୀ ପ୍ରମୁଖ ପାୟଲ ସେଠୀ, ମହାନଗର ଏସଏଫଡିଅନ୍ତରୀକ୍ଷ ପତି, ମହାନଗର ଏସଏଫଏସ୍ ଓଜେଶ୍ୱନି ସୁନାନି, ଗଣମଧାମ ପ୍ରମୁଖ ସରୋଜ ସେଠୀ, ସାମାଜିକ ଗଣମାଧମ ପ୍ରମୁଖ ସାଇ ସର୍ବେଶ୍ୱର, ଛାତ୍ର ସନ୍ଦେଶ ପ୍ରମୁଖ ତୁଷାରକାନ୍ତ ବେହେରା, ଜନଜାତି ପ୍ରମୁଖ ମୁନା ତୀରିଆ ସହ ଙ୍କୁ ଚୟନ କରାଯାଇଥିଲା । ଏହି ସମ୍ମିଳନୀରେ ଭୁବନେଶ୍ୱର ବିଭାଗର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।ଏହି ସମ୍ମିଳନୀରେ ପ୍ରାନ୍ତ ସଂଗଠନ ସମ୍ପାଦକ ଅଭିଳାଶ ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ରୀମାନ ସୌଭାଗ୍ୟ ମହାନ୍ତି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୁଶ୍ରୀ କବିତା କହଁର ଯୋଗ ଦେଇଥିଲେ। ସମ୍ମିଳନୀରେ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ,ଉଦ୍ଦେଶ୍ୟ ଓ ଆଗାମୀ ଦିନର କାର୍ଯ୍ୟଧାରା,କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା।

# ଭୁବନେଶ୍ୱର ଧାରଣାସ୍ଥଳସ୍ଥିତ ରାଜରାସ୍ତାରେ ଏକତ୍ରିତ ହେଲେ ଏକାଧିକ ସଂଘ

ଭୁବନେଶ୍ୱର,୦୯/୧୨ (ନି.ପ୍ର): ଭୁବନେଶ୍ୱର ଧାରଣାସ୍ଥଳସ୍ଥିତ ରାଜରାସ୍ତାରେ ଏକତ୍ରିତ ହେଲେ ଏକାଧିକ ସଂଘ । ମିଳିତ ଲଢେଇ ପାଇଁ କଲେ ମିଳିତ ଆଲୋଚନା । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ୨ଟି ସ୍ୱତନ୍ତ୍ର ଦାବି । ପ୍ରଥମତଃ ୨୦୧୯ ଫେବୃୟାରୀ ପରି ଚଳିତ ଡିସେମ୍ବରରେ ଅବିଳମ୍ବେ ରାଜ୍ୟ ସରକାର ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରି ସଂଘ ମାନଙ୍କର ଦାବି ବାବଦରେ ତୁରନ୍ତ ଶୁଣାଣୀ କରନ୍ତୁ । ସେହି କମିଟିର ଅଧ୍ୟକ୍ଷ ଯେଉଁସବୁ ସଂଘର ଦାବି ଲିଖିତ ଭାବେ ପାଇବେ, ସେହି ସଂଘର ପ୍ରତିନିଧି ଦଳଙ୍କୁ ସରକାରୀ ଚିଠି କରି ଡାକନ୍ତୁ । ଏଥିସହିତ ସମ୍ପୃକ୍ତ ବିଭାଗର ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ଡାକି ବିଧିବଦ୍ଧ ଆଲୋଚନା କରି ପ୍ରତ୍ୟେକ ଉପସ୍ଥିତ ସଂଘକୁ ଆଲୋଚ୍ୟ ନିଷ୍ପତିର ସରକାରୀ ପ୍ରୋସିଡିଙ୍ଗ୍ ଅବିଳମ୍ବେ ଦିଆଯାଉ । ଏହା ବ୍ୟତୀତ ୨ୟ ଦାବି ଥିଲା ଯେ - ବିଧାନସଭା ଗୃହକୁ ତୁରନ୍ତ ସଚଳ କରାଯାଉ । ଏଥିସହିତ ବିଧାନସଭାରେ ବିରୋଧି ଦଳର ବିଭିନ୍ନ ମୋଶନ୍ ଜରିଆରେ ଧାରଣାସ୍ଥଳରେ ଥିବା ସମସ୍ତ ଆନ୍ଦୋଳନକାରୀଙ୍କ ଦାବି ବାବଦରେ ଗୃହରେ କିଛି କିଛି ସମୟରେ ଆଲୋଚନା କରାଯାଉ । ବିଭାଗୀୟ ମନ୍ତ୍ରୀ ଉତର ରଖନ୍ତୁ । ବାଚସ୍ପତିଙ୍କ ରୁଲିଂ ଆସୁ ଓ ସଂଘମାନଙ୍କର ଯଥାର୍ଥ ଦାବିର ଆଶୁ ସମାଧାନ ହେଉ । ଏତଦ୍‌ଭିନ୍ନ ଓଡ଼ିଶାର ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ ସହିତ ରାଜ୍ୟର ବାସ୍ତବ ପ୍ରଗତି ପାଇଁ ଉକ୍ତ ଗୃହରେ ବିଭିନ୍ନ ପ୍ରସଙ୍ଗ ଆଲୋଚିତ ହେଉ ବୋଲି ଉକ୍ତ ମିଳିତମଂଚ ଗଣମାଧମ ଜରିଆରେ ମୁଖ୍ୟମନ୍ତ୍ରୀ ଓ ମହାମହିମ ରାଜ୍ୟପାଳଙ୍କୁ ଜଣାଇଛନ୍ତି । ଏହି ୨ ଦଫା ଦାବିକୁ ମୁଖ୍ୟମନ୍ତ୍ରୀଙ୍କ ଜ୍ଞାତସାରକୁ ନେବା ଲାଗି ଆଜି ପୂର୍ବଭଳି ଗାଁସାଥୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ତଥା ଆନ୍ଦୋଳନକାରୀ ମିଳିତ ମଂଚର ରାଜ୍ୟ ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ସଂଯୋଜନାରେ ଗାଁସାଥୀର ଏକ ସ୍ୱତନ୍ତ୍ର ମିଳିତ ବୈଠକ କରାଯାଇଥିଲା । ଅପରାହ୍ନ ପ୍ରାୟ ୩ ଘଟିକାରେ ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଅନେକ ସଂଘର ସଭ୍ୟ/ ସଭ୍ୟାମାନେ ଏକ ରାଲିରେ ବିଧାନସଭା ବ୍ୟାରିକେଡ୍‌କୁ ଯାଇ ସେହି ୨ ଦଫା ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇବାର ପ୍ରୟାସ କରିଥିଲେ । ଯଦି ମିଳିତମଂଚର ଦାବି ଅବିଳମ୍ବେ ପୂରଣ କରାନଯାଏ, ତେବେ ଆଗାମୀ ଦିନରେ ଏହି ସଂଘମାନେ ମିଳିତ ହୋଇ ୨୦୨୨ ଫେବୃୟାରୀରେ ହେବାକୁଥିବା ପଂଚାୟତ ନିର୍ବାଚନରେ ତାର ଉଚିତ୍ ଜବାବ ଦେବେ ବୋଲି ବିଭିନ୍ନ ସଂଘର ସଂଗଠକମାନେ ଗଣମାଧମକୁ ଜଣାଇଛନ୍ତି ।

# ଓଡିଶାରୁ ଉଷୁନା ଚାଉଳ କିଣିବା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ଭୁବନେଶ୍ୱର,୦୯/୧୨ (ନି.ପ୍ର): ଓଡ଼ିଶାରୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଷୁନା ଚାଉଳ ସଂଗ୍ରହ କରିବା ଦାବିରେ ବୁଧବାର ବିଜେଡି ସଂସଦୀୟ ଦଳ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ବିଜେଡି ସଂସଦୀୟ ଦଳ ପକ୍ଷରୁ ପ୍ରଦାନ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୨୧-୨୨ ବର୍ଷ ପାଇଁ ରାଜ୍ୟରେ ୫୨ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅମଳ ହେବାର ଆଶା କରାଯାଉଛି । ଏଥିରୁ ବିଭିନ୍ନ ଯୋଜନା ବାବଦରେ ୨୦ଲକ୍ଷ ମେଟ୍ରିକ ଟନ୍ ଉଷୁନା ଓ ୪ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ବଂଟନ ସରିଲା ପରେ ଆଉ ୨୪ଲକ୍ଷ ମେଟ୍ରିକ ଟନ୍ ଉଷୁନା ବଳକା ହୁଏ । ଯଦି କେନ୍ଦ୍ର ସରକାର ଏହି ଉଷୁନା ଚାଉଳ ଓଡ଼ିଶାରୁ ସଂଗ୍ରହ କରିବେ ନାହିଁ ତାହାହେଲେ ରାଜ୍ୟର ପ୍ରାୟ ୧୦ଲକ୍ଷ ଚାଷୀ ପରିବାର ପ୍ରଭାବିତ ହେବେ । ପୂର୍ବରୁ ଏହି ପ୍ରସଙ୍ଗରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏବଂ ଖାଦ୍ୟ ମନ୍ତ୍ରୀ କେନ୍ଦ୍ରକୁ ପତ୍ର ଲେଖିଛନ୍ତି। ତେଣୁ ଉଷୁନା ଚାଉଳ ସଂଗ୍ରହ କରାନଯିବା ନେଇ ଡିଏଫ୍‌ପିଡି ପକ୍ଷରୁ ଜାରି ଆଦେଶକୁ ପରିବର୍ତନ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ ରହିଛି। ଅନ୍ୟ ପକ୍ଷରେ ଏ ପ୍ରସଂଗରେ ଉପଯୁକ୍ତ ବିଚାର କରାଯିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲ ।

# ତାଳଚେର - କଣିହାଁ ବିଦ୍ୟୁତିକରଣ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୦୯/୧୨ (ନି.ପ୍ର): ସରକାରଙ୍କ ପକ୍ଷରୁ ଯାଂଚ ଅନୁମୋଦନ ପାଇବା ଏବଂ ପରୀକ୍ଷାମୂଳକ ଭିତିରେ ଲାଇଟ ରେଳ ଚଳାଚଳ କରିବା ପରେ ଆଜି ପ୍ରାୟ ୫୩.୫ ଟ୍ରାକ୍ କିଲୋମିଟର ତାଳଚେର - କଣିହାଁ ବିଦ୍ୟୁତିକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ଏନଟିପିସି କଣିହାଁ ଭିତରକୁ ଇଲେକ୍ଟ୍ରିକ୍ ଇଞ୍ଜିନ ଥିବା ଟ୍ରେନ୍‌ଗୁଡ଼ିକ ପ୍ରବେଶ କରାଇବା ଏବଂ ବାହାରକୁ ଆସିବା ପାଇଁ ନିରବିହୀନ କାର୍ଯ୍ୟରେ ସାହାଯ୍ୟ କରିବ ଏବଂ ଟ୍ରାକ୍ସନ୍ ପରିବର୍ତନ ହେତୁ ଏନଟିପିସି ଏକ୍ସଚେଞ୍ଜ୍ ୟାର୍ଡରେ ଟ୍ରେନ୍ ଚଳାଚଳରେ ବିଳମ୍ବକୁ ଏଡ଼ାଇ ପାରିବା ସହିତ ବିପୁଳ ଆର୍ଥିକ ସଂଚୟ କରିବାରେ ସାହାଯ୍ୟ କରିବ। ସ୍ଥାନୀୟ ଅଂଚଳରେ ବହୁ ପ୍ରତିବନ୍ଧକ ଏବଂ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସତ୍ତ୍ୱେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ(ନିର୍ମାଣ) ଶ୍ରୀ ପି.କେ. ବେହେରା ଏବଂ ଉପ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ ଶ୍ରୀ ପି.କେ. ପ୍ରଧାନଙ୍କ ଦ୍ୱାରା ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ପୂର୍ବତଟ ରେଳପଥର ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ, ପ୍ରମୁଖ ପରିଚାଳନା ପ୍ରବନ୍ଧକ ଏବଂ ପ୍ରମୁଖ ସୁରକ୍ଷା ଆୟୁକ୍ତଙ୍କ ସହଯୋଗରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରାଯାଇ ଅଛି।

# ଓଡ଼ିଶାରେ ବିଦେଶ ବାଣିଜ୍ୟ ମହାନିର୍ଦ୍ଦେଶକଙ୍କ ଆଂଚଳିକ କାର୍ଯ୍ୟାଳୟ ପୁନଃଖୋଲା ଯାଉ

ଭୁବନେଶ୍ୱର,୦୯/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ବାଣିଜ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ଓ ରପ୍ତାନୀ ପ୍ରୋତ୍ସାହନ ବିପଣନ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗୁଣବତାର ସହ ରପ୍ତାନୀ ପ୍ରୋତ୍ସାହନ ଉପରେ ଏକ ଆଂଚଳିକ କର୍ମଶାଳା ଆଜି ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ପୂର୍ବାଂଚଳ ଓ ଉତର-ପୂର୍ବାଂଚଳ ଯଥା- ଆସାମ, ମଣିପୁର, ସିକିମ୍, ଝାରଖଣ୍ଡ, ମେଘାଳୟ, ଛତିଶଗଡ଼, ତ୍ରିପୁରା, ମିଜୋରାମ, ବିହାର ଓ ଓଡ଼ିଶା ଭଳି ୧୦ଟି ରାଜ୍ୟର ପ୍ରତିନିଧିମାନେ ଅଂଶଗ୍ରହଣ କରି ଉତ୍ପାଦ ରପ୍ତାନୀ ସଂପର୍କିତ ଅନେକ ବିଷୟରେ ଆଲୋଚନା କରିଥିଲେ । ବିଶେଷ ଭାବେ ବିଦେଶକୁ ରପ୍ତାନୀରେ ସହଯୋଗ ପ୍ରଦାନକାରୀ ସଂସ୍ଥା ବିଦେଶ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ଆଂଚଳିକ ଶାଖା ଏସବୁ ରାଜ୍ୟଗୁଡ଼ିକରେ ନଥିବାରୁ ରପ୍ତାନୀ କ୍ଷେତ୍ର ଅନେକ ସମସ୍ୟା ଉପୁଜୁଥିବା କର୍ମଶାଳାରେ ପ୍ରକାଶ କରାଯାଇଥିଲା । ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କୋଭିଡ୍ ମହାମାରୀ ସମୟରେ ମଧ ଓଡ଼ିଶା ରପ୍ତାନୀ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବାବେଳେ ଓଡ଼ିଶାର ରପ୍ତାନୀ କ୍ଷେତ୍ରରେ ରହିଥିବା ବିପୁଳ ସମ୍ଭାବନା ସତ୍ତ୍ୱେ ଉପଯୁକ୍ତ ଭିତିଭୂମିଜନିତ ଅଭାବ, ବିଦେଶକୁ ସିଧାସଳଖ ବିମାନ ସେବା ନଥିବା ଏବଂ ବିଦେଶ ରପ୍ତାନୀ ମହାନିର୍ଦ୍ଦେଶାଳୟର ଶାଖା କାର୍ଯ୍ୟାଳୟ ନଥିବା ତଥା ପାରାଦ୍ୱୀପକୁ ସିପ୍‌ଲାଇନ୍ ର ଚଳାଚଳ ନଥିବା ହେତୁ ଓଡ଼ିଶା ଏ କ୍ଷେତ୍ରରେ ପଛୁଆ ଥିବା ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଓଡ଼ିଶାରେ ତିନୋଟି କାର୍ଯ୍ୟକ୍ଷମ ବନ୍ଦର ରହିଥିବାରୁ ଛତିଶଗଡ଼, ବିହାର, ଝାରଖଣ୍ଡ ଓ ଅନ୍ୟାନ୍ୟ ଉତର-ପୂର୍ବାଂଚଳ ରାଜ୍ୟଗୁଡ଼ିକ ତା'ର ସୁବିଧା ନେଇପାରିବେ ବୋଲି କହିଥିଲେ । ଯେକୌଣସି ଉତ୍ପାଦର ଗୁଣବତା, ପ୍ୟାକେଜିଂ, ଉତମ ମାନର ହେଲେ ତାହା ରପ୍ତାନୀ ପାଇଁ ବାଟ ଖୋଲିବ ବୋଲି କହିଥିଲେ । ସେ ରାଜ୍ୟରେ ଫାର୍ମା, ମୂଲ୍ୟବାନ ପଥର, ଅଳଙ୍କାର, ପେଟ୍ରୋଲିୟମ୍ ଏବଂ କୃଷି ଉତ୍ପାଦର ରପ୍ତାନୀ ପାଇଁ ବିପଳ ସମ୍ଭାବନା ରହିଥିବା ଦର୍ଶାଇ ଏ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଉତ୍ପାଦିତ ସାମଗ୍ରୀକୁ ମୂଲ୍ୟଯୁକ୍ତ କରିବା, ଉତ୍ପାଦର ଜି.ଆଇ ଟ୍ୟାଗ୍ କରିବା, ରପ୍ତାନୀ ସକାଶେ ଏକ କମନ୍ କ୍ଲଷ୍ଟର ଆପ୍ରୋଚ୍ ନୀତି ଗ୍ରହଣ କରିବା ତଥା ଉପଯୁକ୍ତ ଭିତିଭୂମିର ବିକାଶ କରିବା ଆଦି କେତେକ ପ୍ରମୁଖ ସମସ୍ୟା ଉପରେ ରାଜ୍ୟଗୁଡ଼ିକ ଆଲୋକପାତ କରିଥିଲେ । ଓଡ଼ିଶାରେ ରପ୍ତାନୀକୁ ଅଧିକ କ୍ରିୟାଶୀଳ ଏବଂ ସରଳ କରିବାକୁ ଅଧିକ ଉନ୍ନତ ମାନର ଅତ୍ୟାଧୁନିକ ପରୀକ୍ଷାଗାର ସ୍ଥାପନ କରିବା, ପାରାଦ୍ୱୀପ ବନ୍ଦରକୁ ସିପ୍‌ଲାଇନର୍ ପ୍ରଚଳନ କରିବା ଏବଂ ଭୁବନେଶ୍ୱରଠାରେ ତୁରନ୍ତ ବିଦେଶ ରପ୍ତାନୀ ମହାନିର୍ଦ୍ଦେଶାଳୟକୁ ପୁନଃଚାଲୁ କରିବା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଆଜିର ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଅର୍ଥନୈତିକ ଉପଦେଷ୍ଟା ଡ. ସି. ଭାନ୍ ଲାଲ୍ ରାମ୍‌ସାଙ୍ଗା, କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ପ୍ରାଧିକରଣର ଅଧ୍ୟକ୍ଷ ଡ.ଏମ୍. ଅଙ୍ଗମୁଥୁ, ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଶ୍ରୀମତୀ ଶୋଭା ଶର୍ମା, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ୍, ସ୍ୱତନ୍ତ୍ର ସଚିବ ମନ୍ମଥ କୁମାର ବିଶ୍ୱାଳ, ଅତିରିକ୍ତ ସଚିବ ଉଦୟ ନାରାୟଣ ଦାସ, ଡିଇପିଏମ୍ ଶରଣ କୁମାର ଜେନା ପ୍ରମୁଖ ଯୋଗଦେଇଥିବାବେଳେ ଅରୁଣ ବଜାଜ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ମାନବିକ ଅଧିକାର ଦିବସର ଗୁରୁତ୍ୱ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସମାଜରେ ମହିଳା ମାନେ ଭୃଣହତ୍ୟା, ଘରୋଇ ହିଂସା, ଯୌତୁକ, ଯୌନ ଶୋଷଣ, ଦୁଷ୍କର୍ମର ଶିକାର ହେବା ଫଳରେ ସେମାନଙ୍କ ମାନବିକ ଅଧିକାର ଅସୁରକ୍ଷିତ ହେଉଛି ଫଳରେ ସାମ୍ବିଧାନିକ ସମାନତାର ଅଧିକାର ବଜାୟ ରହୁନାହିଁ । ସରକାର ମହିଳା ସଶକ୍ତିକରଣ, ସ୍ୱୟଂ ସହାୟକ ସଙ୍ଗଠନ ମାଧ୍ୟମରେ, ଗଣତନ୍ତ୍ରରେ ସେମାନଙ୍କର ବିକାଶ ପାଇଁ ଚେଷ୍ଟିତ ହୋଇଥିବାରୁ, ସ୍ୱତନ୍ତ୍ର ମହିଳା ଡେସ୍କ ପ୍ରଚଳନ ହେବା ଦ୍ୱାରା ସେମାନେ ନିଜ ସୁରକ୍ଷା ଦିଗରେ ଅଗ୍ରସର ହୋଇ ଦେଶର ପ୍ରଗତିରେ ସହାୟକ ହୋଇ ପାରୁଛନ୍ତି । ନିଜ ହକ୍ ପାଇଁ ଲଢ଼ିପାରୁଛନ୍ତି । ତେଣୁ ସମସ୍ତେ ଯଦି ଜନ୍ମ ହୋଇଛନ୍ତି ସ୍ୱାଧୀନ ଭାବରେ ଯଦି ସମସ୍ତେ ବଂଚିପାରିବେ ମଧ୍ୟ ସ୍ୱାଧୀନ ଭାବରେ ? ନିଯୁକ୍ତି ସୁଯୋଗରେ ଅସମାନତା, ଜାତିଆଣ ମନୋଭାବ, ଭିନ୍ନକ୍ଷମ ପ୍ରତି ଅବହେଳା, ଶୋଷଣ ଏସବୁର ମୂଳ ଉତ୍ପାଟନ ହୋଇ ଦକ୍ଷତାକୁ ଗୁରୁତ୍ୱ ଦେଲେ ଦେଶରେ ଶାନ୍ତି ବଜାୟ ରହିବ ନଚେତ ଦେଶରେ ଅଶାନ୍ତି, ହିଂସା, ଚୋରୀ, ଡକାୟତି ଅଚିରେ ବୃଦ୍ଧି ପାଇ ଦେଶର ପ୍ରଗତିରେ ଅନ୍ତରାୟ ହେବ । ଏ ଦିଗରେ ଧ୍ୟାନଦେଇ ସମାଜକୁ ସୁରକ୍ଷିତ କରିବାରେ ମାନବାଧିକାର ଆୟୋଗ ସହାୟକ ହେବା ଉଚିତ । କାରଣ ପ୍ରତ୍ୟେକ ମଣିଷ ଯଦି ଜନ୍ମ ହୋଇଛନ୍ତି ସ୍ୱାଧୀନ ଭାବରେ ତେବେ ସେମାନଙ୍କର ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଜୀଇଁବାର ମଧ୍ୟ ଅଧିକାର ରହିଛି । ଏଦିଗରେ ଜନ ସଚେତନତା ହିଁ ନିହାତି ଆବଶ୍ୟକ ।

ଭୁବନେଶ୍ୱର,
(ମୋ)୭୯୭୮୧୧୦୪୭୪

## ଭାଙ୍ଗ ବୋଝେଇ ଟାଟାଏସିଇ ଗାଡ଼ି ଜବତ

ପୁରୀ,୦୯/୧୨ (ନି.ପ୍ର): ମୁନିଦାଛକଠାରେ ଓଡ଼ି୦୨ବିଜି ୭୪୧୬ ନମ୍ବର ବିଶିଷ୍ଟ ଏକ ଭାଙ୍ଗ ବୋଝେଇ ଟାଟା ଏସିଇକୁ ଅବକାରୀ ବିଭାଗ ଜବତ କରିଛି। ଜବତ ଟାଟାଏସିଇରୁ ୧୦ଟି ଜରି ବସ୍ତାରେ ଥିବା ୧.୫୩କୁଇଣ୍ଟାଲ ଭାଙ୍ଗ ଜବତ କରାଯାଇଛି। ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ଖୋର୍ଦ୍ଧା ଜିଲ୍ଲା ପୋଡ଼ାଡ଼ିହର ନବ କିଶୋର କାପ(୨୫)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରୁ କଣାସ ଦେଇ ଏକ ଟାଟାଏସିରେ ଭାଙ୍ଗ ଅସୁଥିବା ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଅଭିଯୁକ୍ତକୁ ଧରିବା ପାଇଁ ପିପିଲି ଅବକାରୀ ଥାନା ଭାରାପ୍ରାପ୍ତ ଅଧିକାରୀ ରଙ୍କନିଧି ମଲ୍ଲିକ ଅନ୍ୟବିଭାଗୀୟ କର୍ମଚାରୀମାନଙ୍କ ସହିତ କଣାସ ଡ଼େଲାଙ୍ଗ ରାସ୍ତାରେ ଛକି ରହିଥିଲେ। ମୁନିଦାଛକଠାରେ ଗାଡ଼ି ଅଟକାଇ ଯାଞ୍ଚବେଳେ ୧୦ଟି ବସ୍ତାରେ ଥିବା ୧.୫୩କୁଇଣ୍ଟାଲ ଭାଙ୍ଗ ଜବତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆନ୍ଦୋଳନ ଶେଷ, ୧୧ରୁ ଘରକୁ ....

"ଆମେ ଆନ୍ଦୋଳନ ଶେଷ କରିବାକୁ ନିଷ୍ପତ୍ତି ନେଇଛୁ। ଆମେ ଜାନୁଆରୀ ୧୫ରେ ଗୋଟିଏ ସମୀକ୍ଷା ବୈଠକ କରିବୁ। ଯଦି ସରକାର ପ୍ରତିଶ୍ରୁତି ପୂରଣ ନ କରିବେ, ତା'ହେଲେ ଆମେ ପୁଣି ଆନ୍ଦୋଳନ ଆରମ୍ଭ କରିବୁ। ଆଜି ବି ଏମଏସ୍‌ପି ଓ ଋଣ ଭଳି ସମସ୍ୟା ଚାଷୀଙ୍କ ଆଗରେ ରହିଛି। ସେହିପରି ଏହି ଆନ୍ଦୋଳନ ପୂରା ଦେଶର ଚାଷୀଙ୍କର ଥିଲା। ଆଜି ଆମେ ଗୋଟିଏ ବଡ଼ ବିଜୟ ସହ ଘରକୁ ଫେରୁଛୁ।" ଆନ୍ଦୋଳନରତ ଚାଷୀମାନେ ଆସନ୍ତା ୧୧ ତାରିଖରୁ ଆନ୍ଦୋଳନସ୍ଥଳ ଖାଲି କରିଦେବେ। ୧୦ ତାରିଖରେ ଶୋକସଭା ଆୟୋଜନ ହେବ। ୧୧ ତାରିଖରେ ଘରକୁ ଫେରିବାର ୨ ଦିନ ପରେ ଚାଷୀମାନେ ସ୍ୱର୍ଣ୍ଣ ମନ୍ଦିର ଯିବେ। ଡିସେମ୍ବର ୧୫ ସୁଦ୍ଧା ଚାଷୀ ଆନ୍ଦୋଳନ ସଂପୂର୍ଣ୍ଣ ଭାବେ ଶେଷ ହେବ ବୋଲି ଅନ୍ୟତମ ଚାଷୀ ନେତା ଦର୍ଶନପାଲ ସିଂହ ସୂଚନା ଦେଇଛନ୍ତି। ଏଥିସହ ଆନ୍ଦୋଳନ ଯୋଗୁ ଲୋକମାନେ ଭୋଗିଥିବା ସମସ୍ୟା ପାଇଁ ଚାଷୀମାନେ କ୍ଷମା ମଧ ମାଗିଛନ୍ତି। ସରକାର ଚାଷୀଙ୍କ ପାଖକୁ ପଠାଇଥିବା ଚିଠିରେ ଏମଏସ୍‌ପି ଧାର୍ଯ୍ୟ ଓ ଏହାକୁ ଆଇନଗତ ମାନ୍ୟତା ଦେବାକୁ କମିଟି ଗଠନ ହେବ ବୋଲି କହିଛନ୍ତି। ଏହି କମିଟିରେ କେନ୍ଦ୍ର, ରାଜ୍ୟର ସଦସ୍ୟ, କୃଷି ବିଶେଷଜ୍ଞ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ପ୍ରତିନିଧି ରହିବେ। ସେହିପରି ନଡ଼ା ଜାଳିବା ପାଇଁ ଚାଷୀଙ୍କ ଉପରେ ଲାଗୁ ହେଉଥିବା ଜୋରିମାନା ପ୍ରାବଧାନକୁ ସରକାର ହଟାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ, ହରିଆଣା, ଚଣ୍ଡିଗଡ଼, ଉତ୍ତର ପ୍ରଦେଶ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଆନ୍ଦୋଳନ ବେଳେ ଚାଷୀଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଥିଲା। ଏହାକୁ ତତ୍କାଳ ଭାବେ ପ୍ରତ୍ୟାହାର କରାଯିବ ବୋଲି କେନ୍ଦ୍ର ସରକାର ଚିଠିରେ ଉଲ୍ଲେଖ କରିଛନ୍ତି।

## ରାଜଧାନୀରେ ସ୍କୁଲକୁ ଛୁଇଁଲା ....

କରାଯାଇଛି। ସେମାନଙ୍କୁ ସଂଗରୋଧରେ ରଖାଯାଇଛି। ଅନ୍ୟ ଛାତ୍ରମାନେ ନେଗେଟିଭ ଥିବା ପ୍ରଧାନଶିକ୍ଷକ ଜିତେନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଦୁଇ ଛାତ୍ର ପଜିଟିଭ ଚିହ୍ନଟ ପରେ ସ୍କୁଲ ଓ ଶ୍ରେଣୀଗୃହକୁ ବିଶୋଧ କରାଯାଇ କଟକଣା ଭିତରେ ପାଠପଢ଼ା ଚାଲିଛି। ସେପଟେ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ୧୦ରୁ ଅଧିକ ଶିକ୍ଷକ କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି। ପୂର୍ବରୁ ଲକ୍ଷଣ ଦେଖାଯିବା ପରେ ସେମାନଙ୍କର କରୋନା ଟେଷ୍ଟ କରାଯାଇଥିଲା। ଆରଟିପିସିଆର ଟେଷ୍ଟ ସେମାନେ ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ କୋଭିଡ୍ ନିୟମ ଅନୁଯାୟୀ ସ୍କୁଲରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଚାଲିଛି। ଅନ୍ୟ ସମସ୍ତ କ୍ଲାସ୍ ଅଫ୍‌ଲାଇନ ବଦଳରେ ଅନ୍‌ଲାଇନରେ ଚାଲୁ ରହିଛି। ଏହା ପୂର୍ବରୁ ଢେଙ୍କାନାଳ କୁଞ୍ଜକାନ୍ତ ସ୍ଥିତ ଆବାସିକ କଲେଜରୁ ୫୩ ଜଣ ଛାତ୍ରଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। ଯେଉଁଥିପାଇଁ ଉକ୍ତ ସ୍କୁଲକୁ ସିଲ୍ କରାଯାଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କେବଳ ଢ଼େଙ୍କାନାଳ ନୁହେଁ, ତା' ପୂର୍ବରୁ ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ ଓ ଯାଜପୁରରେ ମଧ ସ୍କୁଲ ପିଲା ମହାମାରୀ କରୋନା ଜାଲରେ ପଡ଼ିଛନ୍ତି।

## ସିଗାରେଟ୍ ବିକ୍ରି ଉପରେ ....

ସଂସଦରେ ଉପସ୍ଥାପନ କରିବେ। କିନ୍ତୁ ଆସନ୍ତାମାସରେ ମାଓରି ସଂପ୍ରଦାୟ ପାଇଁ ଗଠିତ ସ୍ୱାସ୍ଥ୍ୟ ଟାସ୍କଫୋର୍ସର ସଦସ୍ୟମାନଙ୍କ ସହ ସରକାର କଥା ହେବେ। ଏହାପରେ ହିଁ ବିଲକୁ ସଂସଦରେ ଉପସ୍ଥାପନ କରାଯିବ। ୨୦୨୨ ଶେଷ ସୁଦ୍ଧା ସରକାର ଏହାକୁ ଆଇନରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୪ରୁ ଆଇନକୁ କାର୍ଯ୍ୟକାରୀ କରାଯାଇ ତମାଖୁ ବିକ୍ରି କରୁଥିବା ସଂସ୍ଥାର ସଂଖ୍ୟାକୁ ଯଥେଷ୍ଟ ହ୍ରାସ କରାଯିବ। ୨୦୨୫ ଶେଷ ସୁଦ୍ଧା ନିକୋଟିନ ମାତ୍ରାକୁ କମ କରାଯିବ। ଏହାପରେ ୨୦୨୭ରୁ ଧୂଆ ମୁକ୍ତ ଭବିଷ୍ୟତ ଗଠନ କରାଯିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ସରକାର କହିଛନ୍ତି, ବର୍ତ୍ତମାନ ରହିଥିବା ପ୍ଲେନ ପ୍ୟାକେଜିଂ ଓ ବିକ୍ରି ଉପରେ ଲାଗୁଥିବା ଅତିରିକ୍ତ ଟିକସ ପାଇଁ ଦେଶରେ ତମାଖୁ ସେବନ ହ୍ରାସ ପାଇଛି। ଏବେ ଆହୁରି କଠୋର ପଦକ୍ଷେପ ନିଆଯାଇ ଦେଶରେ ଧୂମପାନକୁ ୫% ତଳକୁ ଆଣିବାକୁ ଚେଷ୍ଟା କରାଯିବ। ୨୦୨୫ ସୁଦ୍ଧା ଏହି ଟାର୍ଗେଟ ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି। ନ୍ୟୁଜିଲ୍ୟାଣ୍ଡରେ ଧୂମପାନ ପ୍ରତିବର୍ଷ ୫ ହଜାର ଲୋକଙ୍କ ଜୀବନ ନେଉଛି।

## ସରକାରୀ ଚାକିରି ପାଇଁ ....

ରହୁଥିବା ଲୋକଙ୍କ ପାଇଁ ମଧ ସମାନ ନୀତି ପ୍ରଯୁଜ୍ୟ ହୋଇପାରେ, ସେଠାକାର ଲୋକମାନେ ସ୍ଥାନୀୟ ସରକାରଙ୍କୁ ଉତ୍ତରଦାୟୀ କରିବେ। ସମସ୍ତ ରାଜ୍ୟରେ ରାଜ୍ୟର ବାସିନ୍ଦାମାନଙ୍କୁ ସରକାରୀ ଚାକିରି କ୍ଷେତ୍ରରେ ପ୍ରାଥମିକତା ଓ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି ଯେ ଯେତେବେଳେ ସ୍ଥାନୀୟ ବାସିନ୍ଦାଙ୍କ ବଦଳରେ ବାହାରର ଅଣ-ବାସିନ୍ଦା ପ୍ରାର୍ଥୀମାନେ ସରକାରୀ ଚାକିରିରେ ନିଯୁକ୍ତି ପାଆନ୍ତି ଏବଂ ସ୍ଥାନୀୟ ଭାଷା ଜାଣନ୍ତି ନାହିଁ, ସେତେବେଳେ ସ୍ଥାନୀୟ ଲୋକମାନେ ଯନ୍ତ୍ରଣା ଭୋଗିଥାନ୍ତି। ଯେତେବେଳେ ଜଣେ ପ୍ରାର୍ଥୀଙ୍କୁ ଏକ ଭଲ ପଦବିରେ ନିଯୁକ୍ତ କରାଯାଏ ଏବଂ ସେ ସ୍ଥାନୀୟ ଭାଷା ଜାଣନ୍ତି ନାହିଁ, ସେତେବେଳେ ସ୍ଥାନୀୟ ବାସିନ୍ଦାମାନେ କ୍ଷତିଗ୍ରସ୍ତ ହୁଅନ୍ତି। ଯେତେବେଳେ ସେମାନେ ସେମାନଙ୍କର ଅଭିଯୋଗ ସହିତ ଆସନ୍ତି, ସ୍ଥାନୀୟ ଅଧିକାରୀମାନେ ସେମାନଙ୍କ କଥା ବୁଝନ୍ତି ନାହିଁ। ସେମାନେ ସେମାନଙ୍କର ଚିଠି ପଢିପାରିବେ ନାହିଁ କିମ୍ବା ଉତ୍ତର ଦେଇପାରିବେ ନାହିଁ। ତେଣୁ, ସ୍ଥାନୀୟ ଭାଷା ଶିଖିବା ଜରୁରୀ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବାନାର୍ଜୀ ରାଜ୍ୟ ମୁଖ୍ୟ ସଚିବ ଏଚକେ ଦ୍ୱିବେଦୀଙ୍କୁ ନିଯୁକ୍ତି ସମୟରେ ଭାଷା ପ୍ରତିବନ୍ଧକକୁ ସମାଧାନ କରିବା ପାଇଁ ଏକ ପ୍ରୋଟୋକଲ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଓମିକ୍ରନ ଭୟ: ଜାନୁଆରୀ....

ଲଗାଇବାରେ ବିଳମ୍ବ କରିନାହାନ୍ତି। ଓମିକ୍ରନର ମୁକାବିଲା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସଂକ୍ରମଣ ପ୍ରବଳ ଦେଶ ବା ରିସ୍କ ରାଷ୍ଟ୍ରରୁ ଆସୁଥିବା ଲୋକମାନଙ୍କର କରୋନା ଟେଷ୍ଟ ବିମାନବନ୍ଦରରେ କରାଯାଉଛି। ସେମାନଙ୍କୁ ବାଧ୍ୟତାମୂଳକ କ୍ୱାରେଣ୍ଟିନରେ ରଖା ଯାଉଛି। ସୂଚନାଯୋଗ୍ୟ, ମହାମାରୀ କରୋନା ପାଇଁ ୨୦୨୦ ମାର୍ଚ୍ଚ ମାସରୁ ନିୟମିତ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଛି। ତେବେ ଚଳିତ ବର୍ଷ ନଭେମ୍ବର ୨୬ରେ କେନ୍ଦ୍ର ସରକାର ଡିସେମ୍ବର ୧୫ରୁ ନିୟମିତ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବ ବୋଲି ସରକାର ଘୋଷଣା କରିଥିଲେ। କିନ୍ତୁ ଏବେ ଜାନୁଆରୀ ୩୧ ଯାଏ ବିଦେଶକୁ ବିମାନ ଉଡ଼ାଣ ଉପରେ ରୋକ ଲଗା ଯାଇଛି।

## ହେଲିକପ୍ଟର କ୍ରାଶର ତଦନ୍ତ କରିବେ....

କିନ୍ତୁ ଓଟ୍ଟୀ ନିକଟରେ ତାଙ୍କ ହେଲିକପ୍ଟର କ୍ରାଶ କରି ଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨.୨୦ରେ ଏହି ଘଟଣା ଘଟିଥିଲା। ହେଲିକପ୍ଟରଟି ସଂପୂର୍ଣ୍ଣ ଜଳି ଯାଇଥିବା ବେଳେ ଏକାଧିକ ବଡ଼ବଡ଼ ଗଛ ଭାଙ୍ଗି ଯାଇଥିଲା। ୧୪ ଜଣଙ୍କ ମଧ୍ୟରୁ ୧୩ ଜଣ ପ୍ରାଣ ହରାଇଥିବା ବେଳେ ଗ୍ରୁପ୍ କ୍ୟାପଟ୍ଟେନ ବରୁଣ ସିଂହ ଏବେ ୱେଲିଂଟନର ମିଲିଟାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଶରୀରର ୪୫% ଅଂଶ ପୋଡ଼ି ଯାଇଛି। ତାଙ୍କୁ ଜୀବନ ରକ୍ଷାକାରୀ ଉପକରଣ ଦ୍ୱାରା ଚିକିତ୍ସା ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି।

## ରଣକ୍ଷେତ୍ର ପାଲଟିଲା....

ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ଦାବିରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିଧାନସଭା ଘେରାଉ କରାଯାଇଛି। ହଜାର ହଜାର ବିଜେପି କର୍ମୀ ଦଳୀୟ କାର୍ଯ୍ୟାଳୟରୁ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପିଏମଜିରେ ପହଂଚିଥିଲେ । ସେମାନେ ବ୍ୟାରିକେଟ୍ ଡେଇଁ ବିଧାନସଭା ଆଡକୁ ଅଗ୍ରସର ହେଉଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟାଇକାଇବାକୁ ନାକେଦମ୍ ହୋଇଥିଲା। କର୍ମୀ ମାନେ ପ୍ରଥମ ବ୍ୟାରିକେଟ୍ ଡେଇଁ ଦ୍ୱିତୀୟ ବ୍ୟାରିକେଟ୍ ଆଡକୁ ଯିବା ବେଳେ କର୍ମୀ ପୋଲିସ୍ ଧସ୍ତାଧସ୍ତି ହୋଇଥିଲା। ପୋଲିସ୍ ଆନ୍ଦୋଳନକାରୀଙ୍କ ଉପରେ ଲାଠିଚାର୍ଜ କରିଦେଇଥିଲା। ସେହିପରି ବିଜେପି କର୍ମୀମାନେ ପୋଲିସ୍ ବସ୍ କୁ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି।

## ବାଲିଆପାଳ ଶିକ୍ଷିତ ବେକାରୀ ଯୁବକ ସଂଘ ପକ୍ଷରୁ ଏସପିପିଏଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ

ବାଲିଆପାଳ, ୦୯/୧୨ (ନି.ପ୍ର): ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ (ଏସପିପିଏଲ)ପକ୍ଷରୁ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରେର ଜମି ହରାଉଥିବା ଜମି ଦାତାଙ୍କ ପରିବାରର ଜଣକୁ ନିଯୁକ୍ତି ଦେବା ନିମେନ୍ତ ମେନାନୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଅବସରେର ଆଜି ବାଲିଆପାଳ ଶିକ୍ଷିତ ବେକାରୀ ଯୁବକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସଂଘର ସଭାପତି ରିଙ୍କୁରଞ୍ଜନ କରଙ୍କ ନେତୃତ୍ୱେର ଯାଇ ଆଡମିନ ମୁଖ୍ୟ ପ୍ରେମାଦ କୁମାରଙ୍କୁ ଭେଟି ଜମିଦାତାଙ୍କ ବ୍ୟତିତ ବାଲିଆପାଳେର ଥିବା ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଅଲୋଚନା କରାଯିବା ସହ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଟାଟା ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ଭି ରେ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ କୁମାର ପ୍ରତିଶୃତି ଦେଇଥିଲେ । ପ୍ରେମାଦ କୁମାରଙ୍କ ସହିତ ଆଜିର ସାକ୍ଷତ କାର୍ଯ୍ୟକ୍ରମେର ସଂଘର ଉପ ସଭାପତି ପ୍ରତାପ କେଶରୀ ସାହୁ, ଭଗବାନ ପାଢୀ, ଗୌତମବୁଦ୍ଧ ସାହୁ, ସୁଶାନ୍ତ କୁମାର ପାତ୍ର, କାହ୍ନୁଚରଣ ନାୟକ, ନେଗନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୨୮ ହୋଇ ଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲ୍ଲାରେ ୧ -୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ବୀର୍ସା ମୁଣ୍ଡା ଏକ ଅସାଧାରଣ ଓ ଅତୁଳନୀୟ ବ୍ୟକ୍ତିତ୍ୱ



ଭୁବନେଶ୍ୱର,୦୯/୧୨(ନି.ପ୍ର): ସହୀଦ ବୀର୍ସା ମୁଣ୍ଡା ଜଣେ ଅଦ୍ୱିତୀୟ ମହାପୁରୁଷ, ସନ୍ଥ, ସ୍ୱାଧୀନତା ସେନାନୀ ଯାହାଙ୍କ ବଳିଷ୍ଠ ତ୍ୟାଗ, ଅସାଧାରଣ ଅବଦାନ ଯୁଗ ଯୁଗ ଧରି ସମାଜକୁ ଅନୁପ୍ରାଣିତ କରିବ । ଭାରତ ସରକାରଙ୍କ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ଏବଂ କଟକସ୍ଥିତ ଐତିହାସିକ ରେଭେନ୍‌ଷା କଲେଜିଏଟ ବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା "ସହିଦ ବୀର୍ସା ମୁଣ୍ଡା –ଭିନ୍ନ ଏକ ସଂଗ୍ରାମୀ" ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ତଥା ଡାକ୍ତର ରବି ରଞ୍ଜନ ସାହୁ କହିଛନ୍ତି ଆଦିବାସୀ ମାନଙ୍କ ଧାର୍ମିକ, ରାଜନୈତିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ଭଗବାନ ବୀର୍ସା ମୁଣ୍ଡାଙ୍କ ଅବଦାନ ଚିରସ୍ମରଣୀୟ ଏବଂ ଅତୁଳନୀୟ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷାବିତ ଶୁଭେନ୍ଦୁ ମହାନ୍ତି କହିଛନ୍ତି ବୀର୍ସା ମୁଣ୍ଡାଙ୍କ ଅବିସ୍ମରଣୀୟ ଅବଦାନ ଆମ ସମସ୍ତଙ୍କୁ ସବୁବେଳେ ଅନୁପ୍ରାଣିତ କରିବ ଏବଂ ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ବିହାର ରେଜିମେଣ୍ଟ "ବୀର୍ସା ମୁଣ୍ଡା କି ଜୟ" ଯୁଦ୍ଧମ ଦେହି ଡାକରା ଦେଉଛନ୍ତି । ଅନ୍ୟତମ ଅତିଥି ଭାବେ ରେଭେନ୍‌ଷା କଲେଜିଏଟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନୁସ୍ମିତା ସ୍ୱାଇଁ ବୀର୍ସା ମୁଣ୍ଡଙ୍କ ଆଦର୍ଶ, ଦେଶ ପ୍ରତି ଉଲ୍ଲେଖନୀୟ ଅବଦାନ, ଚମତ୍କାରିତା ସଦା ସ୍ମରଣ ରଖିବା ସହ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିବା ବେଳେ ମୁଖ୍ୟ ବକ୍ତା ତଥା ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି ବୀର୍ସା ମୁଣ୍ଡାଙ୍କ ବ୍ୟକ୍ତିତ୍ୱ , ଅବଦାନ, ତ୍ୟାଗ ଏହା ପ୍ରମାଣିତ କରିଛି ଯେ ସ୍ୱାଧୀନତା ସଂଗ୍ରାମୀ ମାନେ କେବଳ ଉଚ୍ଚ ଶିକ୍ଷିତ ଧନୀ ନୁହନ୍ତି ଏମାନଙ୍କ ମଧ୍ୟରେ ଗରିବ, ଜନଜାତି ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ମଧ ଅଛନ୍ତି । ଏହି ଅବସରରେ ବୁଧବାର ଦିନ ଘଟିଥିବା ଦୁର୍ଭାଗ୍ୟଜନକ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡ଼ିଏସ ଜେନେରାଲ ବିପିନ ରାବତ ଏବଂ ୧୨ ଜଣଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀତା ମାନଙ୍କୁ ମଧ ପୁରସ୍କୃତ କରଯାଇଥିଲା। କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

## ଭଦ୍ରକରେ ଓଡ଼ିଶା ମାନବାଧିକାର ଆୟୋଗ ସଦସ୍ୟଙ୍କ କ୍ୟାମ୍ପକୋର୍ଟ

ଭଦ୍ରକ, ୦୯/୧୨ (ନି.ପ୍ର): ଆସନ୍ତା ଶନିବାର ତା ୧୧-୧୨-୨୧ରିଖ ପୂର୍ବାହ୍ଣ ଘ୧୧.୩୦ମି ସମୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକର ସମ୍ମିଳନୀ କକ୍ଷରେ ଓଡ଼ିଶା ମାନବାଧିକାର ଆୟୋଗ ଆନୁକୂଲ୍ୟରେ ଏକ କ୍ୟାମ୍ପକୋର୍ଟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଆୟୋଗର ମାନ୍ୟବର ସଦସ୍ୟ ଶ୍ରୀଯୁକ୍ତ ଅସିମ୍ ଅମିତାଭ ଦାଶଙ୍କ ଅଧ୍ୟକ୍ଷତାରେ ଏହି କ୍ୟାମ୍ପକୋର୍ଟ ପରିଚାଳିତ ହେବ । ଏହି ପରିପ୍ରେକ୍ଷୀରେ ମାନ୍ୟବର ସଦସ୍ୟ ଶ୍ରୀଯୁକ୍ତ ଦାଶଙ୍କର ଗସ୍ତକାର୍ଯ୍ୟସୂଚୀ ଅନୁଯାୟୀ ସେ ଡ଼ିସେମ୍ବର ୧୧ ତାରିଖ ଶନିବାର ଦିନ ସକାଳ ୯ଟା ସମୟରେ କଟକରୁ ଭଦ୍ରକ ଅଭିମୁଖେ ବାହାରି ୧୧ ଘଟିକା ସମୟରେ ଭଦ୍ରକ ସର୍କିଟ୍ ହାଉସ୍‌ରେ ପହଞ୍ଚିବେ। ପୂର୍ବାହ୍ନ ଘ୧୧.୩୦ମିରେ କ୍ୟାମ୍ପକୋର୍ଟ କାର୍ଯ୍ୟ ଆରମ୍ଭ ହେବ । ସରକାରୀ ସ୍ତରରେ ଜିଲ୍ଲା କାର୍ଯ୍ୟାଳୟ ତଥା ଆୟୋଗ ତରଫରୁ ଧାର୍ଯ୍ୟ କରାଯାଇଥିବା ମୋକଦ୍ଦମା ସବୁର ବିଚାର କରାଯିବ । ଅପରାହ୍ନ ଘ୨.୩୦ମିରେ ସିଭିଲ ସୋସାଇଟିର ସଦସ୍ୟ ଓ ଭଦ୍ରକ ଓକିଲ ସଂଘର ପ୍ରତିନିଧିମାନଙ୍କ ସହ ମାନ୍ୟବର ସଦସ୍ୟଙ୍କର ଏକ ବୈଠକ ମଧ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ସିଡ଼ିଏସ୍ ବିପିନ୍ ରାଓ୍ୱତକୁ ସ୍ୟାଣ୍ଡ ଆନିମେସନରେ ଶ୍ରଦ୍ଧାଞ୍ଜଳି

ପୁରୀ,୦୯/୧୨ (ନି.ପ୍ର): ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣହରାଇଥିବା ଦେଶର ପ୍ରଥମ ସିଡ଼ିଏସ୍ ଜେନ୍‌ରାଲ ବିପିନ୍ ରାଓ୍ୱତଙ୍କୁ ସ୍ୟାଣ୍ଡଆନିମେସନ୍ ଜରିଆରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ମାନସ ରଞ୍ଜନ ସାହୁ।ସ୍ୟାଣ୍ଡ ଆନିମେସନ୍‌ରେ ଜେନ୍‌ରାଲ ରାଓ୍ୱତଙ୍କ ପ୍ରତିକୃତି ନିର୍ମାଣ କରି ସେଥିରେ 'ରାଓ୍ୱତ ସାର, ଦି ନେସନ୍ ସାଲ୍ୟୁଟ୍ ୟୁ'ବୋଲି ଉଲ୍ଲେଖ କରିଛନ୍ତି। ଏହି ଆନିମେସନ୍ ନିର୍ମାଣ କରିବାକୁ ତାଙ୍କୁ ଦୁଇଘଣ୍ଟା ସମୟ ଲାଗିଥିବା ଶିଳ୍ପୀ ମାନସ କହିଛନ୍ତି।

## ବିଧାନସଭା ସଚିବ କରୋନା ପଜିଟିଭ୍

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ବିଧାନସଭାରେ ପଶିଛି କରୋନା । ବିଧାନସଭା ସଚିବ ଦାଶରଥୀ ଶତପଥୀ କରୋନା ପଜିଟିଭ୍ ହୋଇଥିବା ଜଣାପଡିଛି। ସଚିବଙ୍କ ଡ୍ରାଇଭର ମଧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତକାଲି ସଚିବଙ୍କ ପିଏସ୍ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ବିଧାନସଭାରେ କୋଭିଡ ବାହାରିବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ବିଧାନସଭା ସଚିବଙ୍କ ସମେତ ଅନ୍ୟ ଦୁଇ ଜଣ ପିଜିଟିଭ ଚିହ୍ନଟ ହୋଇଛନ୍ତି । ସଚିବଙ୍କ ସଂସ୍ପର୍ଶରେ ଆମେ ମାନେ ଆସିଥିବାରୁ ଆମର ଆଂଟିଜେନ ଟେଷ୍ଟ କରାଇଥିଲୁ । ସଚିବଙ୍କ ସଂସ୍ପର୍ଶରେ ଅନ୍ୟ ଯେଉଁମାନେ ଆସିଛନ୍ତି ତାଙ୍କର ମଧ ଆଜି ଆଂଟିଜେନ ଟେଷ୍ଟ କରାଯିବ। ବିଧାନସଭା ପରେ ସମସ୍ତଙ୍କର ଆରଟିପିସିଆର ଟେଷ୍ଟ କରାଯିବ। ସେହିପରି ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ସମସ୍ତ ବିଧାୟକ ମାନଙ୍କୁ ବୁଷ୍ଟର ଡୋଜ ଦେବା ପାଇଁ ଆରଏମଆରସି ନିର୍ଦ୍ଦେଶିକାଙ୍କ ସହ ଫୋନ ଯୋଗେ ଆଲୋଚନା କରିଛି ବୋଲି କହିଛନ୍ତି ବାଚସ୍ପତି।

## ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ

ପୁରୀ,୦୯/୧୨ (ନି.ପ୍ର): ଓଢ଼ଣ ଷଷ୍ଠୀ ଅବସରରେ ଶ୍ରୀମନ୍ଦିରରେ ଆଜି ଠାରୁ ଶ୍ରୀଜିଉମାନଙ୍କୁ ଘୋଡ ଲାଗି କରାଯାଇଛି । ଶୀତ ପ୍ରକୋପ ଲାଗି ଶ୍ରୀଜିଉମାନଙ୍କୁ ଘୋଡ଼ଲାଗି କରାଯାଇଥାଏ। ଶ୍ରୀଜିଉମାନଙ୍କର ଏହିବସ୍ତ୍ର ପରିଧାନକୁ ଘୋଡ଼ଲାଗି ବେଶ କୁହାଯାଇଥାଏ । ମାର୍ଗଶିର ଶୁକ୍ଳ ପଞ୍ଚମୀ ରାତିରୁ ଆରମ୍ଭ ହୋଇଥାଏ ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ । ଶ୍ରୀଜିଉମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ ସ୍ୱତନ୍ତ୍ର ଘୋଡ଼। ଘୋଡ଼ ଲାଗି ବେଶରେ ଶ୍ରୀଜିଉମାନେ ସୂତାବସ୍ତ୍ର, ଖଣ୍ଡୁଆ ପାଟ, ଭେଲଭେଟ୍ କନାରେ ନିର୍ମିତ ଘୋଡ଼ବସ୍ତ୍ର, ଫୁଟା ଓ ଟୋପର ଆଦିରେ ସଜ୍ଜିତ ହୋଇଥାନ୍ତି । ଏହି ବେଶରେ ଶ୍ରୀଜିଉମାନଙ୍କୁ ୮ମୂର୍ତ୍ତି ସ୍ୱର୍ଣ୍ଣ ଅଳଙ୍କାର ଲାଗି କରାଯାଇଥାଏ । ଏଥିସହିତ ଠାକୁରମାନଙ୍କୁ ମକର ଚୌରାଶି ଓ ମକର ଚୂଳ ଲାଗି କରାଯାଇଥାଏ । ସପ୍ତାହର ପ୍ରତ୍ୟେକ ଦିବସରେ ଠାକୁରମାନେ ଭିନ୍ନ ଭିନ୍ନ ରଙ୍ଗ ବିଶିଷ୍ଟ ଘୋଡ଼ଲାଗି ହୋଇଥାନ୍ତି । ରବିବାରରେ ଲାଲ, ସୋମବାର କଳାଛିଟଥିବା ଧଳା, ମଙ୍ଗଳବାର ପଞ୍ଚରଙ୍ଗ ମିଶା ୧୨ପଟିଆ, ବୁଧବାର ନୀଳ, ଗୁରୁବାର ହଳିଦିଆ, ଶୁକ୍ରବାର ଶୁକ୍ଳ ଓ ଶନିବାର ଦିନ କଳାରଙ୍ଗର ଘୋଡଲାଗି କରାଯାଇଥାଏ । ଆଜି ସକାଳଧୂପ ଶେଷ ହେବା ପରେ ପୁଷ୍ପାଳକ ସେବକ ବିଗ୍ରହମାନଙ୍କୁ ମଇଲମ୍ କରିଥିଲେ । ଭୋଗ ମଣ୍ଡପ ପରେ ପୂର୍ବ ରାତିରେ ଅଧିବାସ ଘୋଡ଼ ଗୁଡିକୁ ଘଣ୍ଟ, ଛତା ଓ କାହାଳୀ ସହ ତଲୁଛ ପଟୁଆରରେ ସିଂହାସନକୁ ବିଜେ କରାଯାଇଥିଲା । ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ । ପୂଜାପଣ୍ଡା, ପତି ଓ ମୁଦିରସ୍ତମାନେ ୩ବାଡରେ ବନ୍ଦାପନା କରାଇଥିଲେ । ଏହାପରେ ଧୋପଖାଳ ହୋଇ ମଧ୍ୟାହ୍ନ ଧୂପପାଇଁ ଡକରା ଯାଇଥିଲା । ରୋଷରୁ ଛେକ ଆସିବା ଉତ୍ତାରୁ ପୂଜାପଣ୍ଡା ଷୋଡଶ ଉପଚାରରେ ପୂଜା କରିଥିଲେ ।

## ଶିକ୍ଷାନୁଷ୍ଠାନ ଜମି ରେକର୍ଡଭୁକ୍ତ କରିବା ନେଇ କ୍ୟାବିନେଟ ନିଷ୍ପତ୍ତିକୁ ସ୍ୱାଗତ



ବାରିପଦା, ୦୯/୧୨ (ନି.ପ୍ର): ଶିକ୍ଷାନୁଷ୍ଠାନକୁ ଦିଆଯାଇଥିବା ଜମି ରେକର୍ଡଭୁକ୍ତ କରିବା ପାଇଁ ଅନେକ ଥର ବିଭିନ୍ନ ଫରୋମ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା ଓ ଗଣ ମାଧମରେ ଏନେଇ ବହୁବାର ଖବର ପ୍ରକାଶନ ହୋଇଥିଲା । ୨୮ ଜୁନ ୧୯୪୮ ମସିହା ଜୁନ ୨୮ ତାରିଖରେ ତତ୍କାଳିନ ମହାରାଣୀ ତକତ କୁମାରୀ ଉଚ୍ଚ ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାରିପଦା ତହସିଲ,ତକତପୁର ମୌଜାରେ ଅବସ୍ଥିତ ଏ୨୬୮.୫୩ ଜମି ଦାନ କରିଥିଲେ । ସେହି ଜମି ଉପରେ ମହାରଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମୟୂରଭଞ୍ଜ ଆଇନ କଲେଜ, ସରକାରୀ ଆଇ.ଟି.ଆଇ. ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । କିନ୍ତୁ ସେହି ଜମି କୌଣସି ଅନୁଷ୍ଠାନ ନାମରେ ରେକର୍ଡ କରାଯାଇ ନଥିଲା । ଅତୀତରେ ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ସେହି ଜମିକୁ ଅନୁଷ୍ଠାନ ଗୁଡ଼ିକ କିମ୍ବା ଶିକ୍ଷା ବିଭାଗ ନାମରେ ରେକର୍ଡ଼ କରିବାପାଇଁ ଦୃଢ ଦାବୀ ହୋଇ ଆସୁଥିଲା । ଏବେ ଶିକ୍ଷାନୁଷ୍ଠାନକୁ ଦିଆଯାଇଥିବା ଜମି ରେକର୍ଡଭୁକ୍ତ କରିବା ପାଇଁ କ୍ୟାବିନେଟ ନିଷ୍ପତି ହୋଇଥିବାରୁ ଛାତ୍ରଛାତ୍ରୀ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଏବଂ ଏନେଇ ସଂଗ୍ରାମ ଜାରୀ ରଖିଥିବା ଜେଏମଏମର ଅର୍ଜୁନ ମୁର୍ମୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜ ଓ ହାଇସ୍କୁଲର ଦଖଲରେ ରହିଥିବା ସରକାରୀ ଜମିକୁ ବିନାମୂଲ୍ୟରେ ସେମାନଙ୍କୁ ପ୍ରଦାନ କରାଯିବ । ଏହି ଜମିର ମାଲିକାନା ଯଥାଶୀଘ୍ର ଉଚ୍ଚଶିକ୍ଷା ବିଭାଗ ଏବଂ ଗଣଶିକ୍ଷା ବିଭାଗ ନାଁରେ କରାଯିବ ବୋଲି ରାଜ୍ୟ କ୍ୟାବିନେଟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିପାଇଁ ଛାତ୍ର ଛାତ୍ରୀ ମାନଙ୍କ ସହିତ ଜେଏମଏମ ଯୁବସଭାପତି ଶ୍ରୀ ମୁର୍ମୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଦୀର୍ଘଦିନର ଦାବୀ ପୂରଣ ହୋଇଛି ବୋଲି କହିଛନ୍ତି । ଆନ୍ଦୋଳନ ସଫଳ ହୋଇଥିବାରୁ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆଜି ବାରିପଦା ନିକଟସ୍ତ ତକତପୁର କଲେଜ ପରିସରରେ ଶ୍ରୀ ମୁର୍ମୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି ।

## ଖୋର୍ଦ୍ଧା ଜିଲ୍ଲା ସହ ଉପକୂଳ ଜିଲ୍ଲାର ବର୍ଷା ଉତ୍ପାତ

ଖୋର୍ଦ୍ଧା, ୦୯/୧୨ (ନି.ପ୍ର): ଆଜି ସକାଳୁ ଖୋର୍ଦ୍ଧା ଜିଲ୍ଲାରେ ଅବିଶ୍ରାନ୍ତ ବରଷା ଚାଲୁରହିଛି ପୂର୍ବ ଦିନ ଯାହା ବର୍ଷା ହୋଇ ଥିଲା ତାଠାରୁ ମୁଷଳ ଧାରରେ ବର୍ଷା ଅଦିନିଆ ଚାଷିକୁଳକୁ ବିପଦ ମାଡ଼ି ଆସୁଛି । ଯାହା ଫଳରେ ବର୍ଷ ଯାକ ପରିଶ୍ରମ ଧୋଇଗଲା । ପାଚିଲା ଧାନ ରେ ମହୀ ଚାଲିଲା । କାଟି ଆଣିଥିବା ଧାନ ସବୁ ଗଜା ହୋଇଗଲାଣି । ବିଲରେ କଟା ହୋଇ ଥିବା ଧାନ ପଡି ରହିଛି । ଯେ ଚାଷୀ ସେ ଜାଣିବ ତାର ଦୁଃଖ । ରାଜନେତା ବିଧାୟକ କେବଳ ଭାଷଣ ବାଜି । ମାତ୍ର ଆଖିରେ ଲୁହ ନାହିଁ । କହନ୍ତି ଦଇବ ଦୁର୍ଯୋଗ । କଥାରେ ଅଛି ବାଞ୍ଝକି ଜାନଇ ବିଆଣ କଥା, ମାଆ ଜାଣେ ଗର୍ଭ ବେଦନା । ଏବେ ଚାଷୀ ଘରେ ଚୁଲି ଜଳୁ ନାହିଁ । ଏନେଇ ରାଜ ନେତା ପଞ୍ଚାୟତ ଭୋଟ ଚିନ୍ତା । ଚାଷୀ ଯେତେ ହଇରାଣ ଗରିବ ହେବେ ଅଭାବ ପଡ଼ିବେ ବିଧାକ ମନ୍ତ୍ରୀ ଖୁସି, କେବଳ ମିଛ ଆଶ୍ୱାସନା । ତାଙ୍କର ଏହି ସୁଯୋଗ ମାଛ କୁ ଗୋଲିଆ ପାଣି ଶୁଆଇଲା ଭଳି । ଖୋର୍ଦ୍ଧା, ପୁରୀ, ଆଦି ଉପକୂଳ ଜିଲ୍ଲା ରେ ସବୁ ଫସଲ ହାନି । ଦର ଦାମ ରୋକିବାକୁ କାହାର ଶକ୍ତି ନାହିଁ । କାରଣ ଚାଷୀ ଚାଷ କଲେ ସିନା ଦାମ କମିବ । ଅଦିନିଆ ବର୍ଷା ପନିପରିବା ସବୁ ପଚି ଗଲା । ଧାନ ଗଲା ଫସଲ ଗଲା, କଣ କରିବେ କି ସାହାଯ୍ୟ କିଏ ଦେବ । ସବୁ ରାଜନୀତି ହିଁ ରାଜ ନୀତି । ଏବେ ସମବାୟ ସମତି କର୍ମଚାରୀ ଓଡ଼ିଶା ସାରା ତାଙ୍କ ଦାବି ପାଇଁ ଆନ୍ଦୋଳନ କରି ଚାଲିଛନ୍ତି । ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତି ସବୁ ପଞ୍ଚାୟେତ ସମିତି ଚାବି । ସବୁ କର୍ମଚାରୀ ରାଜଧାନୀରେ ରାଲି । ଯେଉଁ କର୍ମଚାରୀ ଚାଷିକୁଳକୁ କିଛି ଶାହା ତାଙ୍କ ପେଟ ପାଇଁ ସେ କହିଛନ୍ତି ନାଟ ଏ ହା ସତ୍ୟ । ମାତ୍ର ଭିକ ମାଗି ବିଧାୟକ ଓ ସାଂସଦ, ମନ୍ତ୍ରୀ ହାକିମ ତାଙ୍କ ଦରମା ବଢିବା କିଏ ରୋକିବ । କିଛି ଦର ମୁର୍ଖ , ହୁଣ୍ଡା ଗୁଣ୍ଡା ସେ ଥରେ ବିଧାକ, ସାଂସଦ ହୋଇଗଲେ ସାତ ପୁରୁଷ ପାଇଁ ସଞ୍ଚୟ କରି ରଖିଲେ ତାଙ୍କୁ ଦରଦାମ ବାଧିବ ନାହିଁ । ମାତ୍ର ଚାଷୀ ଭାସିଗଲେ କୁମ୍ଭୀର କାନ୍ଦନା ଖୋର୍ଦ୍ଧା ଭଳି ସବୁ ଉପକୂଳ ଜିଲ୍ଲା ଚାଷୀ ନିଲାଠା । ତାଂକୁ ଦଇବ କେବଳ ସାହା । ଏହି ଅଦିନିଆ ବର୍ଷା ଦାଉ ସାଧୁଛି । ଜଗନ୍ନାଥଙ୍କ କୃପାରୁ ପବନ ନାହିଁ । ପବନ ହୋଇଥିଲେ ହା ହା କାର ପଡ଼ି ଥାଆନ୍ତା । ଏବେ ଆମ ସରକାର ଓଡ଼ିଶା କିପରି ପ୍ରକୃତ ଚର୍ଷି ଚିହ୍ନଟ କରି କ୍ଷୟ କ୍ଷତି ଆକଳନ କରୁଛନ୍ତି । କେବଳ ବିଧାକ, ମନ୍ତ୍ରୀ ପରୀ ପାରିଧିଆ ,କୁଜି ନେତା,ତାଙ୍କ ଲୋକ, ଦଲାଲ ଚାଷୀ ନ ହେଲେ ମଧ ସେମାନେ ସାହାଯ୍ୟ ପାଇବେ, ପାଇ ଆସିଛନ୍ତି । କାରଣ ଆର, ଆଇ,ତାହସିଦାର ନେତାଙ୍କ କଥାରେ ଉଠ ବସ । ଯାହାର କ୍ଷତି ଘଟିଛି ସେ ନିରାଶ । କେବଳ ଚାଷୀଙ୍କୁ ଜଗନ୍ନାଥ ସାହା ।

ବାଲେଶ୍ୱର, ଶୁକ୍ରବାର, ୧୦ ଡିସେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



# ମୁଖ୍ୟମନ୍ତ୍ରୀଙ୍କ ଆଚରଣ ପାଇଁ ଓଡ଼ିଶାବାସୀ ଲଜ୍ଜିତ : କଂଗ୍ରେସ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ ବାଂଟିବାକୁ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି। ବିଧାନସଭା ବାଟଦେଇ ହକି ଟ୍ରଫି ଦେବାପାଇଁ କଳିଙ୍ଗ ଷ୍ଟାଡିୟମ ଯାଉଛନ୍ତି। ରାଜ୍ୟର ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ପାଇଁ ବିଧାନସଭା ନ ନଆସି କରୋନାର ଆଳ ଦେଖାଇ ନବୀନ ନିବାସରେ ଲୁଚିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ଗଣତନ୍ତ୍ର ଓ ବିଧାନସଭାକୁ ଅପମାନ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଚରଣ ପାଇଁ ଓଡ଼ିଶାର ସଚେତନ ବୁଦ୍ଧିଜୀବି ଓ ଜନତା ଲଜ୍ଜିତ ହେଉଥିବେ ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଛନ୍ତି। କଂଗ୍ରେସ ଭବନରେ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ମମିତା ମେହେର ହତ୍ୟା ପ୍ରସଙ୍ଗରେ ପୋଲିସ୍ ତଥ୍ୟ ପ୍ରମାଣ ନଷ୍ଟ କରି ଅଭିଯୁକ୍ତର ସୁରକ୍ଷା ଦେଇ ନିଜେ ଅପରାଧି। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶାବାସୀ ମମିତା ପାଇଁ ନ୍ୟାୟ ମାଗୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ନିବାସରେ ଲୁଚିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ପାଇଁ ଓଡ଼ିଶାବାସୀ ଲଜ୍ଜିତ ଅନୁଭବ କରୁଥିବେ ଓ ଅନୁତପ୍ତ ମଧ୍ୟ ହେଉଥିବେ। ଶାସକ ଦଳ ତରଫରୁ କୁହାଯାଉଛି ତଦନ୍ତ ଠିକ୍ ଭାବେ ଚାଲିଛି। ମମିତା ପ୍ରସଙ୍ଗରେ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ବିଧାନସଭାକୁ ଅଚଳ କରୁଛି। ମମିତାର ପିତା ନିର୍ଦ୍ଦିଷ୍ଟ ଭାବେ ମହାଲିଙ୍ଗ କଲେଜର ସେକ୍ସ ସ୍କାଣ୍ଡାଲ ଓ ଏଥିରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ଏବଂ ଏ ଘଟଣାରେ ତାଙ୍କ ଝିଅ ପ୍ରତିବାଦ କରିଥିବାରୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ ମଧ୍ୟ ପୋଲିସ୍ ସେକ୍ସ ସ୍କାଣ୍ଡାଲ ଉପରେ କାହିଁକି ତଦନ୍ତ କରୁ ନାହିଁ। ଏଣୁ ପୋଲିସର ତଦନ୍ତ ନିରପେକ୍ଷ ନୁହେଁ ତେଣୁ କଂଗ୍ରେସ ଦଳ ତରଫରୁ ହାଇକୋର୍ଟ ତତ୍ୱାବଧାନରେ ଏସଆଇଟି ତଦନ୍ତ କରାଯାଇ ହତ୍ୟାକାଣ୍ଡର ଅଭିଯୁକ୍ତ, ଷଡ଼ଯନ୍ତ୍ରକରୀ, ମୁଖ୍ୟ ପୃଷ୍ଠପୋଷକ ଓ ସେକ୍ସ ସ୍କାଣ୍ଡାଲର ରାଣୀମହୁମାଛିଙ୍କୁ ଖୋଜି ବାହାର କରିବା ପାଇଁ ଦଳ ତରଫରୁ ଦୃଢ଼ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ ଓ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।

# ଶୋଚନୀୟ କଚେରୀ ହତା ରାସ୍ତାକୁ ନେଇ ବଢ଼ୁଛି ଅସନ୍ତୋଷ

ବାଲେଶ୍ୱର,୦୯/୧୨ (ନି.ପ୍ର): ଅମୃତ ଯୋଜନାରେ ସାମିଲ ପରେ ବି ବାଲେଶ୍ୱର ସହରର ରୂପରେଖରେ ଖୁବବେଶୀ ପରିବର୍ତ୍ତନ ନହେବାକୁ ନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ତେବେ ସହରର ଅନ୍ୟାନ୍ୟ ରାସ୍ତା ତୁଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ ତଥା କଚୋରୀ ଭିତର ଦେଇ ଜିଲା ମୁଖ୍ୟ ଆୟୁର୍ବେଦିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ସଦର ବ୍ଲକ ସମ୍ମୁଖ ଓ ଏସଡିଜେଏମ କୋର୍ଟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲ ଯୋଗୁଁ ସ୍ୱଳ୍ପ ବର୍ଷାରେ ବି ସେଠାରେ ପାଣି ଅଟକି ରହୁଛି। ଯାନବାହନରେ ଯାତାୟାତ କରିବା ତ ଦୂରର କଥା, ବରଂ ଖାଲି ପାଦରେ ଚାଲି ଚାଲି ଯିବା ଲୋକଙ୍କ ପାଇଁ କାଠିକର ପାଠ ହୋଇଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, କୋର୍ଟ, ସଦର ତହସିଲ, ସଦର ବ୍ଲକ, ଜିଲା ଯୋଗାଣ କାର୍ଯ୍ୟାଳୟକୁ ଆସିଥା'ନ୍ତି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ବି ଏହି ରାସ୍ତାର ମରାମତି ଓ କଚେରୀ ହତାର ନିଷ୍କାସନ ବ୍ୟବସ୍ଥା ପ୍ରତି ପଦକ୍ଷେପ ଗ୍ରହଣ କରା ନଯିବା ଦୁର୍ଭାଗ୍ୟର ବିଷୟ ବୋଲି କେତେକ ବରିଷ୍ଠ ଆଇନଜୀବୀ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ମରାମତି ଓ ନିଷ୍କାସନ ବ୍ୟବସ୍ଥା ପାଇଁ ଦାବି କରାଯାଇଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୮ ଗିରଫ

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୬୩୦ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୪,୨୭,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚ ପକ୍ଷରୁ ବୈଠକ ଅନୁଷ୍ଠିତ



ବାଲିଆପାଳ, ୦୯/୧୨ (ନି.ପ୍ର): କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚ ପକ୍ଷରୁ ବାଲିଆପାଳ କ୍ରୀଡା ମହାବିଦ୍ୟାଳୟ ସଭାଗୃହ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୨୭ ଓ ୨୮ ତାରିଖରେ କୋଷ୍ଟକେନାଲ ପୁନରୁଦ୍ଧାର ସଚେତନତା ପାଇଁ ମଟର ସାଇକେଲ ରାଲି ଓ ସଚେତନତା ସଭାର ସମୀକ୍ଷା ଓ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ବିଶିଷ୍ଟ ସମାଜସେବୀ ତଥା କୃଷି ବୈଜ୍ଞାନିକ ପ୍ରାଧ୍ୟାପକ ଡକ୍ଟର ଅଦ୍ୱୈତ୍ୟ କୁମାର ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚର ଆବାହକ ଅନ୍ୟତମ କର୍ଣ୍ଣଧାର ତଥା ଯୁବ ବିକାଶ ସଂଗଠନର ସମ୍ପାଦକ ଗୋବିନ୍ଦ ଦଳାଇ ଗତ ନଭେମ୍ବର ୨୭/୨୮ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ମଟର ସାଇକେଲ ରାଲି ବିଷୟରେ ବିସ୍ତୃତ ଅନୁଭୂତି ବର୍ଣ୍ଣନା କରିଥିଲେ।ଅନ୍ୟତମ ବରିଷ୍ଠ ସଦସ୍ୟ ଶୁଭଙ୍କ ମହାପାତ୍ର ଯୋଗଦେଇ କହିଥିଲେ ଯେ ଭୋଗରାଇ ବ୍ଲକ ମାନକୁଣ୍ଡା ଠାରୁ ଭଦ୍ରକ ଜିଲ୍ଲାର ଚାରବାଟିଆ ପର୍ଯ୍ୟନ୍ତ ବିସ୍ତାର୍ଣ୍ଣ ୧୨୬ କିଲୋମିଟର କୋଷ୍ଟକେନାଲ ଆଜି ପୋତି ହୋଇ ପଡିଛି।ଅତୀତର ନୌବାଣିଜ୍ୟ ଓ କୃଷିପାଇଁ କୋଷ୍ଟକେନାଲ ଜନସାଧାରଣଙ୍କ ବେଶ କାର୍ଯ୍ୟରେ ଆସୁଥିଲା।ମାତ୍ର ଆଜି କୋଷ୍ଟକେନାଲ ପ୍ରତି ସରକାରୀ ଉଦାସୀନତା ସ୍ପଷ୍ଟ ବାରି ହୋଇପଡିଛି।ତାର ପୁନଃଉଦ୍ଧାର ହେବା ନିତ୍ୟାନ୍ତ ଆବଶ୍ୟକ। ସେଥିପାଇଁ ଜନସାଧାରଣଙ୍କୁ ଜାଗ୍ରତ ହେବାକୁ ପଡିବ।ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ,ବାଘାଯତିନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ଅବସର ପ୍ରାପ୍ତ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ବିରମାଧ୍ୱ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ବିଜୟ ଦାସ ଅଧିକାରୀ, ଅଜୟ କୁମାର ସାହୁ, କୃଷକ ନେତା ମନ୍ମଥ ପାତ୍ର, ମନ୍ମଥ ଦାସ, ବିର କୁମାର ଜେନା, ସମାଜସେବୀ ମହେଶ୍ୱର ଦାସ, ଅଦ୍ୱୈତ୍ୟ ବାଗ, ରବିନ୍ଦ୍ର ଦତ୍ତ, ରବିନ୍ଦ୍ର ବିଶ୍ୱାଳ, ହିମାଂଶୁ ଶେଖର ପାତ୍ର କବି ସନ୍ୟାସି ବେହେରା,ଯୁବ ସମାଜସେବୀ ତୁଷାରକାନ୍ତି ତପଶି,ବିଜୟ କୁମାର ମହାନ୍ତି, କ୍ଷିତିଶ କୁମାର ଜେନା ପ୍ରମୁଖ ଯୋଗଦେଇ ନିଜ ନିଜର ମୂଲ୍ୟବାନ ମତାମତ ଦେଇଥିଲେ।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଉଦଳା, ୦୯/୧୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ପ୍ରତିବର୍ଷ ପରି ଚଳିତ ଡ଼ିସେମ୍ବର ୮ ତାରିଖ ବୁଧବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। କପ୍ତିପଦା ଉପଖଣ୍ଡର ସହଜିଲ୍ଲାପାଳ ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିଶୁ ବିଭାଗ ଚିକିତ୍ସକ ଲକ୍ଷ୍ମୀକାନ୍ତ ପତି ଓ ସମାଜସେବୀ ପ୍ରମିଳା ପଣ୍ଡା ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ରକ୍ତଦାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ଡ଼େମନଷ୍ଟ୍ରେଟର ସୁପ୍ରୀତି ନାୟକ ପ୍ରଥମ ରକ୍ତଦାତା ହିସାବରେ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଓ କର୍ମଚାରୀ ଯଥା ରାଜେଶ କୁମାର ମୁଦୁଲି, ଗୁଞ୍ଜନା ଭୁୟାଁ, ଖଞ୍ଜୁମଣୀ ବେହେରା, ଦୁର୍ଯ୍ୟଧନ ବେହେରା ପ୍ରମୁଖ ରକ୍ତଦାନ କରିଥିଲେ। ଅନ୍ୟ ରକ୍ତଦାତା ମାନଙ୍କ ମଧ୍ୟରେ ଅରୁଣ ପାତ୍ର, ଜୟସ୍ମିତା ସେଠୀ, ରସ୍ମିପ୍ରଭା ବାରିକ, ଇଞ୍ଜିନିୟ ନିଶାନ୍ତ ପାଢ଼ୀ, ଜାନକି ସିଂ, ଜଗନ୍ନାଥ ଦଳେଇ, ଭବାନି ଶଙ୍କର ଚୌଧୁରୀ, ରାମଚନ୍ଦ୍ର ସାମଲ, ଡ଼କ୍ଟର ସୁପ୍ରୀୟ ଦାସ ଇତ୍ୟାଦି ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ଅଧାପିକା ମଞ୍ଜୁଳା କଲିଆ ଏବଂ ଡ଼େମନଷ୍ଟ୍ରେଟର ସପନ କୁମାର ମହାନ୍ତି ରକ୍ତଦାତା ମାନଙ୍କର ନାମ ପଞ୍ଜିକରଣ କରିଥିଲେ। ଅଧାପକ ଗିରିଜା ଶଙ୍କର ପାତ୍ର, ଅନୁରାଧା କବାଟ ରକ୍ତଦାତା ମାନଙ୍କର ରିଫ୍ରେସମେଣ୍ଟ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ରକ୍ତ ଭଣ୍ଡାର ଉଦଳାର ବରିଷ୍ଠ କର୍ମଚାରୀ ଶୁଶାନ୍ତ କୁମାର ପଟ୍ଟନାୟକ ଏବଂ ତାଙ୍କର ସହଯୋଗୀ ମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନାର +୩ର ପ୍ରୋଗ୍ରାମ ଅଫିସର ରବିନାରାୟଣ ମହାପାତ୍ର, ପ୍ରଣତି ରାଜ, +୨ ବିଭାଗର ପ୍ରୋଗ୍ରାମ ଅଫିସର ରାଜକିଶୋର ବେହେରା, ରେଡ଼କ୍ରସ କାଉନସିଲର କୁମ କୁମ ଦାସ ଏବଂ ଅଞ୍ଜନ କୁମାର ବିଶ୍ୱାଳ, ରେଞ୍ଜର୍ସ ୟୁନିଟର ଲକ୍ଷ୍ମୀପ୍ରୀୟା ସାମଲ ଏବଂ ଶାନ୍ତିଲତା ହାଁସଦା ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ଏହି ଶିବିରକୁ ସଫଳ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜର ଯୁବକ ସବ୍ ଲେଫ୍ଟିନେଣ୍ଟ ନିଯୁକ୍ତ



ବାରିପଦା, ୦୯/୧୨ (ନି.ପ୍ର): ଭାରତୀୟ ନୌସେନା ଏକାଡେମୀ, ଏଜିମାଲା ଠାରେ ଅନୁଷ୍ଠିତ ଏକ ପାସିଂ ଆଉଟ ପ୍ୟାରେଡରେ ରାଇରଙ୍ଗପୁର ସ୍ଥିତ ପୁରୁଣାପାଣି ଗ୍ରାମର ଆଶିଷ କୁମାର ମହାନ୍ତ ପାସ କଲା ପରେ ତାଙ୍କୁ ଭାରତୀୟ ନୌସେନାରେ ସବ ଲେଫ୍ଟିନେଣ୍ଟ ଭାବରେ ନିଯୁକ୍ତ କରାଯାଇଛି। ଭାରତୀୟ ନୌସେନା ଏକାଡେମୀର ପାସିଂ ଆଉଟ ପ୍ୟାରେଡ କଠୋର ତାଲିମ ଏବଂ ଦେଶର ଦାୟୀତ୍ୱ ତୁଲାଇବା ପାଇଁ ଜଣେ କ୍ୟାଡେଟକୁ ଜଣେ ଯୁବ ଅଧିକାରୀରେ ଭାବରେ ଚୟନ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଉକ୍ତ ପ୍ୟାରେଡରେ ମାଳଦ୍ୱୀପର ପ୍ରତିରକ୍ଷା ମନ୍ତ୍ରୀ ମାରିଆ ଅହମଦ ଅଭିବାଦନ ଗ୍ରହଣ କରିଥିଲେ। ସବ ଲେଫ୍ଟିନେଣ୍ଟ ଆଶିଷ କୁମାର ମହାନ୍ତ ସୈନିକ ସ୍କୁଲ ଭୁବନେଶ୍ୱରରୁ ଶିକ୍ଷା ସମାପ୍ତ ପରେ ସେ ଜାତୀୟ ପ୍ରତିରକ୍ଷା ଏକାଡେମୀ ରେ ୩ ବର୍ଷ ତାଲିମ ନେଇଥିଲେ। ପରେ ସେ ବି. ଟେକ ସମାପ୍ତ କରିବାକୁ ଭାରତୀୟ ନୌସନା ଏକାଡେମୀ ଏଜିମାଲା ରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଠାରୁ ନୂତନ ପାଠ୍ୟକ୍ରମ ଅନୁଯାୟୀ ଶେଷ ୬ ମାସ ସେ ବିଭିନ୍ନ ସାମୁଦ୍ରିକ ଜାହାଜ ଶର୍ଦ୍ଦୂଳ, ତରଙ୍ଗିନିରେ ଟ୍ରେନିଂ ନେବା ସହିତ ଭାରତର ପୂର୍ବ ତୋଟ, ପଶ୍ଚିମ ତୋଟ ଆଣ୍ଡମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଶ୍ରୀଲଙ୍କା ଯିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେ ଅଧୀଶ୍ୱର ମହାନ୍ତ ଏବଂ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ଏକ ମାତ୍ର ପୁତ୍ର ଅଟନ୍ତି।

## ୩ ବର୍ଷରେ ୧୫,୩୮୬ ଜୀବନ ନେଇଛି ସଡ଼କ ଦୁର୍ଘଟଣା

ଭୁବନେଶ୍ୱର, ୦୯/୧୨ (ନି.ପ୍ର): ରାଜ୍ୟରେ ଗତ ୩ ବର୍ଷରେ ୧୫,୩୮୬ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବିଧାୟକ ଅମର ଶତପଥୀଙ୍କ ପ୍ରଶ୍ନର ଉତରରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାନସଭାକୁ ଜଣାଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୧୮ରେ ୫୩୧୫ ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବେଳେ ୨୦୧୯ରେ ୫୩୩୩ ଜଣ ଏବଂ ୨୦୨୦ ରେ ୪୭୩୮ ଜଣ ମୃତ୍ୟୁବରଣ କରିଛନ୍ତି। ଅପରପକ୍ଷରେ ସଡକ ଦୁର୍ଘଟଣା ରୋକିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଜଣାଇଛନ୍ତି।

# ଜୱାଦ ପରେ ବର୍ଷା ଯୋଗୁଁ ବିଲରେ ଥିବା ଧାନରୁ ବାହାରିଲା ଗଜା : ୪ ହଜାର ହେକ୍ଟର ଜମିର କ୍ଷୟକ୍ଷତି



ଜଳେଶ୍ୱର, ୦୯/୧୨(ନିପ୍ର): ଜୱାଦ ଅପସରି ଯାଇଥିଲେ ମଧ୍ୟ ଚାଷୀଙ୍କ ଦୁର୍ଦ୍ଦଶା କମିନାହିଁ। ଏବେ ବର୍ଷା ବିପ୍ରାତ ଲାଗି ରହିଥିବାରୁ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳ ଚାଷୀଙ୍କ ପକ୍ଷେ ପାଣିରେ ବୁଡି ରହିଥିବା ଧାନକୁ ଅମଳ କରିବା ସମ୍ଭବ ହୋଇ ପାରୁନାହିଁ। ଧାନରୁ ଗଜା ବାହାରିଥିବାରୁ ଚାଷୀମାନଙ୍କୁ ସହାୟତା ଦାବିରେ ରାଜପୁର ବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖରିଫ ଧାନ ଅମଳବେଳେ ଅଚାନକ ବାତ୍ୟା ଜୱାଦ ଚାଷୀମାନଙ୍କ ମେରୁଦଣ୍ଡ ଭାଂଗି ଦେଇଛି। କୃଷିବିଭାଗର ବାରମ୍ବାର ସତର୍କତା ପରେ ମଧ୍ୟ ଚାଷୀ ତାର ସମସ୍ତ ଚାଷକୁ ଅମଳ କରିପାରି ନ ଥିଲା। କୃଷିବିଭାଗର ଆକଳନ ଅନୁଯାୟୀ ପ୍ରାୟ ୪ ହଜାର ହେକ୍ଟର ଜମିର ଧାନ ଅମଳ ହୋଇ ପାରିନଥିଲା। ଏହି ଧାନ ଗୁଡିକ ଜୱାଦ ବର୍ଷାପାଣିରେ ବୁଡି ରହିଥିଲା। ଜମିରୁ ପାଣି ନିଷ୍କାସିତ ହୋଇ ପାରିନଥିବା ବେଳେ ଏବେ ପୁଣି ବର୍ଷା ଲାଗି ରହିଥିବାରୁ ବିଲରେ ଥିବା ଧାନ ଗୁଡିକରୁ ଗଜା ବାହାରିଲାଣି। ସେହି ଧାନଗୁଡିକୁ ଅମଳ କରିବା ସମ୍ଭବ ହୋଇ ପାରୁନଥିବାରୁ ସେମାନଙ୍କୁ ସହାୟତା କରିବାଲାଗି ସମାଜସେବୀ କରୁଣାକର ଭୂୟାଁଙ୍କ ନେତୃତ୍ୱରେ ବାବାଜୀ ପ୍ରଧାନ, କୁଟୁରା ସିଟ୍, ପ୍ରଭାସ ଜେନା, ମନୁ ପ୍ରଧାନ, ଅତୁଲ ସାହୁ ପ୍ରମୁଖ ଏକ ଦାବିପତ୍ରରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ରାଜ୍ୟସଭାରେ ଉଠିଲା ଶ୍ରୀକୃଷ୍ଣ ଜନ୍ମଭୂମି ବିଷୟ : ସାଂସଦଙ୍କ ଦାବି ରଦ୍ଦ ହେଉ ୧୯୯୧ର ଆଇନ୍

ନୂଆଦିଲ୍ଲୀ,୦୯/୧୨: ରାଜ୍ୟସଭାରେ ଗୁରୁବାର ଦିନ ମଥୁରାରେ ଶ୍ରୀକୃଷ୍ଣ ଜନ୍ମଭୂମି ସହ ଯୋଡ଼ିଥିବା ଜମି ବିବାଦର ବିଷୟ ଉପରେ କଥା ଉଠିଛି ଏବଂ ଦାବି କରାଯାଇଛି ଯେ ପୂର୍ବସ୍ଥିତି ବଜାୟ ରଖିବା ସମ୍ପର୍କିତ ଆଇନକୁ ରଦ୍ଦ କରା ଯାଉ। ଶୂନ୍ୟକାଳ ମଧ୍ୟରେ ଭାରତୀୟ ଜନତା ପାର୍ଟିର ହରନାଥ ସିଂହ ଯାଦବ କହିଛନ୍ତି ଯେ ପୂଜା ସ୍ଥଳ(ବିଶେଷ ପ୍ରାବଧାନ) ଅଧିନିୟମ ୧୯୯୧ ଅସାମ୍ବିଧାନିକ ଅଟେ। ଏହି ଆଇନ୍ ଅନୁଯାୟୀ ୧୫ ଅଗଷ୍ଟ ୧୯୪୭ ପରେ ଦେଶରେ କୌଣସି ପୂଜା ସ୍ଥାନ ବଦଳିବାକୁ ରୋକିବା ଏବଂ କୌଣସି ପୂଜା ସ୍ଥାନର ଧାର୍ମିକ ଚରିତ୍ରକୁ ବନାଇ ରଖିବାର ପ୍ରାବଧାନ ଅଛି।

# ଫକୀରମୋହନ ଜୟନ୍ତୀ ଉପଲକ୍ଷେ ୫ଦିନ ସାହିତ୍ୟ ସଭା

ବାଲେଶ୍ୱର, ୦୯/୧୨ (ନି.ପ୍ର): ମସିହାରେ ପ୍ରତିଷ୍ଠା ହୋଇଥିବା ଫକୀରମୋହନ ସାହିତ୍ୟ ପରିଷଦ ଆସନ୍ତା ମକର ସଂକ୍ରାନ୍ତି ବେଳକୁ ୭୫ବର୍ଷରେ ପାଦ ଥାପୁଛି। ଏଣୁ ଆସନ୍ତା ଜାନୁଆରୀ ମାସ ୧୩ ତାରିଖଠାରୁ ୧୭ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଶାନ୍ତିକାନନଠାରେ ପରିଷଦର ରତ୍ନୋତ୍ସବ ସମାରୋହରେ ପାଳନ କରାଯିବ। ଏହି ଉପଲକ୍ଷେ ପରିଷଦ କାର୍ଯ୍ୟକାରୀ ସମିତିର ଏକ ଜରୁରୀ ବୈଠକ ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଶାନ୍ତିକାନନଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟର ବିଭିନ୍ନ ବିଭାଗରେ ପୁରସ୍କୃତ ହେବାକୁ ଥିବା ଓଡ଼ିଶାର ୨୦ ଜଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କର ନାମ ଉଦ୍ଦିଷ୍ଟ ପୁରସ୍କାର ସମିତିଦ୍ୱାରା ସ୍ଥିରୀକୃତ ହୋଇ ସ୍ୱୀକୃତି ନିମିତ୍ତ ଉପସ୍ଥାପିତ ହୋଇଥଲା। ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ ହୋଇନଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କର ନାମ ପ୍ରକାଶ କରାଯିବ। ଆସରରେ ଅର୍ଥ ସମିତି, ପତ୍ରିକା ଓ ମାନପତ୍ର ଗଠନ ସମିତି, ବିଜ୍ଞାପନ ଆଦାୟ ସମିତି, ଅତିଥି ଅଭ୍ୟର୍ଥନା ସମିତି, ଜୟନ୍ତୀ ସମିତି ଆଦି ବହୁ ଉପ ସମିତି ଗଠିତ ହୋଇ ସେମାନଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ପାଞ୍ଚଦିନିଆ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ମଧ୍ୟ ଉପସ୍ଥାପିତ ହେଲା। ଫକୀରମୋହନ ସାହିତ୍ୟ ପରିଷଦ ପ୍ରତି ହୋଇଆସୁଥିବା କେତେକ ଅସମ୍ମାନ ଜନକ କାର୍ଯ୍ୟର ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରକାଶ ଥାଉକି ଗତ ନିର୍ବାଚନରେ ପରାଜୟ ବରଣ କରିଥିବା କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି 'ଫକୀରମୋହନ ସାହିତ୍ୟ ପରିଷଦ ସମ୍ବିଧାନ ସୁରକ୍ଷା ମଞ୍ଚ' ନାମରେ ଏକ ଅଣ ପଞ୍ଜିକୃତ ସଂସ୍ଥା ଗଠନ କରିଛନ୍ତି। ଲୋକରତ୍ନ ଡ.କୁଞ୍ଜବିହାରୀ ଦାଶ, ତ୍ରିଲୋଚନ ମିଶ୍ର, ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି, ପ୍ରଫେସର ଗଙ୍ଗାଧର ବଳ, ଯଦୁନାଥ ଦାଶ ମହାପାତ୍ର, ବସନ୍ତ କୁମାର ଶତପଥୀ, ବ୍ରଜନାଥ ରଥ ଆଦି ମହାମନିଷୀମାନେ ଯେଉଁ ସମ୍ବିଧାନକୁ ପାଥେୟ କରି ପରିଷଦର ସଭାପତି ଆସନ ମଣ୍ଡନ କରିଥିଲେ ଆଜି କାହିଁକି ତାହା ଉପରୋକ୍ତ ବ୍ୟକ୍ତିମାନଙ୍କପାଇଁ ଅସୁରକ୍ଷିତ ଓ ଅପାଙ୍‌କ୍ତେୟ ହୋଇ ପଡ଼ିଲା ତାହା ଅଜ୍ଞାତ ବୋଲି ସମସ୍ତେ ମତ ଦେଇଥିଲେ। ତିନିଶହରୁ ଉର୍ଦ୍ଧ୍ୱ ସଦସ୍ୟମାନଙ୍କ ଉପସ୍ଥିତିରେ ଯାହା ସର୍ବଜନ ସ୍ୱୀକୃତ ହୋଇଥିଲା ତାହାହିଁ ଗତ ସାଧାରଣ ବୈଠକରେ କାର୍ଯ୍ୟକାରୀ ହୋଇଥିଲା। ସଦସ୍ୟମାନଙ୍କର ମତ ବିରୋଧରେ ଯାଇ ମିଥ୍ୟା ଓ ଛଳନା ମାଧ୍ୟମରେ ଖବରକାଗଜକୁ ଯେଉଁ ବିବୃତିମାନ ଦିଆଗଲା ତାହା ସମଗ୍ର ଓଡ଼ିଶାରେ ପରିଷଦର ସମ୍ମାନକୁ କ୍ଷୁଣ୍ଣ କରିଛି। ଏହାବ୍ୟତୀତ କଥିତ ମଞ୍ଚ ମାଧ୍ୟମରେ ଜଣେ ଚାକିରୀଜୀବୀ ଯୁଗ୍ମସଂପାଦିକାଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ଯେଉଁ ଦାବି ଉପରିସ୍ଥ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଗଲା ସେଥିରେ ଉପରୋକ୍ତ ବ୍ୟକ୍ତିମାନେ ମାନବିକତାକୁ ସମ୍ପୂର୍ଣ୍ଣଭାବରେ ଜଳାଞ୍ଜଳି ଦେଇ ଅସାହିତ୍ୟିକ ବାତାବରଣ ସୃଷ୍ଟି କରିଛନ୍ତି। ଏପରି କାର୍ଯ୍ୟ ସର୍ବଦା ନିନ୍ଦନୀୟ ବୋଲି ଉପସ୍ଥିତ ଥିବା ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ଦୀପକ ବୋଷ, ଡ.ସାରଙ୍ଗଧର ତ୍ରିପାଠୀ, କଲ୍ୟାଣୀ ନନ୍ଦ, ଡ.ହରିଶ୍ଚନ୍ଦ୍ର ବେହେରା, ଡ.ଶିରୀଶ ଚନ୍ଦ୍ର ଜେନା,ନିବାରଣ ଜେନା,ସୁକାନ୍ତ କୁମାର ଗିରି, ସ୍ମୃତି ଦାସ, ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ, ରଞ୍ଜନ କୁମାର ବାଗ, ବିଷ୍ଣୁ ପ୍ରସାଦ ମହାନ୍ତି, ରାଜେଶ ଗିରି ପ୍ରମୁଖ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ।

# ଓଏସଇଏଫଡି ସଂଘ ପକ୍ଷରୁ ଜିଲ୍ଲପାଳଙ୍କୁ ଦାବିପତ୍ର




ବାରିପଦା, ୦୯/୧୨ (ନି.ପ୍ର): ଆଜି ଓଡିଶା ସ୍ପେସାଲ ଏଜୁକେଟର ଫେଡେରେସନ ଫର ଦିବ୍ୟାଙ୍ଗ (ଓଏସଇଏଫଡି) ସଂଘ ପକ୍ଷରୁ ଜିଲ୍ଲପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି। ପ୍ରତି ବର୍ଷ ଡିସେମ୍ବର ୩ ତାରିଖ ଦିନ ସରକାରଙ୍କ ତରଫରୁ ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥାଏ। ଆଉ ଏଥିପାଇଁ ବିଭିନ୍ନ ଯୋଜନା ମଧ୍ୟ କରାଯାଉଅଛି ହେଲେ ଏହାର ସଠିକ ଭାବେ କାର୍ଯ୍ୟ ହେଉନଥିବା ଅଭିଯୋଗ କରିଛି ଓଏସଇଏଫଡି ସଂଘ। ଦିବ୍ୟାଙ୍ଗ ପିଲା ମାନଙ୍କ ପାଇଁ ଆରପିଡବ୍ଲୁଡି ଆକ୍ଟ ୨୦୧୬ ଅନୁଯାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଉଲ୍ଲେଖ ଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ୨ଜଣ ଲେଖାଏଁ ବିଆରଟି ଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ସାରା ବ୍ଲକରେ ମାତ୍ର ୨ଜଣ ଶିକ୍ଷକ ବୁଲିବୁଲି ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ଏହାକୁ ନଜରରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ୬ମାସ ମଧ୍ୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସରକାର ଏନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ଓଏସଇଏଫଡି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏନେଇ ଦାବୀପତ୍ର ପ୍ରଦାନ କରାଯାଇଛି। ଆଗମୀ ଦିନରେ ଅଗ୍ରାଧିକାର ଭିତିରେ ଯଦି ସରକାର ଏନେଇ କୌଣସି ପଦକ୍ଷେପ ନନିଅନ୍ତି ତେବେ ସଂଘ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ଅବିଭାବକ ମାନେ ମିଶି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ମଧ ଦିଆଯାଇଛି। ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶିକ୍ଷୟତ୍ରୀ ତାପଶୀ ମଡୁଆଳ, ସ୍ୱତନ୍ତ୍ର ଶିକ୍ଷକ ତାପସ ମଣ୍ଡଳଙ୍କ ନେତୃତ୍ୱରେ ବହୁ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଭଦ୍ରକରେ ପହଞ୍ଚିଲା ଶିଶୁ ଅଧିକାର ଅଭିଯାନ ରଥ : ପରିକ୍ରମା ପାଇଁ ଶୁଭାରମ୍ଭ କଲେ ଜିଲ୍ଲାପାଳ

ଭଦ୍ରକ, ୦୯/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ନଭେମ୍ବର ୧ ତାରିଖ ଠାରୁ ମାନବାଧିକାର ଦିବସ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିଥିବା ୪୦ ଦିନିଆ ଶିଶୁ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଆଧାରରେ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରୁଥିବା ଶିଶୁ ଅଧିକାର ଅଭିଯାନ ରଥ ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ସୁନ୍ଦର ରଙ୍ଗୋଲି, ଶିଶୁ ଅଧିକାର ସୁରକ୍ଷା ନେଇ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ଆଦି ପ୍ରଦର୍ଶନ କାର୍ଯ୍ୟକ୍ରମ ନେଇ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ସବଜୁ ପତାକା ହଲାଇ ଜିଲ୍ଲାରେ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ପ୍ରଦୀପ୍ତ କୁମାର କର ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ ଶିଶୁ ଅଧିକାର ଓ ରଥ ପରିକ୍ରମାର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଭଦ୍ରକ ସି.ଡି.ପି.ଓ. ସୁନନ୍ଦା ଦାସ ପ୍ରମୁଖ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୱାନ୍ ଷ୍ଟପ୍ ସେଣ୍ଟର, ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା ସହ ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ, ସଚେତନତା ରଥ ସହ ଭୁବନେଶ୍ୱରରୁ ଆସିଥିବା କର୍ମକର୍ତ୍ତା ମଧ ଏଠାରେ ଉପସ୍ଥିତ ରହି ଆନୁଷଙ୍ଗିକ ସହଯୋଗ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ରଥ ଭଦ୍ରକ, ଧାମନଗର ଓ ଭଣ୍ଡାରିପୋଖରୀ ପରିକ୍ରମା କରି ଯାଜପୁର ଜିଲ୍ଲାକୁ ଗସ୍ତ କରିବ। ଏହି ଉପଲକ୍ଷେ ରଥ ପରିକ୍ରମା ପଥରେ ଭଦ୍ରକର ଲାଙ୍ଗୁଡ଼ି, ଧାମନଗରର ସରେଇ, ଚୂଡ଼ାକୁଟୀ ଏବଂ ହବିବ୍ ନଗର, ଭଣ୍ଡାରିପୋଖରୀର ଉତ୍ତରବାଡ଼ ଏବଂ ରଣଜିତ ଠାରେ ରଥକୁ ସ୍ୱାଗତ କରାଯିବା ସହ ସଚେତନତା ଉଦ୍ଦେଶ୍ୟରେ ସିମୀତ ସମୟର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶେଷକରି ବାଲ୍ୟବିବାହକୁ 'ନା' ଏବଂ ଶିଶୁ ଅଧିକାର, ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର, ଅଂଶଗ୍ରହଣର ଅଧିକାର ବିଷୟରେ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା। ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟ, ଅଙ୍ଗନୱାଡ଼ି କର୍ମୀ, ଚାଇଲ୍ଡ ଲାଇନ୍ ସଦସ୍ୟ ଓ ଆଞ୍ଚଳିକ ବାସିନ୍ଦା ଓ ଶିଶୁ ଏହି ପଥପ୍ରାନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ବାତ୍ୟାଜନିତ ବର୍ଷା ଯୋଗୁଁ ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀଯୁକ୍ତ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo